
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ବୁଧବାର ୨୭ ଅଗଷ୍ଟ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 27 August 2025
Vol.No. 36 ■ No.226 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଛି
ବାର୍ଷିକ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net


## ଆଜିଠାରୁ ସ୍ଥିତି ସ୍ୱାଭାବିକ ହେବ: ସର୍ବୋଚ୍ଚ ଯନ୍ତ୍ରୀ

ଭୁବନେଶ୍ୱର, ୨୬/୮ (ନି.ପ୍ର): ରାଜ୍ୟରେ ବନ୍ୟା ସ୍ଥିତି ନେଇ ଜଳସଂପଦ ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ ସୂଚନା ଦେଇଛନ୍ତି । ସେ କହିଛନ୍ତି ଖସୁଛି ଜଳସ୍ତର ତଥାପି ବିପଦ ସଂକେତ ଉପରେ ସୁବର୍ଣ୍ଣ ରେଖା । ରାଜଘାଟରେ ଜଳସ୍ତର ଏବେ ୧୦.୭୧ ମିଟର ଅଛି । ଆଜି ସନ୍ଧ୍ୟା ସୁଦ୍ଧା ବିପଦ ସଂକେତ ତଳକୁ ଖସିବ ବୋଲି ଆଶା କରାଯାଉଛି । ଆସନ୍ତାକାଲି ଭୋର ସମୟରେ ସତର୍କ ସଂକେତ ତଳକୁ ଆସିବ । ଆଖୁଆପଦାରେ ବୈତରଣୀ ବିପଦ ସଂକେତ ତଳେ ଅଛି । ବଂଶଧରା, ନାଗାବଳି ଓ କୋଲାବରେ ସାମାନ୍ୟ ଅଧିକ ବର୍ଷା ହୋଇଛି । ହୀରାକୁଦରେ ୧ ଲକ୍ଷ ୭୪ ହଜାର କ୍ୟୁସେକ ଜଳ ପ୍ରବେଶ କରୁଛି । ଚାରୋଟି ଗେଟ ବନ୍ଦ ହେବାରୁ ୮ ଗେଟ ଦେଇ ଜଳ ନିଷ୍କାସନ ହେଉଛି । ଆସନ୍ତାକାଲି ଠାରୁ ସ୍ଥିତି ସ୍ୱାଭାବିକ ହେବ । ବାଲେଶ୍ୱରରେ ବନ୍ୟା ଯୋଗୁଁ ବସ୍ତା, ଭୋଗରାଇ, ବାଲିଆପାଳ, ଜଳେଶ୍ୱର ପ୍ରଭାବିତ ହୋଇଛି ।

# ଆଜିଠୁ ଭାରତ ଉପରେ ଅତିରିକ୍ତ ୨୫ ପ୍ରତିଶତ ଶୁଳ୍କ ଲଗାଇବ ଆମେରିକା



ନୂଆଦିଲ୍ଲୀ,୨୬/୮ : ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତ ଉପରେ ୫୦ ପ୍ରତିଶତ ଶୁଳ୍କ ଲାଗୁ କରିବା ପାଇଁ ଏକ ନୋଟିସ୍ ଜାରି କରିଛନ୍ତି। ଏଥିରେ କୁହାଯାଇଛି ଯେ, ନୂତନ ଶୁଳ୍କ ବ୍ୟବସ୍ଥା ୨୭ ଅଗଷ୍ଟ ରାତି ୧୨.୦୧ ରୁ ଲାଗୁ ହେବ। ଏହା ଦ୍ୱାରା ଟ୍ରମ୍ପ୍ ଏବଂ ଭାରତ ମଧ୍ୟରେ ଦୂରତା ଆହୁରି ବଢ଼ିବାକୁ ଯାଉଛି। ଭାରତ ରୁଷିଆରୁ ତେଲ କିଣିବା ଯୋଗୁ ଟ୍ରମ୍ପ୍ କ୍ଷୁବ୍ଧ ହୋଇଛନ୍ତି। ସେ ଏନେଇ ନିଜର ଅସନ୍ତୋଷ ମଧ୍ୟ ପ୍ରକାଶ କରିଛନ୍ତି। ଟ୍ରମ୍ପ୍ ପ୍ରଶାସନ କହିଛି ଯେ, ଭାରତ ରଷିଆଠାରୁ ତେଲ କ୍ରୟ ଜାରି ରଖିବା ଜାତୀୟ ସୁରକ୍ଷା ପାଇଁ ଚିନ୍ତାର ବିଷୟ। ଆମେରିକାର ଗୃହ ସୁରକ୍ଷା ବିଭାଗ କଷ୍ଟମ୍ସ ଏବଂ ସୀମା ସୁରକ୍ଷା ମାଧ୍ୟମରେ ଶୁଳ୍କ ବିଷୟରେ ସୂଚନା ସେୟାର କରିଛି। ଟ୍ରମ୍ପ୍ ଏହା ମାଧ୍ୟମରେ ଭାରତ ଉପରେ ଚାପ ବୃଦ୍ଧି କରିବାକୁ ଚାହୁଁଛନ୍ତି । ସେ ପ୍ରଥମେ ଭାରତ ଉପରେ ୨୫ ପ୍ରତିଶତ ଶୁଳ୍କ ଲାଗୁ କରିଥିଲେ, କିନ୍ତୁ ପରେ ଏହାକୁ ୫୦ ପ୍ରତିଶତକୁ ବୃଦ୍ଧି କରିଥିଲେ । ଟ୍ରମ୍ପ୍ ରୁଷିଆ ସହିତ ସମ୍ପର୍କ ରଖୁଥିବା ଦେଶଗୁଡ଼ିକ ଉପରେ ଚାପ ବୃଦ୍ଧି କରୁଛନ୍ତି । ଭାରତ ଏବଂ ରୁଷିଆ ମଧ୍ୟରେ ଭଲ ବନ୍ଧୁତା ଅଛି ଏବଂ ଉଭୟଙ୍କ ମଧ୍ୟରେ ବାଣିଜ୍ୟ ଜାରି ରହିଛି। ଟ୍ରମ୍ପ୍ କହିଛନ୍ତି , ଭାରତ ରୁଷିଆଠାରୁ ତେଲ କିଣି ପରୋକ୍ଷ ଭାବରେ ୟୁକ୍ରେନ ଯୁଦ୍ଧକୁ ପାଣି ଯୋଗାଇ ଦେଉଛି । ରୁଷିଆ ଏବଂ ୟୁକ୍ରେନ ମଧ୍ୟରେ ଯୁଦ୍ଧ ବହୁତ ଦିନ ଧରି ଚାଲିଛି । ଏହାକୁ ସମାପ୍ତ କରିବା ପାଇଁ ଟ୍ରମ୍ପ୍ ୟୁକ୍ରେନ ରାଷ୍ଟ୍ରପତି ଭୋଲଡମିୟର ଜେଲେନସ୍କି ଏବଂ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନଙ୍କ ସହ ମଧ୍ୟ ବୈଠକ କରିଥିଲେ । ଭାରତର ବୈଦେଶିକ ମନ୍ତ୍ରଣାଳୟ ୫୦ ପ୍ରତିଶତ ଶୁଳ୍କକୁ ଭୁଲ୍ ବୋଲି କହିଥିଲା । ଏହାକୁ ଅନ୍ୟାୟ ବୋଲି କହିଥିଲା । ଭାରତ କହିଛି ଯେ, ଆମେ ଶକ୍ତି ଆବଶ୍ୟକତା ଏବଂ ଜାତୀୟ ସ୍ୱାର୍ଥକୁ ଧ୍ୟାନରେ ରଖି ରୁଷିଆରୁ ତେଲ କିଣୁଛୁ। ଭାରତ ଏହା ମଧ୍ୟ କହିଛି ଯେ, ଯେଉଁଠାରୁ ତେଲ ଶସ୍ତାରେ ମିଳିବ ସେଠାରୁ ତେଲ କିଣାଯିବ । ଭାରତ ଏବଂ ଆମେରିକା ମଧ୍ୟରେ ଏକ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷରିତ ହେବାକୁ ଥିଲା , ଯାହା ଟ୍ରମ୍ପଙ୍କ ଜିଦ୍ ଯୋଗୁ ଅଟକି ରହିଛି। ଟ୍ରମ୍ପ୍ ଚାହୁଁଛନ୍ତି, ଭାରତ ତାଙ୍କ ପାଇଁ କୃଷି ଏବଂ ଦୁଗ୍ଧ କ୍ଷେତ୍ରକୁ ସମ୍ପୂର୍ଣ୍ଣ ଖୋଲି ଦେଉ, କିନ୍ତୁ ଭାରତ ଏଥିପାଇଁ ପ୍ରସ୍ତୁତ ନୁହେଁ । ଏହି ପ୍ରସଙ୍ଗରେ ସେ କହିଛନ୍ତି ଯେ, କୃଷକମାନଙ୍କ ସହ ଜଡିତ ପ୍ରସଙ୍ଗରେ କୌଣସି ସାଲିସ୍ ହୋଇପାରିବ ନାହିଁ।

## ନୂଆଁଖାଇ ପାଇଁ ୨୯ ତାରିଖକୁ ଛୁଟି ଘୋଷଣା କଲେ ରାଜ୍ୟ ସରକାର

ଭୁବନେଶ୍ୱର, ୨୬/୮ (ନି.ପ୍ର):୨୯ ତାରିଖକୁ ସରକାରୀ ଛୁଟି ଘୋଷଣା । ନୂଆଁଖାଇ ପର୍ବ ଉପଲେକ୍ଷେ ୨୯ ତାରିଖକୁ ଛୁଟି ଘୋଷଣା କଲେ ରାଜ୍ୟ ସରକାର। ଏନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ୨୯ ତାରିଖରେ ସବୁ ସରକାରୀ କାର୍ଯ୍ୟାଳୟ ସହ ମାଜିଷ୍ଟ୍ରେରିଆଲ କୋର୍ଟ ଛୁଟି ରହିବ। ଏଥିପାଇଁ ସେପଟ୍ମେବର ୧୩ ଦ୍ୱିତୀୟ ଶନିବାରକୁ କାର୍ଯ୍ୟଦିବସ ଘୋଷଣା କରାଯାଇଛି । ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ । ଅଧିଷ୍ଠାତ୍ରୀ ଦେବୀଙ୍କ ପାଖରେ ନୂଆଁ ଖାଦ୍ୟ ଲଗାଇବା ପରେ, ପରିବାର ସହ ଏକାଠି ବସିବେ ସମସ୍ତେ । ନୂଆଁ ଅନ୍ନ ସହ ଭଳି ଭଳିକା ଖାଦ୍ୟ ଖାଇବେ । ସମ୍ବଲପୁରରେ ମାଆ ସମଲେଶ୍ୱରୀଙ୍କ ପାଖରେ ଓ ବଲାଙ୍ଗିରର ମାଆ ପାଟଣେଶ୍ୱରୀଙ୍କ ପାଖରେ ନୂଆ ଖାଦ୍ୟ ଲାଗି କରାଯିବ । ପ୍ରଥମେ ପରିବାର ବଡ଼ବଡ଼ୁଆଙ୍କୁ ମୁଣ୍ଡିଆ ମାରି ଆସର ବସିବ । ପରେ ନୂଆଁଖାଇ ପାଳନ ହେବ । ଏଥିପାଇଁ ରାଜ୍ୟ ତଥା ରାଜ୍ୟ ବାହାରେ ଥିବା ଲୋକେ ନିଜ ନିଜ ଘରକୁ ଯାଇଛନ୍ତି । ସହରରେ ଥିବା ଲୋକେ ଗାଁକୁ ଓ ରାଜ୍ୟ ବାହାରେ ରହୁଥିବା ଲୋକେ ଘରକୁ ଫେରୁଛନ୍ତି । ବିଶେଷ କରି ଏହା ଏକ କୃଷିଭିତ୍ତିକ ପର୍ବ । ପଶ୍ଚିମ ଓଡ଼ିଶା ବାସୀଙ୍କର ମୁଖ୍ୟଜୀବିକା ହେଉଛି କୃଷି । ▶▶ପୃଷ୍ଠା ୭

## ଗଠନ ହେଲା ଶ୍ରୀମନ୍ଦିର ପରିଚାଳନା କମିଟି: ତାଲିକାରେ ୧୦ ସଦସ୍ୟ



ପୁରୀ, ୨୬/୮ (ନି.ପ୍ର): ଗଠନ ହେଲା ଶ୍ରୀମନ୍ଦିର ପରିଚାଳନା କମିଟି । ୧୦ ଜଣିଆ ପରିଚାଳନା କମିଟି ଗଠନ କରିଛନ୍ତି ରାଜ୍ୟ ସରକାର । ଏନେଇ ଆଇନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । କମିଟିରେ ସ୍ଥାନ ପାଇଛନ୍ତି ୧୦ ଜଣ ସଦସ୍ୟ । ମୁକ୍ତିମଣ୍ଡପ ପ୍ରତିନିଧି ସିଦ୍ଧେଶ୍ୱର ମହାପାତ୍ର, ସେବକ ପ୍ରତିନିଧି କୃଷ୍ଣଚନ୍ଦ୍ର ସାମନ୍ତରାୟ, ମଧୁସୂଦନ ସିଂହାରୀ, ସେବକ ପ୍ରତିନିଧି ଜଗନ୍ନାଥ ପୂଜାପଣ୍ଡା, ଗଣେଶ ଦାସମହାପାତ୍ର, ସେବକ ପ୍ରତିନିଧି ରାମନାରାୟଣ ଗୋଚ୍ଛିକାର, ମଠ ପ୍ରତିନିଧି ଭାବେ ସ୍ଥାନ ପାଇଲେ ରଘୁବୀର ଦାସମହାରାଜ, ପୂର୍ବତନ ସିଏଜି ଗିରିଶ ଚନ୍ଦ୍ର ମୁର୍ମୁ, ଚାଟାର୍ଡ ଆକାଉଣ୍ଟାଣ୍ଟ ଏକେ ସାବତ ଓ ମହେଶ କୁମାର ସାହୁ ପରିଚାଳନା କମିଟିରେ ସ୍ଥାନ ପାଇଛନ୍ତି । ପାଖାପାଖି ଗୋଟିଏ ବର୍ଷ ହେବ ଗଠନ ହୋଇନଥିଲା ଶ୍ରୀମନ୍ଦିର ପରିଚାଳନା କମିଟି । ▶▶ପୃଷ୍ଠା ୭

## ମଣିପୁରରେ ବଡ ସଫଳତା- ବିପୁଳ ପରିମାଣରେ ଅସ୍ତ୍ରଶସ୍ତ୍ର ଜବତ: ଅନେକ ଗିରଫ

ନୂଆଦିଲ୍ଲୀ,୨୬/୮ : ସୁରକ୍ଷା ବଳ ଓ ମଣିପୁର ପୁଲିସ ପକ୍ଷରୁ ସାରା ରାଜ୍ୟରେ ଚାଲୁଥିବା ଅଭିଯାନରେ ଅନେକ ସଫଳତା ମିଳିଛି। ମିଳିତ ଟିମ୍ କେବଳ ବିପୁଳ ପରିମାଣରେ ଅସ୍ତ୍ର-ଶସ୍ତ୍ର ଓ ବିସ୍ଫୋରକ ଜବତ କରିନାହାନ୍ତି, ବରଂ ବିଭିନ୍ନ ସକ୍ରିୟ ଉଗ୍ରବାଦୀ ସଂଗଠନର କ୍ୟାଡରମାନଙ୍କୁ ମଧ୍ୟ ଗିରଫ କରିଛନ୍ତି। ସେହି ସହିତ ଗାଡ଼ି ଚୋରି ଘଟଣାରେ ଜଡିତ ଅଭିଯୁକ୍ତମାନଙ୍କୁ ଗିରଫ କରି ଚୋରି ହୋଇଥିବା ଯାନବାହନ ମଧ୍ୟ ଉଦ୍ଧାର କରାଯାଇଛି। ସୋମବାର ଦିନ ସବୁଠୁ ବଡ଼ ସଫଳତା ମିଳିଛି ସୁଗୁ ଥାନା କ୍ଷେତ୍ରର ସିଙ୍ଗତୋଙ୍ଗ ଗାଁ (କାକଚିଂ ଜିଲ୍ଲା) ରେ, ଯେଉଁଠାରେ ତଲାଶି ଅଭିଯାନ ସମୟରେ ସୁରକ୍ଷା ବଳ ଏକ ବଡ଼ ଅସ୍ତ୍ର ଭଣ୍ଡାର ଜବତ କରିଛି। ଜବତ ଅସ୍ତ୍ର ଓ ବିସ୍ଫୋରକ ମଧ୍ୟରେ ୧ଟି ଇନ୍‌ସାସ୍ ରାଇଫଲ୍ (ଖାଲି ମ୍ୟାଗଜିନ୍ ସହିତ), ୧ଟି ବୋଲ୍ଟ ଏକ୍ସନ୍ ରାଇଫଲ୍, ▶▶ପୃଷ୍ଠା ୭

## କଟକରେ ହାଇଡ୍ରାମା ରାଜନୀତି: ସୋଫିଆ-ସୁବାସ ମୁହାଁମୁହିଁ



କଟକ, ୨୬/୮ (ନି.ପ୍ର): ସୋଫିଆ-ସୁବାସ ମୁହାଁମୁହିଁ । ସିଏମସି ମେୟରଙ୍କୁ ନ ଡାକି ସମୀକ୍ଷା ବୈଠକ କଲେ ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ । କମିଶନର ଓ ଅଧିକାରୀଙ୍କ ସହ ସୋଫିଆ ଫିର୍ଦ୍ଦୋସଙ୍କ ବୈଠକକୁ ନେଇ ଖପ୍ପା ହେଲେ ସିଏମସି ମେୟର ସୁବାସ ସିଂ । ସୋଫିଆ କହିଛନ୍ତି, ମେୟର କଟକ ସହରକୁ ବୁଡ଼ାଇ ଦେଇଛନ୍ତି। ସମୀକ୍ଷା କରି ପାରୁନାହାଁନ୍ତି । ବିଧାୟିକା ହିସାବରେ ସମୀକ୍ଷା କରିପାରିବି ଓ ସେଥିପାଇଁ କରୁଛି। ଜବାବରେ ସୋଫିଆଙ୍କୁ ଆକ୍ସିଡେଣ୍ଟାଲ ଏମଏଲଏ କହି ତାଚ୍ଛଲ୍ୟ କଲେ ମେୟର ସୁବାସ ସିଂ। ଏଥିସହ ପ୍ରଶ୍ନ କରିଛନ୍ତି ତାଙ୍କୁ ସମୀକ୍ଷା କରିବା ପାଇଁ ଅଧିକାର ଦେଲା କିଏ । ସେ ପ୍ରସ୍ତାବ ଦେଇପାରିବେ । କଟକକୁ ତାଙ୍କ ପରିବାର ବିପର୍ଯ୍ୟସ୍ତ କରିଛି ଓ ପୋଖରୀ ପୋତି ବ୍ୟବସ୍ୟାୟ କରିଛନ୍ତି । ଏଭଳି ବିଧାୟିକାଙ୍କୁ ଦେଖିବା କଟକବାସୀଙ୍କ ପାଇଁ ଦୁର୍ଭାଗ୍ୟ ବୋଲି କହିଛନ୍ତି ସୁବାସ ସିଂ । ଏମିତିକି ଉଭୟ ଉଭୟଙ୍କୁ ବ୍ୟକ୍ତିଗତ ଆକ୍ଷେପ କରିବାକୁ ମଧ୍ୟ ପଛେଇ ନାହାଁନ୍ତି । ▶▶ପୃଷ୍ଠା ୭

## ଆରମ୍ଭ ହେଲା 'ଆମ ଶାସନ': ଫୋନ କଲେ ମୁଖ୍ୟମନ୍ତ୍ରୀ, ପଚାରିଲେ ପାଉଛ ତ ସରକାରୀ ସୁବିଧା ?




ରାଜ୍ୟରେ ଆରମ୍ଭ ହେଲା 'ଆମ ଶାସନ' । ଜନସେବାର ଏହି ନୂତନ ପଦକ୍ଷେପକୁ ଶୁଭାରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଆମ ଶାସନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହ ସାଧାରଣ ଲୋକଙ୍କୁ ଫୋନ୍ କରି ବିଭିନ୍ନ ଯୋଜନା ବାବଦରେ ମତାମତ ନେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଆଗକୁ ମନ୍ତ୍ରୀ ଓ ବିଭାଗୀୟ ଅଧିକାରୀ ମଧ୍ୟ ଲୋକଙ୍କ ସହ ସିଧାସଳଖ ଫୋନ୍ କରି ଆଲୋଚନା କରିବେ । ସରକାରଙ୍କ ସେବା କିଭଳି ମିଳୁଛି ସେ ବାବଦରେ ନେବେ ଫିଡବ୍ୟାକ୍ । ରାଜ୍ୟ ସରକାର ଯୋଗାଉଥିବା ସବୁସେବା ଠିକ୍ ଭାବେ ଉପଲବ୍ଧ ହେଉଛି କି ନାହିଁ, ସେନେଇ ଲୋକଙ୍କଠାରୁ ମତାମତ ନିଆଯିବ । କ୍ଷେତ୍ର ପରିଦର୍ଶନ ସମୟରେ ସମୟରେ ସରକାରୀ ଅଧିକାରୀମାନେ ମୋବାଇଲ୍ ଆପ୍ ମାଧ୍ୟମରେ ଲୋକଙ୍କ ମତାମତ ନେବେ । ଫେସବୁକ୍, ଏକ୍ସ, ହ୍ୱାଟ୍ସଆପ୍, ୱେବସାଇଟ୍ ଚାର୍ଟବଟ୍ ଏବଂ ସିଧାସଳଖ ଟୋଲ୍ ଫ୍ରି ନମ୍ବର- ୧୪୪୭୧କୁ ଫୋନ୍ କରି ମତାମତ ଦେଇପାରିବେ ସାଧାରଣ ଜନତା । ପୂର୍ବରୁ ନାରୀ ସୁରକ୍ଷା ଓ ସାଧାରଣ ଲୋକଙ୍କ ସୁବିଧାକୁ ନେଇ ଅନେକ ପଦକ୍ଷେପ ନେଇଛନ୍ତି ମୁଖ୍ୟମନ୍ତ୍ରୀ । ନାରୀ ସୁରକ୍ଷା କ୍ଷେତ୍ରରେ ସବୁବେଳେ ଆକ୍ସନ ମୋଡରେ ପୋଲିସ ରହୁ ବୋଲି ନିର୍ଦ୍ଦେଶ ଦେଇଥିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଛାତ୍ରଛାତ୍ରୀଙ୍କ ସୁରକ୍ଷା ପାଇଁ ସ୍କୁଲ ଓ କଲେଜ ଅଞ୍ଚଳରେ ନିୟମିତ ପାଟ୍ରୋଲିଂ କରିବାକୁ କହିଥିଲେ । ରାଜ୍ୟରେ ଆଇନ୍ ଶୃଙ୍ଖଳା ପରିସ୍ଥିତି ସମୀକ୍ଷା କରି ଏହି ନିର୍ଦ୍ଦେଶ ଦେଇଥିଲେ ▶▶ପୃଷ୍ଠା ୭

## ରାହୁଲ ଦେଖିଲେଣି ଓଡ଼ିଶା ଦଖଲ ସ୍ୱପ୍ନ ସଙ୍ଗଠନ 'ସୃଜନ'ରେ ହାତକୁ ଉଠାଇବାକୁ ଯୋଜନା



ନୂଆଦିଲ୍ଲୀ,୨୬/୮ : ଓଡ଼ିଶାରେ କଂଗ୍ରେସ ପାଇଁ ବଡ଼ ସମ୍ଭାବନା ରହିଛି । ଏକଥା ଅନୁଭବ ପରେ ଓଡ଼ିଶା ଉପରେ ସ୍ୱତନ୍ତ୍ର ନଜର ଦେଉଛନ୍ତି ରାହୁଲ ଗାନ୍ଧୀ । ଏଥିପାଇଁ 'ସୃଜନ' ବୈଠକରେ ସଙ୍ଗଠନକୁ ମଜଭୁତ କରିବାକୁ ରାଜ୍ୟ ନେତାଙ୍କୁ ଦେଇଛନ୍ତି ଆହ୍ୱାନ । ସୋମବାର ଦିଲ୍ଲୀ ଇନ୍ଦିରା ଭବନରେ ବସିଥିବା ବୈଠକରେ ରାହୁଲ ଗାନ୍ଧୀ ରାଜ୍ୟନେତାଙ୍କୁ ପରାମର୍ଶ ଦେବା ଛଳରେ କହିଛନ୍ତି,ଦଳୀୟ ମୁଖ୍ୟାଳୟରେ ବସି ଜିଲ୍ଲା ସଭାପତି ବାଛିବା ବନ୍ଦ କର । ଏଣିକି ସଙ୍ଗଠନରେ ସୁପାରିସ ଆଉ ଚାଲିବ ନାହିଁ । ସେପଟ୍ମେବର ୨ ରେ ଓଡ଼ିଶା ଆସି ଜିଲ୍ଲା ବୁଲିବେ ଏଆଇସିସିର ୩୫ ଜଣ ପର୍ଯ୍ୟବେକ୍ଷକ । ୧୪ ସୁଦ୍ଧା ଏଆଇସିସିକୁ ▶▶ପୃଷ୍ଠା ୭

## ଆରଏସଏସ ଗୀତ ଗାଇଥିବାରୁ ଶେଷରେ କ୍ଷମା ମାଗିଲେ ଶିବକୁମାର



ନୂଆଦିଲ୍ଲୀ,୨୬/୮ : ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସଏସ)ର ପ୍ରାର୍ଥନା ଗୀତ ଗାଇ ଦଳ ଭିତରେ ସମାଲୋଚନାର ସମ୍ମୁଖୀନ ହେଉଥିବା କର୍ଣ୍ଣାଟକ ଉପମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର ମଙ୍ଗଳବାର ଦିନ କହିଛନ୍ତି ଯେ ରାଜ୍ୟ ବିଧାନସଭାରେ ଏହି ଗୀତ ଗାଇଥିବାରୁ ଯଦି କାହାର ଭାବନାକୁ ଆଘାତ ଲାଗିଛି, ତେବେ ସେ କ୍ଷମା ମାଗୁଛନ୍ତି । ଶିବକୁମାର କହିଛନ୍ତି ଯେ ସେ ଜଣେ କଂଗ୍ରେସ ସଦସ୍ୟ ଏବଂ ମୃତ୍ୟୁ ପର୍ଯ୍ୟନ୍ତ କଂଗ୍ରେସ ସଦସ୍ୟ ରହିବେ। ବାସ୍ତବରେ ଶିବକୁମାର କଂଗ୍ରେସର କର୍ଣ୍ଣାଟକ ୟୁନିଟର ସଭାପତି ▶▶ପୃଷ୍ଠା ୭

## ବୈଷ୍ଣୋଦେବୀଙ୍କ ପୀଠରେ ଭୂସ୍ଖଳନ : ୫ ମୃତ, ୧୪ ଗୁରୁତର



ନୂଆଦିଲ୍ଲୀ,୨୬/୮ : ଜମ୍ମୁ-କାଶ୍ମୀରର ରିୟାସି ଜିଲ୍ଲାରେ ତ୍ରିକୁଟା ପାହାଡ଼ରେ ଥିବା ମାତା ବୈଷ୍ଣୋ ଦେବୀ ମନ୍ଦିରକୁ ଯିବା ରାସ୍ତାରେ ମଙ୍ଗଳବାର ଦିନ ଭୂସ୍ଖଳନ ହୋଇଛି । ଅର୍ଦ୍ଧକୁଆଁରୀ ପାଖରେ ଭୂସ୍ଖଳନ ହୋଇ ୫ ଜଣ ଶ୍ରଦ୍ଧାଳୁଙ୍କର ମୃତ୍ୟୁ ହୋଇଛି ଏବଂ ୧୪ ଜଣ ଆହତ ହୋଇଥିବାର ସୂଚନା ଜାତୀୟ ଗଣମାଧ୍ୟମରୁ ମିଳୁଛି । ଏବେ ବି ଘଟଣାସ୍ଥଳରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ଆହୁରି କିଛି ଶ୍ରଦ୍ଧାଳୁ ମାଟି ତଳେ ଚାପି ହୋଇ ରହିଥିବା ଆଶଙ୍କା କରାଯାଉଛି । ଜମ୍ମୁ-କାଶ୍ମୀରର ଅନେକ ସ୍ଥାନରେ ଲଗାତାର ତୃତୀୟ ଦିନରେ ମଧ୍ୟ ପ୍ରବଳ ବର୍ଷା ହେଉଛି, ଯେଉଁ କାରଣରୁ ତ୍ରିକୁଟା ପାହାଡ଼ରେ ଭୂସ୍ଖଳନ ହୋଇଛି । ସୂଚନାଯୋଗ୍ୟ ଯେ ଜମ୍ମୁ ଡିଭିଜନରେ ପ୍ରବଳ ବର୍ଷା। କାରଣରୁ ଏପର୍ଯ୍ୟନ୍ତ ୮ ଜଣଙ୍କର ମୃତ୍ୟୁ ହୋଇସାରିଛି । ଏମାନଙ୍କ ମଧ୍ୟରୁ ୫ ଜଣ ଶ୍ରଦ୍ଧାଳୁ ଥିବା ଜଣାପଡ଼ିଛି । ଯେଉଁମାନେ ମାତା ବୈଷ୍ଣୋ ଦେବୀଙ୍କ ଦର୍ଶନ କରିବାକୁ ଆସିଥିଲେ । ୨୪ରୁ ଅଧିକ ଘର ଏବଂ ପୋଲ ଭାଙ୍ଗି ଯାଇଛି । ଜମ୍ମୁରେ ପ୍ରାୟ ସମସ୍ତ ଜଳାଶୟ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି, ଯେଉଁ କାରଣରୁ ସହର ଏବଂ ଅନ୍ୟ ସ୍ଥାନରେ ଅନେକ ତଳିଆ ଅଞ୍ଚଳ ଓ ରାସ୍ତାରେ ପାଣି ଜମି ରହିଛି । ମୁଖ୍ୟମନ୍ତ୍ରୀ ଓମର ଅବଦୁଲ୍ଲା କହିଛନ୍ତି ଯେ ଜମ୍ମୁ ଡିଭିଜନର ଅନେକ ସ୍ଥାନରେ ସ୍ଥିତି ଅତ୍ୟନ୍ତ ଗମ୍ଭୀର ରହିଛି । ସେ ନିଜେ ସ୍ଥିତି ଉପରେ ନଜର ରଖିବା ପାଇଁ ଶ୍ରୀନଗରରୁ ଫ୍ଲାଇଟରେ ଜମ୍ମୁ ଆସିବେ ।

# ଗଣ ଦେବତା ଶ୍ରୀଗଜାନନ

## ଡକ୍ଟର ଲକ୍ଷ୍ମଣ ସାହୁ

ଭାରତୀୟ ସଂସ୍କୃତିର ପ୍ରବହମାନ ଧାରାରେ ଜାତି, ଧର୍ମ, ବର୍ଣ୍ଣ, ସଂପ୍ରଦାୟ ନିର୍ବିଶେଷରେ ବିଘ୍ନରାଜ ବିନାୟକ ସର୍ବପୂଜ୍ୟ ଗଣ ଦେବତାର ଆସନ ଅଳଙ୍କୃତ କରି ଶ୍ରୀଗଣେଶ ନାମରେ ଖ୍ୟାତ ହୋଇଛନ୍ତି । ଋଗ୍‌ବେଦ ଦ୍ୱିତୀୟ ମଣ୍ଡଳାନୁସାରେ ଗଣନାଥ ଗଣେଶ ଉପାସନାର ପ୍ରାଚୀନତମ ନିଦର୍ଶନ ସୂଚନା ମିଳେ । ଏହି ସୂକ୍ତରେ ଶ୍ରୀଗଣେଶଙ୍କୁ ସର୍ବ ଦେବତାମାନଙ୍କ ମଧ୍ୟରେ ଶ୍ରେଷ୍ଠ । କବିମାନଙ୍କ ମଧ୍ୟରେ ବରେଣ୍ୟ ତଥା ଜ୍ୟେଷ୍ଠ ଓ ଶ୍ରେଷ୍ଠ ରୂପରେ ପ୍ରତିପାଦନ କରାଯାଇଛି । ସେଭଳି ଯଜୁର୍ବେଦରେ ମଧ୍ୟ ଋଗ୍‌ବେଦ ସୂକ୍ତର ଏକ ଭିନ୍ନ ରୂପ ପରିଲକ୍ଷିତ ହୁଏ । ତେଣୁ ଭାରତୀୟ ଧର୍ମ ଧାରାରେ ବୈଦିକ କାଳରୁ ଶ୍ରୀଗଣପତିଙ୍କ ଉପାସନାର ଉନ୍ମେଷ ଘଟିଥିବା ଜଣାଯାଏ ।

ଗଣଙ୍କର ଈଶ ବା ଈଶ୍ୱର ହେଉଛନ୍ତି ଶ୍ରୀଗଣେଶ । ସବୁ ଦେବାଦେବୀଙ୍କ ପୂଜା ଆରମ୍ଭରେ ସେ ପୂଜାପାଆନ୍ତି । ଶିବ ପୁରାଣ ଅନୁଯାୟୀ ଦେବୀ ପାର୍ବତୀ ନିଜ ଦେହରୁ ନିର୍ଗତ ମଇଳାରୁ ଏକ ମୂର୍ତ୍ତି ଗଠନ କଲେ ଓ ତାକୁ ଜୀବଦାନ ଦେଲେ । ତେଣୁ ପାର୍ବତୀ ଓ ଶିବଙ୍କର ସେ କନିଷ୍ଠ ପୁତ୍ର । କାର୍ତ୍ତିକେୟଙ୍କର ସେ ସାନଭାଇ । ବାଧ୍ୟ ହୋଇ ଗଣେଶ ମା' ପାର୍ବତୀଙ୍କ କଥାମାନି ଦ୍ୱାର ଜଗିଥିବାବେଳେ ଶିବଙ୍କୁ ମା'ଙ୍କ ନିର୍ଦ୍ଦେଶରେ ଭିତରକୁ ଛାଡିନଥିଲେ । ଫଳତଃ ତାଙ୍କର ମହାକ୍ରୋଧୀ ଦେବଦେବ ମହାଦେବଙ୍କ ସହିତ ଯୁଦ୍ଧ ହେଲା । ଯାହା ଫଳରେ ପାର୍ବତୀଙ୍କ ମାନସପୁତ୍ର ଗଣେଶଙ୍କର ଶେଷରେ ପରାଜୟ ହେବା ସହିତ ନିଧନ ବି ହେଲେ । ମା ପାର୍ବତୀ ଏକଥା ସହ୍ୟ କରିନପାରିବାରୁ , ସବୁ ଦେବତା ଏକଜୁଟ ହେଇ କ'ଣ କରାହେବ ସେକଥା ଭାବିଲେ । ଯାହା ଫଳରେ ଚଉଦ ଭୁବନ ଖୋଜା ପଡିଲା, ଯିଏ ଉତ୍ତର ଦିଗକୁ ମୁଣ୍ଡକରି ଶୋଇଥିବ, ତା' ମୁଣ୍ଡ କାଟିଆଣି ମନ୍ତ୍ର ପଢି ଯୋଡ଼ି ଦେଲେ ଗଣେଶ ପୁଣି ନୂଆ ଜୀବନପାଇ ଜୀବିତ ହେବେ । ହାତୀଛୁଆ ଉତ୍ତର ଦିଗକୁ ମୁଣ୍ଡ କରି ଶୋଇଥିଲା । ତାର କଟା ମୁଣ୍ଡ ଆଣି ଯୋଡ଼ି ବାକୁ ପଡିଲା । ବିଘ୍ନ ବିନାଶକ ଜୀବିତ ହେଲେ । ସେହି ଦିନରୁ ସେ ହେଲେ ଗଜାନନ ଓ ବକ୍ରତୁଣ୍ଡ ।

ପୁରାଣ କଥା ଏସବୁ ହୋଇପାରେ, କିନ୍ତୁ ବିଜ୍ଞାନ କହୁଛି ଉତ୍ତର ଦିଗକୁ ମୁଣ୍ଡକରି ଶୋଇଲେ ବୁଦ୍ଧି ନଷ୍ଟ ହୁଏ । ନିଦ ଭଲ ହୁଏ ନାହିଁ । ଦେହ ଖରାପହୁଏ । ଅଳ୍ପାୟୁ ହୁଏ ମଣିଷ । ତେଣୁ ଲୋକେ କହନ୍ତି ଉତ୍ତର ଦିଗକୁ ମୁଣ୍ଡରଖି ଶୁଅନା । ଉତ୍ତର ମେରୁର ଚୁମ୍ବକୀୟ କ୍ଷେତ୍ର ପାଇଁ ଏମିତି ହୁଏ । ବିଜ୍ଞାନ ସହିତ ପୁରାଣକୁ ଯୋଡି ସମାଜର ଜୀବନଶୈଳୀକୁ ଅତ୍ୟନ୍ତ ସୁଖକର ,ସୁନ୍ଦର ଓ ସହଜ କରିଦିଆଯାଇଛି । ବ୍ୟାସଦେବ ଯେତେବେଳ ମହାଭାରତ ରଚନାକଲେ ସେତେବେଳେ ଗଣେଶ ସେସବୁ ଲେଖିରଖୁଥିଲେ । ବ୍ୟାସ କହୁଥିଲେ ଓ ସେ ଲେଖୁଥିଲେ । ଉଭୟ ଜ୍ଞାନ ଓ ବୁଦ୍ଧି କୌଶଳରେ ପାରଙ୍ଗମ ଥିଲେ । ଦୁହେଁ ଦୁହିଁଙ୍କର ସମକକ୍ଷ । ଗଣେଶ କହିଲେ , 'ଆପଣ ଯଦି ନିରବଚ୍ଛିନ୍ନ ଭାବରେ କହିବେ, ମୁଁ ଲେଖିବି ନହଲେ ମୁଁ ଚାଲିଯିବି ।' ବ୍ୟାସଦେବ ହସିଦେଇ କହିଲେ, 'ତୁମେ ପ୍ରତ୍ୟେକ ପଦ ବୁଝିଲାପରେ ଯାଇ ଲେଖିବ ।' ଗଣେଶ ବୁଝୁବୁଝୁ ବ୍ୟାସଦେବ ପଦଟିଏ ରଚନା କରିଦେଉଥିଲେ । ବଡ ସୁନ୍ଦର ତାଳମେଳ ରଖି ମହାନ ସଂସ୍କୃତିର ମହାକାବ୍ୟ ରଚିତ ହୋଇଥିଲା । ପୌରାଣିକ ମତାନୁସାରେ ଗଣେଶ ବ୍ୟାସୋକ୍ତ ମହାଭାରତର ଲେଖକ । ଏସବୁ ଦୃଷ୍ଟିରୁ ଭାଦ୍ରବ ମାସ ଶୁକ୍ଳ ପକ୍ଷ ଚତୁର୍ଥୀ ଦିନ ଗଣେଶଙ୍କର ସ୍ୱତନ୍ତ୍ର ପୂଜା ହୁଏ । ଗଣେଶଙ୍କର ଅନେକ ନାମ ଅଛି, କିନ୍ତୁ ୧୨ଟି ନାମ ପ୍ରସିଦ୍ଧ : ସୁମୁଖ, ଏକଦନ୍ତ, କପିଳ, ଗଜକର୍ଣ୍ଣକ, ଲମ୍ବୋଦର, ବିକଟ, ବିଘ୍ନନାଶ, ବିନାୟକ, ଧୂମ୍ରକେତୁ, ଗଣାଧ୍ୟକ୍ଷ, ଭାଲଚନ୍ଦ୍ର ଓ ଗଜାନନ । ଉପରୋକ୍ତ ଦ୍ୱାଦଶ ନାମ ନାରଦା ପୁରାଣରେ ପ୍ରଥମ ଥର ଆସିଥିଲା । ବିଧାରମ୍ଭ ତଥା ବିବାହ ଆଦିରେ ପ୍ରଥମରୁ ଏହି ନାମରେ ଗଣପତିଙ୍କୁ ଆରାଧନା କରାଯାଏ ।



ବୈଦିକ ମନ୍ତ୍ରରେ ଗଣପତିଙ୍କୁ ସର୍ବ ସିଦ୍ଧଦାତା, ଋଦ୍ଧି ସିଦ୍ଧିଦାତା, ସର୍ବ ମଙ୍ଗଳ ମୟ ରୂପେ ସ୍ତୁତି କରାଯାଇଛି । ସାମ୍ ବେଦୀୟ ବିନାୟକ ସଂହିତା, ମୈତ୍ରାଣୀ ସଂହିତା, ଯଜୁର୍ବେଦୀୟ କାଣ ସଂହିତା ପ୍ରଭୃତିରେ ବିଘ୍ନ ବିନାଶନ ଗଣପତିଙ୍କ ମନ୍ତ୍ରର ଉଲ୍ଲେଖ ଅଛି । ଉପନିଷଦରେ ଗଣପତିଙ୍କୁ ସର୍ବ ଶକ୍ତିମାନ ରୂପରେ କରାଯାଇଛି । ଗଣପତିଙ୍କୁ ମଧ୍ୟ ପରଂବ୍ରହ୍ମଙ୍କ ପ୍ରତୀକ ରୂପେ ଚିହ୍ନିତ କରାଯାଇଛି । ଗଣପତି ଉପନିଷଦରେ ବ୍ରହ୍ମ ଉପାସନାର ତତ୍ତ୍ୱ ପରିଦୃଷ୍ଟ । ନିଗମ ଓ ଆଗମ ଉଭୟ ପରମ୍ପରାରେ ଗଣପତି ଏକ ମହତ୍ତ୍ୱପୂର୍ଣ୍ଣ ଶ୍ରେଷ୍ଠ ଦେବତାର ଆସନ ଅଳଙ୍କୃତ କରି ଆସୁଛନ୍ତି । ସ୍ମୃତି ଶାସ୍ତ୍ରରେ ପ୍ରଭୁ ଗଣପତିଙ୍କୁ ହର୍ବିଭୋକ୍ତା ଯଜ୍ଞ ଦେବତା ରୂପେ ଚିତ୍ରଣ କରାଯାଇ ଗାଣପତ୍ୟାଗ୍ନିର ସଂସ୍କାର ବିଧି ଓ ହୋମ କାର୍ଯ୍ୟ ସଂପାଦନ କରାଯାଉଥିବା ବିଧି ରହିଛି ।

ଗଣପତି ଉପାସନାର ଉତ୍ତରଣ ଫଳରେ ଗାଣପତ୍ୟ ସମ୍ପ୍ରଦାୟର ଉନ୍ମେଷ ଘଟିଛି । ଯାହା ଫଳରେ ସେମାନଙ୍କ ଲେଖନୀ ଚାଳନାରେ ବିଭିନ୍ନ ସ୍ତବ, ସ୍ତୋତ୍ର, କବଚ, କୀଳକ, ପଟଳ ଓ ପୁରାଣାଦି ବର୍ଣ୍ଣିତ ହୋଇଛି । ସେ ଏକ ଦନ୍ତ, ଚତୁର୍ଭୁଜ, ପାଶ-ଅଙ୍କୁଶ ଅଭୟ ଓ ବରଦ ମୁଦ୍ରାଧାରୀ, ରକ୍ତ ବସ୍ତ୍ରଧାରୀ ରୂପେ ଚିତ୍ରିତ ହୋଇ ପୂଜା ପାଇଆସୁଛନ୍ତି । ସକଳ ବିଘ୍ନ ହରଣ ନିମିତ୍ତ ଭକ୍ତମାନେ ସଭକ୍ତି ପ୍ରଣାମ ପୂର୍ବକ ମହାପ୍ରଭୁଙ୍କୁ ପ୍ରାର୍ଥନା କରନ୍ତି । କାଳ କ୍ରମେ ଶକ୍ତି ଉପାସନା ସହିତ ଗଣପତି ପୂଜାର ମିଳନ ଘଟିଛି । ଭାରତର ବିଭିନ୍ନ ଶକ୍ତି ପୀଠଗୁଡ଼ିକରେ ମାତୃଗଣଙ୍କ ମଧ୍ୟରେ ଗଣପତି ଆରାଧିତ ହେଉଛନ୍ତି । ଓଡ଼ିଶାର ଗଞ୍ଜାମ ଜିଲା ସାନଖେମୁଣ୍ଡି ଅନ୍ତର୍ଗତ କଙ୍କୋରଡାସ୍ଥ ଶକ୍ତିପୀଠ ମା' ନାରାୟଣୀଙ୍କ ସହ ଏକତ୍ର ଆସନରେ ପୂଜା ପାଉଛନ୍ତି ।

ଯେପରି ଭଗବାନ ଶିବଙ୍କ ଭକ୍ତକୁ ଶୈବ ଉପାସକ କୁହାଯାଇ ଥାଏ ଓ ବିଷ୍ଣୁଙ୍କ ଭକ୍ତକୁ ବୈଷ୍ଣବ କୁହାଯାଇ ଥାଏ , ଠିକ୍ ସେହିଭଳି ଗଣପତିଙ୍କ ଭକ୍ତକୁ ଗଣପତ୍ୟେ କୁହାଯାଇ ଥାଏ । ଗଣପତି ହିଁ ପରଂବ୍ରହ୍ମ /ପରମାତ୍ମା କ୍ଷ ଗଣପତି ହେଉଛନ୍ତି ବିଘ୍ନ ବିନାଶକ, ମହାରାଷ୍ଟ୍ର ରେ ଗଣପତି ଉତ୍ସବ ସମୟ ରେ ଗଣପତି ବାପା ମୋରୀୟକ୍ଷ କୁହାଯାଇ ଥାଏ କ୍ଷ ମୋରଗ୍ରାମ ମହାରାଷ୍ଟ୍ର ର ପୂଜକ ଓ ସ୍ଥାନୀୟ ଲୋକଙ୍କ ମତ ଅନୁସାରେ ଏହି ଶବ୍ଦ ଗଣପତ୍ୟେ ସମ୍ପ୍ରଦାୟ ର ପ୍ରବର୍ତ୍ତକ ମୋରୟା ଗୋଶାବିଙ୍କୁ ସମ୍ମାନ ଦେବା ପାଇଁ କୁହାଯାଇ ଥାଏ କ୍ଷ ଗଣପତି ତାଙ୍କୁ ଆଶୀର୍ବାଦ ଦେଇଥିଲେ ଓ ସ୍ୱପ୍ନରେ କହିଥିଲେ ଯେ ଯେତେବେଳେ ତାଙ୍କ ନାମ ନିଆଯିବ ସେତେବେଳେ ମୋରୀୟା କୁହାଯିବ କ୍ଷ ତେଣୁ ଗଣପତି ବାପା ମୋରିୟା ମଂଗଳମୂର୍ତ୍ତି ମୋରିୟା କୁହାଯାଇ ଥାଏ କ୍ଷ

ସେହିପରି ଗଣପତି ଗଜାନନଙ୍କ ବାହାନ ମୂଷିକ କଥା ସ୍ମରଣୀୟ । ପ୍ରାଚୀନ କାଳରେ ସୁମେରୁ ପର୍ବତରେ ସୋଭାରି ଋଷିଙ୍କର ଏକ ଅତି ମନୋରମ ଆଶ୍ରମ ଥିଲା । ତାଙ୍କର ଅତ୍ୟନ୍ତ ରୂପବତୀ ଓ ପତିବ୍ରତା ପତ୍ନୀ ମଧ ଥିଲେ । ତାଙ୍କର ନାମ ମନୋମୟୀ ଥିଲା । ଦିନେ ଋଷି କାଠ ଆଣିବାକୁ ଜଙ୍ଗଲକୁ ଗଲେ ଓ ମନୋମୟୀ ଘର କାମରେ ଲାଗିଗଲେ । ସେହି ସମୟରେ କୌଞ୍ଚ ନାମକ ଜଣେ ଦୁଷ୍ଟ ଗାନ୍ଧର୍ବ ସେଠାରେ ପହଞ୍ଚି ଅନନ୍ୟ ଲାବଣ୍ୟବତୀ ମନୋମୟୀଙ୍କୁ ଦେଖି ବ୍ୟାକୁଳ ହୋଇଉଠିଲା । ଏହା ପରେ କୌଞ୍ଚ ଋଷିପତ୍ନୀଙ୍କ ହାତ ଧରି ପକେଇଲା । ଋଷିପତ୍ନୀ କାନ୍ଦି କାନ୍ଦି ଥରି ଥରି ତାଙ୍କୁ ଦୟା କରିବାକୁ ଭିକ୍ଷା ମାଗିଲେ । ସେହି ମୁହୂର୍ତ୍ତରେ ସୌଭାରୀ ଋଷି ପହଞ୍ଚି ଗଲେ । ସେ ଗାନ୍ଧର୍ବଙ୍କୁ ଅଭିଶାପ ଦେଇ କହିଲେ, "ତୁମେ ଚୋର ଭଳି ଆସି ମୋ ସହଧର୍ମିଣୀଙ୍କ ହାତକୁ ଧରିପକେଇଛ । ଏହି କାରଣରୁ ତୁମେ ମୂଷା ହୋଇ ପୃଥିବୀର ମାଟି ଭିତରେ ଲୁଚି ରହିବା ସହ ଚୋରି କରି ପେଟ ପୋଷିବ ।" ଥରି ଥରି ଗାନ୍ଧର୍ଭ ଋଷୀଙ୍କୁ ପ୍ରାର୍ଥନା କଲେ, ହେ ଦୟାଳୁ ମୁନିବର, ମୋର ଅବିବେକତା ହେତୁ ମୁଁ ତୁମ ପତ୍ନୀଙ୍କ ହାତକୁ ଛୁଇଁଦେଲି । ମୋତେ କ୍ଷମା କର । ଏହା ପରେ ଋଷି କହିଲେ ଯେ ମୋର ଅଭିଶାପ କେବେ ବୃଥା ହେବ ନାହିଁ । ଗଣେଶ ପ୍ରତ୍ୟେକ ଯୁଗରେ ବିଭିନ୍ନ ଅବତାର ଗ୍ରହଣ କରିଥାନ୍ତି । ତେଣୁ ତୁମେ ଦ୍ୱାପର ଯୁଗରେ ଗଣପତିଦେବ ଗଜମୁଖ ପୁତ୍ର ରୂପରେ ଦେଖାଯିବେ, ସେତେବେଳେ ତୁମେ ତାଙ୍କ ବାହନ ଡିଙ୍କ୍ ହେବ । ଏହା ପରେ ଦେବତାମାନେ ମଧ ତୁମର ସମ୍ମାନ କରିବେ । ତା'ପରେ ସମଗ୍ର ବିଶ୍ୱ ତୁମକୁ ଶ୍ରୀଡିଙ୍କଜୀ ଭାବରେ ପୂଜା କରିବେ ।

ଗଣପତି ଗଜାନନ ବୈଦିକ ଦେବତା ଅଗ୍ରପୂଜ୍ୟ ବିଘ୍ନ ବିନାଶକାରୀ ବିନାୟକ । ସେ ଓଁକାର ରୂପୀ, ଅଖିଳ ଜଗତରେ ସେ ଜୀବ ସ୍ୱରୂପ । ସେ ବକ୍ରତୁଣ୍ଡ ଓ ସର୍ବ କାର୍ଯ୍ୟ ସିଦ୍ଧିଦାତା ଗଣେଶ ଭାବରେ ଆରାଧିତ ହୋଇ ଆସୁଛନ୍ତି- 'ଓଁ ବକ୍ରତୁଣ୍ଡ ମହାକାୟ ସୂର୍ଯ୍ୟ କୋଟି ସମପ୍ରଭଃ/ ନିର୍ବିଘ୍ନଂ କୁରୁମେ ଦେବ ! ସର୍ବ କାର୍ଯ୍ୟେଷୁ ସର୍ବଦା ।' ପୁରାଣ ଯୁଗ ପରେ ବୌଦ୍ଧ ମତବାଦରେ ମଧ ଗଣପତି ଶ୍ରେଷ୍ଠ ଦେବତାର ଆସନ ଅଳଙ୍କୃତ କରିଛନ୍ତି । ବୌଦ୍ଧମାନେ ଗଣେଶଙ୍କୁ ପ୍ରଚ୍ଛନ୍ନ ବୁଦ୍ଧ ନାମରେ ନାମିତ କରିଛନ୍ତି । ବୌଦ୍ଧ କିମ୍ବଦନ୍ତୀ ଅନୁଯାୟୀ ଭଗବାନ ବୁଦ୍ଧଙ୍କର ଜନନୀ ମାୟାଦେବୀ ଗୌତମଙ୍କ ଜନ୍ମ ପୂର୍ବରୁ ଶତେ ହସ୍ତୀର ସପ୍ନ ଦେଖିଥିଲେ । ସେହି ଶତେ ହସ୍ତୀ ମସ୍ତକ ସହ ଆରୋଧିତ ଗଣେଶ ମୂର୍ତ୍ତି ହିଁ ପ୍ରଚ୍ଛନ୍ନ ବୁଦ୍ଧ ବୋଲି ଧରାଯାଏ । ବୌଦ୍ଧ ଭିକ୍ଷୁ ଓ ଶ୍ରମଣ ଗଣ ଦକ୍ଷିଣ ପୂର୍ବ ଏସିଆରେ ଗଣପତି ଉପାସନାର ପ୍ରସାର ଘଟାଇଥିବା କଥା ପୁରାତନ ଗ୍ରନ୍ଥ ଓ ଇତିହାସରୁ ଜଣାପଡ଼େ । ଜାପାନ ଓ ଚାଇନାରେ ଗଣେଶଙ୍କୁ ବିନାୟକ ନାମରେ ଆରାଧନା କରାଯାଏ । ବ୍ରହ୍ମଦେଶରେ ମହାପୀନେ ରୂପେ ଗଣପତି ସୁବିଖ୍ୟାତ ହୋଇଛନ୍ତି ।

ଶ୍ରୀଲଙ୍କାରେ ସୁବ୍ରମଣ୍ୟମ ମନ୍ଦିରରେ ସର୍ବସାଧାରଣଙ୍କ ଦ୍ୱାରା ଗଣପତିଙ୍କ ପୂଜାର୍ଚ୍ଚନା ହୋଇଥାଏ । ସେଭଳି ନେପାଳରେ ସିଂହବାହନ ହେରମ୍ବ ଗଣପତି ସର୍ବ ସିଦ୍ଧିଦାତା ଭାବେ ପ୍ରସିଦ୍ଧି ଲାଭ କରିଛନ୍ତି ।ଉତ୍କଳରେ ଗଣପତିଙ୍କ ପୂଜାର ପରମ୍ପରା ବହୁ ପ୍ରାଚୀନ । ଉତ୍କଳର ଭୌମ ଓ ସୋମ ବଂଶୀ ଶାସନ କାଳରୁ ଏହି ପର୍ବ ପାଳିତ ହେଉଥିବା ଇତିହାସରୁ ଜଣାଯାଏ । ମହାକବି ଶୂଦ୍ରମୁନି ସାରଳା ଦାସ 'ମହାଭାରତ'ର ବନ ପର୍ବ ପ୍ରଥମ ଖଣ୍ଡରେ ବ୍ୟାଧିର ମୁକ୍ତି ଦାତା ଭାବରେ ଶ୍ରୀଗଣେଶଙ୍କୁ ଚିତ୍ରିତ କରିଛନ୍ତି । ତତ୍କାଳୀନ ସମାଜରେ ଗଣପତି ଉପାସନାର ପ୍ରସାର ଘଟି ଶେଷରେ ସାର୍ବଜନୀନ ଉପାସନାରେ ପରିଣତ ହୋଇଛି । ଫଳତଃ ସମଗ୍ର ଦେଶର ପୁରପଲ୍ଲୀ ସହର ନଗରରେ ଭାଦ୍ରବ ମାସ ଶୁକ୍ଳପକ୍ଷ ଚତୁର୍ଥୀ ତିଥିରେ ଜନଗଣଙ୍କ ଦ୍ୱାରା ଶ୍ରୀଗଣେଶଙ୍କ ପୂଜା ମହାନନ୍ଦ ଉଲ୍ଲାସରେ ପାଳିତ ହୋଇଆସୁଛି । ପ୍ରଭୁ ଗଜାନନ ବିଘ୍ନ ନାଶକ ଓ ଅଗ୍ରପୂଜ୍ୟ ହୋଇଥିବା ହେତୁ ତାଙ୍କ ପୂଜା ପରେ ଅନ୍ୟ ଦେବଦେବୀଙ୍କ ପୂଜା ବ୍ରତ ବିଧି ମୁତାବକ ପାଳିତ ହୋଇଥାଏ । ଶ୍ରୀଗଣେଶ ବିଦ୍ୟାଦାତା ଓ ସିଦ୍ଧିଦାତା ରୂପେ ବିଦ୍ୟାର୍ଥୀମାନଙ୍କ ଦ୍ୱାରା ପୂଜିତ ହୁଅନ୍ତି । ଛାତ୍ରୀଛାତ୍ରମାନେ ଆପଣାର ବିଘ୍ନ ବିନାଶ ତଥା ସର୍ବ ମଙ୍ଗଳ ନିମିତ୍ତ ପ୍ରଭୁ ବିଘ୍ନ ବିନାଶକାରୀ ପାର୍ବତୀ ନନ୍ଦନ ଶ୍ରୀ ଗଣେଶଙ୍କୁ ପରମ ଭକ୍ତି ସହକାରେ ପୂଜା କରନ୍ତି ।

ପ୍ରତ୍ୟେକ ମାଙ୍ଗଳିକ ଓ ଶୁଭ କାର୍ଯ୍ୟର ପ୍ରାରମ୍ଭରେ ପୂର୍ଣ୍ଣ କଳସ ସ୍ଥାପନ କରାଯାଇ ଶ୍ରୀଗଣେଶଙ୍କର ଆରାଧନା କରାଯାଏ । ଅନେକ ପୀଠ ମନ୍ଦିରରେ ଗଣେଶ ମୁଖ୍ୟ ଦେବତା ଓ ପାର୍ଶ୍ୱ ଦେବତା ରୂପେ ପୂଜା ପାଉଛନ୍ତି । କେତେକ ମନ୍ଦିରରେ ସ୍ୱତନ୍ତ୍ର ଗଣପତି ପୂଜାର ବିଧି ରହିଛି । ବିଶ୍ୱ ପ୍ରସିଦ୍ଧ ପ୍ରଭୁ ଜଗନ୍ନାଥ ଜନ୍ମ ବାସରରେ ସ୍ନାନବେଦିରେ ଗଣପତି ରୂପ ଧାରଣ କରନ୍ତି । ସିଦ୍ଧ ସାଧକଗଣ ଲେଖନୀରେ 'ଗଣେଶ ବିଭୂତି', 'ଗଣେଶ ଶତନାମ', 'ସହସ୍ର ନାମ' ପ୍ରଭୃତି ରଚନାର ସୃଷ୍ଟି ଘଟିଛି ।

ଗଣପତି ଗଜାନନଙ୍କୁ ବିଦ୍ୟାଦାତା କୁହାଯାଇଥାଏ । ଏହି ଦୃଷ୍ଟିରୁ ଗଣପତି ସ୍ତୋତ୍ରମ୍ ମନ୍ତ୍ର ପଢିବା ଦ୍ୱାରା ବିଦ୍ୟାର୍ଥୀ ଗଜାନନଙ୍କର କୃପା ଲାଭ କରିପାରିବେ ବୋଲି ବିଶ୍ୱାସ ରହିଛି - 'ପ୍ରଣମ୍ୟ ଶିରସା ଦେବଂ ଗୌରୀପୁତ୍ର ବିନାୟକଂ । ଭକ୍ତାବାସଂ ସ୍ମରେନ୍ନିତ୍ୟାୟୁଷ୍କାମାର୍ଥସିଦ୍ଧୟେ ।୧। ପ୍ରଥମଂ ବକ୍ରତୁଣ୍ଡଂ ଚ ଏକଦନ୍ତଂ ଦ୍ୱିତୀୟକମ୍ । ତୃତୀୟଂ କୃଷ୍ଣପିଙ୍ଗାକ୍ଷଂ ଗଜବକ୍ତ୍ରଂ ଚତୁର୍ଥକମ୍ ।୨। ଲମ୍ବୋଦରଂ ପଞ୍ଚମଂ ଚ ଷଷ୍ଠଂ ବିକଟମେବ ଚ । ସପ୍ତମଂ ବିଘ୍ନରାଜଂ ଚ ଧୂମ୍ରବର୍ଣ୍ଣ ତଥାଷ୍ଟମମ୍ ।୩। ନବମଂ ଭାଲଚନ୍ଦ୍ରଂ ଚ ଦଶମଂ ତୁ ବିନାୟକମ୍ । ଏକାଦଶଂ ଗଣପତିଂ ଦ୍ୱାଦଶଂ ତୁ ଗଜାନନମ୍ ।୪। ଦ୍ୱାଦଶୈତାନି ନାମାନି ତ୍ରିସନ୍ଧ୍ୟଂ ଯଃ ପଠେନ୍ନରଃ । ନ ଚ ବିଘ୍ନଭୟଂ ତସ୍ୟ ସର୍ବସିଦ୍ଧିଶ୍ଚ ଜାୟତେ ।୫। ବିଦ୍ୟାର୍ଥୀ ଲଭତେ ବିଦ୍ୟାଂ ଧନାର୍ଥୀ ଲଭତେ ଧନମ୍ । ପୁତ୍ରାର୍ଥୀ ଲଭତେ ପୁତ୍ରାନ୍ମୋକ୍ଷାର୍ଥୀ ଲଭତେ ଗତିମ୍ ।୬। ଜପେଦ୍ ଗଣପତିସ୍ତୋତ୍ରଂ ଷଡ୍ଭିର୍ମାସୈଃ ଫଳଂ ଲଭେତ୍ । ସଂବତ୍ସରେଣ ସିଦ୍ଧିଂ ଚ ଲଭତେ ନାତ୍ର ସଂଶୟଃ ।୭ ।ଅଷ୍ଟାଭ୍ୟୋ ବ୍ରାହ୍ମଣେଭ୍ୟଶ୍ଚ ଲିଖିତ୍ୱା ଯଃ ସମର୍ପୟେତ୍ । ତସ୍ୟ ବିଦ୍ୟା ଭବେତ୍ସର୍ବା ଗଣେଶସ୍ୟ ପ୍ରସାଦତଃ'...!!!

ଅଧକ୍ଷ , ମହାନଦୀବିହାର
ମହିଳା ସ୍ନାତକ ମହାବିଦ୍ୟାଳୟ,
କଟକ,
ମୋ: ୯୦୪୦୧୫୧୪ ୭୫

# 'ନାରୀ ସଶକ୍ତିକରଣର ଆବଶ୍ୟକତା'

## ମହାଶ୍ୱେତା ପାଣ୍ଡେ

"ବିଶ୍ୱ କଲ୍ୟାଣ ହେବା ଅସମ୍ଭବ ଯେ ପର୍ଯ୍ୟନ୍ତ ମହିଳାମାନଙ୍କର ସ୍ଥିତିରେ ସୁଧାର ଆସିନାହିଁ । ଗୋଟିଏ ପକ୍ଷୀ ତାର ଗୋଟିଏ ଡେଣାରେ ଉଡ଼ିବା ଅସମ୍ଭବ" । ଏହି ଉକ୍ତିଟି ସ୍ୱାମୀ ବିବେକାନନ୍ଦଙ୍କର ।

ଆଜି ଭାରତ ବର୍ଷ ଏକ ବିକଶିତ ଦେଶ ବଦଳରେ ବିକାଶଶୀଳ ଦେଶ ହୋଇ ରହିଛି । ଏହାର ଏକ କାରଣ ହେଉଛି ଭାରତ ବର୍ଷରେ ମହିଳା ଜନସଂଖ୍ୟା ପ୍ରାୟ ୫୦% ଏହାର ଅର୍ଥ ଭାରତର ଅଧା ଜନସଂଖ୍ୟା ମହିଳା, କିନ୍ତୁ ସେମାନଙ୍କୁ କୌଣସି ସୁବିଧା, ସୁଯୋଗ, ପ୍ରୋତ୍ସାହନ ନମିଳିବାରୁ ସେମାନେ ଅବହେଳିତ । ସେଥିପାଇଁ ଭାରତ ତାର ଶତପ୍ରତିଶତ ମାନବ ସମ୍ବଳକୁ ପ୍ରଗତି କ୍ଷେତ୍ରରେ ବ୍ୟବହାର କରିପାରୁନାହିଁ । ଏଥିଯାଗୁ ଭାରତ ତାର ସ୍ୱାଧୀନତାର ଏତେ ବର୍ଷ ପରେ ମଧ୍ୟ ବିକାଶଶୀଳ ଦେଶ ଭାବରେ ବିଶ୍ୱ ଦରବାରରେ ପରିଚିତ । ଭାରତକୁ ବିକଶିତ କରିବାକୁ ହେଲେ ମହିଳାମାନଙ୍କୁ ସଶକ୍ତ କରିବାକୁ ପଡ଼ିବ । ଏବେ ମହିଳା ସଶକ୍ତିକରଣ କଥା ଉଠେ କାହିଁକି ? ନାରୀ କ'ଣ ସଶକ୍ତ ନୁହେଁ, ତାକୁ ସଶକ୍ତ କରିବାକୁ ପଡୁଛି ? ଯଦି ଆମେ ଆମର ପୁରାଣ ଶାସ୍ତ୍ରକୁ ଓଲଟାଇ ଦେଖିବା ସେଠାରେ ବର୍ଣ୍ଣନା ହୋଇଛି- "ଯତ୍ର ନାର୍ଯ୍ୟାସ୍ତୁ ପୂଜ୍ୟତେ ରମ୍ୟନ୍ତେ ତତ୍ର ଦେବତା" । ଅର୍ଥ ହେଉଛି ଯେଉଁଠି ନାରୀର ଆଦର ସମ୍ମାନ ବା ପୂଜା କରାଯାଏ, ସେଠାରେ ଦେବତା ବାସ କରନ୍ତି । ଗୋଟିଏ ନାରୀର ଶକ୍ତି ଏତେ; ଯେଉଁଠି ଦେବତାମାନେ ହାର ମାନିଲେ ସେଠାରେ ଦେବୀ ଦୁର୍ଗା ଜଗତକୁ ଉଦ୍ଧାର କରିବା ଓ ସୁରକ୍ଷା ଦେବା ପାଇଁ ମହିଷାସୁରକୁ ବଧ କରି ମହିଷାମର୍ଦ୍ଦିନୀ ରୂପ ଧାରଣ କରିଥିଲେ । ଆମ ପୁରାଣ ଶାସ୍ତ୍ରରେ ଶକ୍ତିର ପ୍ରତୀପ ମା' ଦୁର୍ଗା, ଧନର ପ୍ରତୀବ ମା' ଲକ୍ଷ୍ମୀ ଓ ବିଦ୍ୟାର ପ୍ରତୀକ ମା' ସରସ୍ୱତୀ । ଏମାନେ ତ ଦେବୀ ଯଦି ଆମେ ମଣିଷ ସମାଜ କଥା କହିବା ତେବେ ଝାନ୍‌ସୀ ରାଣୀ ଲକ୍ଷ୍ମୀବାଈ, ଖୋର୍ଦ୍ଧା ରାଣୀ ଶୁକଦେଈ, ବଡ଼ମ୍ବା ରାଜକୁମାରୀ କଲ୍ୟାଣୀ, ସରୋଜିନୀ ନାଇଡୁ, ମାଳତୀ ଦେବୀ, ରମାଦେବୀ, କୁନ୍ତଳା କୁମାରୀ ସାବତ, ଇନ୍ଦିରା ଗାନ୍ଧୀ, ପ୍ରତିଭା ପାଟିଲ, ସୁଷମା ସ୍ୱରାଜ, କଳ୍ପନା ଚାୱଲା, ସାବିତ୍ରୀ ଫୁଲ୍ଲେ, କିରନ ବେଦୀ, ନନ୍ଦିନୀ ଶତପଥୀ, ପ୍ରତିଭା ରାୟ, ସଂଯୁକ୍ତା ପାଣିଗ୍ରାହୀ, ପଦ୍ମଶ୍ରୀ ତୁଳସୀ ମୁଣ୍ଡା, ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପ୍ରମୁଖ କ'ଣ ସଶକ୍ତ ନଥିଲେ । ଏମାନଙ୍କୁ କ'ଣ ସଶକ୍ତ କରିବାକୁ ପଡୁଥିଲା । ଏବେ ବି ନାରୀ ଶକ୍ତିଶାଳୀ । ନାରୀର ସାମର୍ଥ୍ୟ ଅଛି ସେ ଗୋଟିଏ ଜୀବନକୁ ଧରାପୃଷ୍ଠକୁ ଆଣି ପାରିବ ଏବଂ ତାର ଲାଳନପାଳନ କରି ଏକ ସୁସ୍ଥ ସମାଜ ଗଠନ କରିପାରିବ । ସେ କ'ଣ ଶକ୍ତିହୀନ ? ଯେ ଆଜି ତାକୁ ସଶକ୍ତ କରିବାକୁ ପଡୁଛି ? ନା' ଏହା କେବଳ ଏକ ଭ୍ରାନ୍ତ ଧାରଣା- ଯେପରି ଏକ ଜଙ୍ଗଲର ବାଘକୁ ଆୟତ୍ତ କରିବା କଷ୍ଟ କିନ୍ତୁ ଏକ ସର୍କସର ବାଘକୁ ଆୟତ୍ତ କରିବା ସହଜ । କାରଣ ତାକୁ ଜନ୍ମରୁ ହିଁ ଏକ ଯନ୍ତା ଭିତରେ ରଖାଯାଏ । ତାକୁ ଶୀକାର କରିବାକୁ ଦିଆଯାଏ ନାହିଁ । ତେଣୁ ସେ ତା'ର ନିଜର ସାମର୍ଥ୍ୟ ବା ଶକ୍ତିକୁ ଅନୁଭବ ହିଁ କରିପାରେ ନାହିଁ । ସେହିପରି ଆଜିର ଏହି ସମାଜରେ ନାରୀର ଜନ୍ମକୁ ଅଭିଶାପ ବୋଲି ଭାବିବା, ତାକୁ ଘରର ଚାରିକାନ୍ଥ ଭିତରେ ରଖିବା, ତାକୁ ଆଗକୁ ବଢ଼ିବାର ସୁଯୋଗ ନଦେବା ବୋଧହୁଏ ଏଥିପାଇଁ ଆଜି ସମାଜକୁ ଆଗକୁ ନେବା ପାଇଁ ନାରୀକୁ ସଶକ୍ତିକରଣର ଆବଶ୍ୟକତା ପଡୁଛି । ଏଥିପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ମହିଳାମାନଙ୍କ ସ୍ଥିତିରେ ସୁଧାର ଆଣିବା ପାଇଁ ବିଭିନ୍ନ ଆଇନ ଓ ଯୋଜନା ପ୍ରଣୟନ କରୁଛନ୍ତି । ବିଭିନ୍ନ ନୂଆ ନୂଆ କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି । ଯେପରିକି- "ବେଟି ବଚାଓ ବେଟି ପଢ଼ାଓ" ସୁଭଦ୍ରା ଯୋଜନା, ସ୍ୱୟଂ ସହାୟିକା ଗୋଷ୍ଠୀ ଇତ୍ୟାଦି । ଏବେ ଓଡ଼ିଶାରେ ଏସ.ଏଚ.ଜି ମହିଳା ପ୍ରାୟ ୭୦ ଲକ୍ଷ । ୨୦୧୧ ମସିହା ଜନଗଣନା ଅନୁସାରେ ଓଡ଼ିଶାର ମହିଳାଙ୍କ ସାକ୍ଷରତା ହାର ୬୪.୦୧% ଥିବାବେଳେ ପୁରୁଷଙ୍କ ସାକ୍ଷରତା ହାର ହେଉଛି ୮୧.୫୯% ପ୍ରତିଶତ । ଏଥିରୁ ସ୍ପଷ୍ଟ ହେଉଛି ପୁରୁଷଙ୍କ ତୁଳନାରେ ମହିଳାଙ୍କ ସାକ୍ଷରତା ହାର କମ୍ । ସରକାରଙ୍କ ଏତେ ଆଇନକାନୁନ ଓ କାର୍ଯ୍ୟକ୍ରମ ପରେ ମଧ୍ୟ ଗୋଟିଏ ନାରୀର ସ୍ଥିତି ସମାଜରେ ସୁଧୁରିବା ଭାରି କଷ୍ଟକର ବ୍ୟାପାର । ଏହାର କାରଣ ଖୋଜିଲାରୁ ଗବେଷଣାରୁ ଯାହା ଜଣାଗଲା, ତାହା ହେଉଛି ଆମ ପୁରୁଷ କେନ୍ଦ୍ରୀୟ ସମାଜ ଏଥିପାଇଁ ଦାୟୀ । ସରକାର ଯେତେ ସୁବିଧା ଦେଲେ ବି ଆମ ସମାଜର ଚିନ୍ତାଧାରା ସୁଧୁରୁନାହିଁ । ଏବେ ବି ସମାଜରେ ଲୋକଙ୍କ ମନରେ ସେଇ ପୁରୁଣା କଥା- "ଝିଅ ଜନମ ଚୁଲି ମୁଣ୍ଡକୁ" । ଆଜିର ଏକବିଂଶ ଶତାବ୍ଦୀରେ ମଧ୍ୟ ଉନବିଂଶ ଶତାବ୍ଦୀରେ ଫକୀରମୋହନଙ୍କ ରଚିତ "ରେବତୀ" ଗଳ୍ପ କଥା ମନେପଡ଼େ । ଏବେ ବି ସେ ଚିନ୍ତାଧାରା ସମାଜରେ ସମ୍ପୂର୍ଣ୍ଣ ଲିଭିନାହିଁ । ଯେ ପର୍ଯ୍ୟନ୍ତ ଏଭଳି ଚିନ୍ତାଧାରାର ଅବସାନ ଘଟିନାହିଁ, ଯେ ପର୍ଯ୍ୟନ୍ତ ସରକାରଙ୍କ ବିଭିନ୍ନ ପ୍ରକାର ଉଦ୍ୟମ ସତ୍ତ୍ୱେ ମଧ୍ୟ ଏହା ପୂର୍ଣ୍ଣ ରୂପେ ଫଳପ୍ରଦ ହୋଇପାରୁନାହିଁ ।

ଆଜି ଯେମିତି ନାରୀକୁ ସଶକ୍ତ କରିବା ପାଇଁ ବିଭିନ୍ନ କଲେଜରେ ଝିଅମାନଙ୍କୁ ଆତ୍ମରକ୍ଷା କୌଶଳ ଶିକ୍ଷା ଦିଆଯାଉଛି, ସେହିପରି ପୁଅମାନଙ୍କୁ ମଧ୍ୟ ଜୀବନ ଶୈଳୀ ଶିକ୍ଷାରେ ରୋଷେଇ କଳା ସାମିଲ କରିବା ଦରକାର । ଉଭୟ ପୁଅ-ଝିଅ ସବୁପ୍ରକାରର କଳା ଜାଣିବାରେ ଲିଙ୍ଗଗତ ପାର୍ଥକ୍ୟ ରହିବା ଉଚିତ ନୁହେଁ । ଆଗାମୀ ଦିନରେ ଯଦି ଉଭୟ ସ୍ୱାମୀ-ସ୍ତ୍ରୀ ଚାକିରି କରନ୍ତି ତେବେ ସେମାନେ ନିଜ ଭିତରେ ସବୁକାମ ଅଧା ଅଧା ବାଣ୍ଟି କରିବାରେ ସକ୍ଷମ ହୋଇପାରୁଥିବେ ।

ଏହି ସମାଜରେ ତ ନାରୀ ହିଁ ନାରୀର ଶତ୍ରୁ । କାରଣ ସବୁ ମା' ବା ଶାଶୂ ଚାହାନ୍ତି ଝିଅ ଅପେକ୍ଷା ପୁଅ ଅଧିକ ପଢୁ, ଅଧିକ ଖାଉ, ଝିଅ ଅପେକ୍ଷା ପୁଅକୁ ଅଧିକ ସ୍ୱାଧୀନତା ଦିଆଯାଉ । ପୁଅ-ବୋହୂ ଉଭୟ ଚାକିରି କରିଥିଲେ ବି ବୋହୂ ଘରର ସବୁ କାମ କରୁ । କାରଣ ଆମ ସମାଜ ନାରୀ ଚିନ୍ତାଧାରାକୁ ସେହିଭଳି ଢଙ୍ଗରେ ମୂଳରୁ ପ୍ରସ୍ତୁତ କରି ରଖିଛି । ଯେଉଁଠାରୁ ସେ ବାହାରି ପାରୁ ନାହିଁ । ତାଙ୍କ ସମୟରେ ଏମିତି ଚାଲୁଥିଲା, ଏବେ ମଧ୍ୟ ତାହା ଚାଲିବ ତ'ାର ଆଶା ରହୁଛି । ଏହିସବୁ ଚିନ୍ତାଧାରାର ଅବସାନ ଘଟାଇବାର ମୂଳ ଅସ୍ତ୍ର ହେଉଛି "ଶିକ୍ଷା" । ସମାଜ ଶିକ୍ଷିତ ହେବା ଦ୍ୱାରା ଏହାର ଅନ୍ତ ଘଟିବ କିନ୍ତୁ ଶିକ୍ଷିତ ଏବଂ ସାକ୍ଷର ମଧ୍ୟତରେ ପାର୍ଥକ୍ୟ ରହିଛି । କେବଳ ସାକ୍ଷାର ହେଲେ ଯଥେଷ୍ଟ ନୁହେଁ । ଶିକ୍ଷିତ ହେବା, ଚିନ୍ତାଧାରାରେ ପରିବର୍ତ୍ତନ ଆସିଲେ ନାରୀର ସ୍ଥିତିରେ ସୁଧାର ଆସିବ । ସରକାର କରୁଥିବା ସବୁ ଯୋଜନା ସଫଳ ହେବ । ଆଉ ଦେଶକୁ ବିଶ୍ୱ ଦରବାରରେ ଆଗୁଆ ହେବାରେ କୌଣସି ବାଧା ଉପୁଜିବ ନାହିଁ ।

ସ୍କନ୍ଦ ପୁରାଣରେ ବର୍ଣ୍ଣିତ ଅଛି-
"ଦଶପୁତ୍ରସମା କନ୍ୟା ଦଶପୁତ୍ରାନପ୍ରବର୍ଧୟନ
ଯତଫଳମ୍ ଲଭତେ ମର୍ତ୍ତ୍ୟସ୍ଥଲଭ୍ୟମ୍ କନ୍ୟୈକୟା" ।
ଅର୍ଥାତ ଗୋଟିଏ ନାରୀ ଦଶପୁତ୍ର ସହ ସମାନ ।

+ଗବେଷିକା, ଅଧ୍ୟାପିକା, ଗୃହବିଜ୍ଞାନ ବିଭାଗ
କୁନ୍ତଳା କୁମାରୀ ସାବତ ମହିଳା ମହାବିଦ୍ୟାଳୟ
ମୋ-୯୪୩୮୬୫୬୯୯୪

# ଗଜାନନ ଉବାଚ

## ପୂର୍ଣ୍ଣଚନ୍ଦ୍ର ପଣ୍ଡା

କାହିଁକି ଡାକୁଛ ହେ ବିଜ୍ଞଜନେ ?
ବର୍ଷକରେ ଥରେ ଡାକି ଆଣି ଲାଞ୍ଛିତ କରିବାର ମାନେ କଣ ?
ରାସ୍ତା ଉପରେ ନର୍ଦ୍ଦମା କଡ଼ରେ ଥୋଇ ଦେଇ
କର କିଆଁ ଆମ୍ଭ ପ୍ରବଞ୍ଚନା
ବୃଥା ସାଜସଜ୍ଜା, ବୃଥା ଉତ୍ତେଜନା, ଭକ୍ତି ଶୂନ୍ୟ ମନ୍ତ୍ରପାଠରେ
ମୁଁ କଣ ଶାନ୍ତିରେ ରହି ପାରିବିନି ?

ବାର ଜାଗାରୁ ତୋର ଚାନ୍ଦାରେ ମୋ ପେଟ କଣ ପୁରିବ ?
ଶାନ୍ତିର ଅମରାବତୀର ସ୍ୱାଦ ମୋତେ କଣ ମିଳିବ ?
ତୁମ ଉଦର ତ ମୋ ଠାରୁ ଢ଼େର ଲମ୍ବା
ତୁଚ୍ଛାଟାରେ ଲମ୍ବୋଦର ଡାକ ଛାଡୁଛ କାହିଁକି ?
ବିଗତ ରାତ୍ରିର ସୁରାପାନ, ଭସାଣି ବେଳର ଉଚ୍ଛୁଳା ଭକ୍ତିରେ
ତୃପ୍ତି ପାଇବେ କି ମୋ ସାତ ପୁରୁଷ ?

ୟାକୁ ଦେଖିବାକୁ ମୋର ଆଖି ଛୋଟ
ପିତାଙ୍କ ବରଦାନରୁ ମୁଁ ହାତୀ ମୁଣ୍ଡଟି ଧରିଛି
ଆଖିଟି ଛୋଟ ହେଲେବି ମୁଁ ସବୁ ଦେଖୁଛି ।
ଏଣୁ ତେଣୁ ଗୋଟେଇ ଆଣି ଉଦର ପୁରାଇବା ନୁହେଁ ମୋର ପକ୍ଷା
ଛୋଟ ଆଖିରେ ବୃହତ୍‌କୁ ଦେଖିବା ମୋର ଶିକ୍ଷା ।

କଣ ମୋତେ ନ କରିଛ
ଚାଟଶାଳୀର ମାଟିଘରୁ ତ ମୋତେ ବିଦାକଲ
ସବୁଜିମା, ଗେରୁଆ କୋଠାଘର ଦେଖାଇ ମୋତେ ତଡ଼ିଦେଲ ଯେ,
ଧିଶକ୍ତି ସମ୍ଭବା ଶିଶୁ ମାନଙ୍କୁ ଛୋଟ ଆଖିରେ ଦେଖି ପାରୁନି
ଓପେପା, ଓପେପା ଶବ୍ଦ କରି ତଡ଼ି ଦେଲ ଓସେପାକୁ
ସେଠାରେ ଦେଖୁଛି ବିନା ମେଘରେ ବନ୍ୟା
ଖାଦ୍ୟର ବନ୍ୟା, ପୋଷାକର ବନ୍ୟା, ଅର୍ଥର ବନ୍ୟା, ଯୋଜନାର ବନ୍ୟା
ତା' ମଧ୍ୟରେ ଭାସୁଛନ୍ତି ଏ ରାଜ୍ୟର ସବୁ ପୁତ୍ର କନ୍ୟା ।

'ଶୂନଟି' ଠାରୁ 'ଫାଇଭଟି'ର କାହାଳୀ ଫୁଙ୍କି ଫୁଙ୍କି
ନେଇ ଆସିଲଣି ଡ୍ରେନ୍ ଉପରକୁ
ଭଲ ହେବ, ହାତୀମୁଣ୍ଡ ନଥିବା ଗଣେଶଟିଏ ଖୋଜ
ମୋ ଗଜ ବଦନରୁ ଶୁଣ୍ଢଟିକୁ କାଟି ଦିଅ
ବିକଳ୍ପ ଗଜାନନଟିଏ ତୁମରି ଭିତରୁ ଖୋଜ
ରଜନୀଗନ୍ଧାର ଗଜରା ପିନ୍ଧାଇ ତାଙ୍କୁ ବର ମାଗ
ମାଗିଚାଲ, ମାଡ଼ି ଚାଲ, କହିଚାଲ-
ମୋତେ ଅଣ୍ଡା ଦେ, ମୋତେ ଭାତ ଦେ, ମୋତେ ଜୋତା ଦେ, ସବୁ ଦେ,
ମୋଠାରୁ ଜ୍ଞାନ ନେ, ମନନେ ଧିଶକ୍ତି ନେ-
ମୋ ପେଁକାଳି ବେଜାଇ ଦେ ।

ମଲ୍ଲୀକାଶପୁର
ମୋ : ୯୪୩୭୭୯୭୩୭୧



# କିଛିବି ଲୋଡ଼ା ନାହିଁ

## ମାଳାକାର

ଗାଁ ସହର ଶିକ୍ଷା ମନ୍ଦିର ସବୁଠି କୋଳାହଳ,
ଗଣେଶ ବାବା ଆସିବେ ବୋଲି ପଡ଼ିଲାଣି ଚହଳ ।
ପୂଜା ମଣ୍ଡପ ସଜାଣି ଦେଖି ଆଖି ଝଲସି ଯାଏ,
ନାନା ରଙ୍ଗର ନାନା ଢଙ୍ଗର ମୂରତି ଶୋଭାପାଏ ।
ନାଚ କୁଦରେ ଡାକବାଜିରେ ଦୁଲୁକି ଉଠେ ମହୀ,
ଭୋଦେଇ ଖରା ପୁଣି ବରଷା ମନ ନେଉଛି ମୋହି ।
ପାଠ ପଢୁଆ ପିଲା ଯେତେକ ନୂଆ ପୋଷାକ ପିନ୍ଧି,
ହାତରେ ଧରି ଭୋଗ ସାମଗ୍ରୀ ମନେ ଆନନ୍ଦ ଖୁନ୍ଦି ।
ବିଦ୍ୟାଳୟରେ ଉଡ଼ି ବୁଲନ୍ତି ସତେକି ପ୍ରଜାପତି,
ନଟବରଟି ଦୂରରେ ଠିଆ ନଯାଏ ତାଙ୍କ କତି ।
କହିଲି ତାକୁ 'କାହିଁକି ତୁହି ହୋଇଛୁ ଠିଆ ଏକା,
ପୁରୁଣା ଲୁଗା ପିନ୍ଧିଛୁ ବୋଲି ମନେ ବହୁ କି ଶଙ୍କା !
ଆଜି ପୂଜାରେ ସଭିଏଁ ଏଠି ଖୁସି ମନାନ୍ତି କେତେ,
ଏଠି ତୁ ଏକା ହୋଇଛୁ ଠିଆ କହନା କାହିଁ ମୋତେ' ।
ନଟିଆ ଶୁଣି କହିଲା 'ବାବୁ ଗଣେଶ ବାବା ମୋର,
ଜଗତ ଗୁରୁ ନାହିଁ ତାଙ୍କର ଆପଣା କିଏ ପର ।
ଭକ୍ତ ବତ୍ସଳ ଭକତି ଡୋରେ ବାନ୍ଧିବି ତାଙ୍କୁ ମୁହିଁ,
ନୂଆ ପୋଷାକ ଜାକ ଜମକ କିଛି ବି ଲୋଡ଼ା ନାହିଁ' ।

# ବିଘ୍ନ ବିନାଶକ ଶ୍ରୀଗଜାନନ

ପ୍ରଶାନ୍ତ କୁମାର ନାୟକ

ହିନ୍ଦୁ ରାଷ୍ଟ୍ର ହେଉଛି ସର୍ବ ଧର୍ମ ସମନ୍ୱୟର କ୍ଷେତ୍ର । ଏଠାରେ ବର୍ଷକୁ ବାରମାସରେ ତେରପର୍ବ ପାଳନ କରାଯାଏ । ପ୍ରକୃତରେ ଏହି ଲୋକକଥା ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ ଅଟେ । ସେହି ପର୍ବ ମାନଙ୍କ ମଧ୍ୟରେ ଭଗବାନ ଶ୍ରୀଗଣେଶଙ୍କ ପୂଜା ଅନ୍ୟତମ । ସେ ଅଗ୍ରପୂଜ୍ୟ ମଧ୍ୟ । ପ୍ରତି ଶୁଭ କାର୍ଯ୍ୟରେ ବିନାୟକଙ୍କ ପୂଜା ପ୍ରଥମେ କରାଯାଏ । ସେ ବିଘ୍ନ ବିନାଶକ । ସେଥିପାଇଁ ତାଙ୍କୁ କୁହାଯାଏ ମଙ୍ଗଳ ମୂର୍ତ୍ତି । ଭାଦ୍ରବ ମାସ ଶୁକ୍ଳ ପକ୍ଷ ଚତୁର୍ଥୀ ତିଥିରେ ଶ୍ରୀଗଣେଶ ଭଗବାନଙ୍କର ପୂଜା କରାଯାଏ ।

'ବକ୍ରତୁଣ୍ଡ ମହାକାୟ
ସୂର୍ଯ୍ୟକୋଟି ସମପ୍ରଭ,
ନିର୍ବିଘ୍ନଂ କୁରୁମେଦେବ
ସର୍ବ କାର୍ଯ୍ୟେଷୁ ସର୍ବଦା ।'

ଭଗବାନ ଗଣେଶ ହେଉଛନ୍ତି ମାତା ପାର୍ବତୀ ଓ ଭଗବାନ ଶିବଙ୍କର ପୁତ୍ର । ଭଗବାନ ଗଣେଶଙ୍କ ଜନ୍ମ ବାର୍ଷିକୀକୁ ଗଣେଶ ପୂଜା ଭାବରେ ପାଳନ କରାଯାଇଥାଏ । ଦେଶର ସର୍ବତ୍ର ଗଜାନନଙ୍କର ପୂଜା କରାଯାଉଥିଲେମଧ୍ୟ ମହାରାଷ୍ଟ୍ରରେ ଏହା ସ୍ୱତନ୍ତ୍ର ଭାବରେ ପାଳିତ ହୁଏ । ଓଡିଶାର ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ଜଟଣୀ ଓ ଅନୁଗୁଳ ଜିଲ୍ଲାର ତାଳଚେରଠାରେ ମଧ୍ୟ ଏହି ପୂଜା ଦୀର୍ଘ ଦିନଧରି ବିଶେଷଭାବରେ ପାଳିତ ହୋଇଥାଏ । ଗଣେଶ ଚତୁର୍ଥୀ ଅବସରରେ ଭୋଗ ଭାବରେ ନାନାଦି ପୁଷ୍ପ, ଫଳମୂଳ ଓ ମିଷ୍ଟାନ୍ନ ଇତ୍ୟାଦି ଲାଗି ହେଉଥିଲେ ମଧ୍ୟ ' ମୋଦକ ' ଭଗବାନ ଗଣେଶଙ୍କର ଅତ୍ୟନ୍ତ ପ୍ରିୟ ଅଟେ । ଶ୍ରୀଗଣେଶଙ୍କ ପୂଜା ଦ୍ୱାରା ମାନସିକ ଶାନ୍ତି ମିଳେ ଓ ଛାତ୍ରଛାତ୍ରୀଙ୍କୁ ଏହା ସାହସ ଏବଂ ଆତ୍ମ ବିଶ୍ୱାସ ପ୍ରଦାନ କରିଥାଏ । ତାଙ୍କର ଶ୍ରୀମୁଖ ହସ୍ତୀ ଭଳି ହୋଇଥିବାରୁ ତାଙ୍କୁ ଗଜାନନ ବୋଲି ମଧ୍ୟ କୁହାଯାଏ । ଏହି ଗଜାନନ ବଦନର ସ୍ୱତନ୍ତ୍ର ଏକ ରହସ୍ୟ ରହିଛି ଯାହା ଏହିପରି :-

ଏକଦା ମାତା ପାର୍ବତୀ ନିରୋଳାରେ ସ୍ନାନ କରିବାକୁ ଅଭିଳାଷ କଲେ । ଏହି ସମୟରେ ତାଙ୍କ ଶରୀରରୁ ନିର୍ଗତ ହୋଇଥିବା ମଳିକୁ ସେ ଏକ ମୂର୍ତ୍ତିର ରୂପ ଦେଇ ସଙ୍ଗେସଙ୍ଗେ ତାହାକୁ ଜୀବଦାନ ଦେଇଦେଲେ । ଫଳରେ ଏକ ଦିବ୍ୟ ସୁନ୍ଦର ପୁତ୍ର ସନ୍ତାନ ରୂପେ ପ୍ରତିଫଳିତ ହେଲା ଯାହାର ନାମ ମାତା ପାର୍ବତୀ ଗଣେଶ ରଖିଲେ । ସେହି ଗଣେଶଙ୍କୁ ମାତା ଆଦେଶ ଦେଲେଯେ, ପୁତ୍ର ମୁଁ ବର୍ତ୍ତମାନ ସ୍ନାନ କରିବି । ତୁମେ କକ୍ଷ ସମ୍ମୁଖରେ ଯାଇ ଜଗିରୁହ ଯେପରିକି ମୋର ସ୍ନାନ କର୍ମରେ ବାଧା ନହୁଏ । କାହାକୁ ବି କକ୍ଷ ମଧ୍ୟରେ ପ୍ରବେଶ କରିବାକୁ ଦେବନାହିଁ । ଏହି ଆଦେଶପାଇ ଗଣେଶ କକ୍ଷ ସମ୍ମୁଖରେ ଜଗିରହିଲେ । କିଛି ସମୟପରେ ଭଗବାନ ଶିବଶଙ୍କର କକ୍ଷ ସମ୍ମୁଖରେ ଆସି ପହଞ୍ଚିଲେ । ଭିତରକୁ ପ୍ରବେଶ ଲାଗି ଚେଷ୍ଟା କରିବାରୁ



ଗଣେଶ ତାଙ୍କର ପଥ ଅବରୋଧ କଲେ । ଶିବଶଙ୍କର କହିଲେ ମୁଁ ଉମାପତି ଭଗବାନ ଭୋଳାନାଥ । ମୁଁ କକ୍ଷ ମଧ୍ୟକୁ ଯାଇପାରିବିନି କେମିତି । ମୋତେ ବିନା ଦ୍ୱିଧାରେ ଭିତରକୁ ଯିବାକୁ ଦିଅ ବତ୍ସ । ଯେତେ ବୁଝାଇଲେ ମଧ୍ୟ ଗଣେଶ ଶୁଣିବାକୁ ନାରାଜ୍ । ମାତାଙ୍କ ଆଦେଶ କଥା କହିଲେ ମଧ୍ୟ ଭଗବାନ ଶିବ ମଧ୍ୟ କିଛି ଶୁଣିନଥିଲେ । ଫଳରେ ଉଭୟଙ୍କ ମଧ୍ୟରେ କଠୋର ଯୁକ୍ତିତର୍କ ହେଲା । ସ୍ୱର୍ଗରୁ ଦେବତାଗଣ ଅବତରଣକରି କହିଲେ ପୁତ୍ର ଇଏ ହେଉଛନ୍ତି ଭଗବାନ ଶିବଶଙ୍କର , ମାତା ପାର୍ବତୀଙ୍କର ସ୍ୱାମୀ । ତୁମେ ତାଙ୍କୁ ଭିତରକୁ ଯିବାକୁ ଦିଅ । କିନ୍ତୁ ଗଣେଶ ମାତାଙ୍କ ଆଦେଶକୁ ଅକ୍ଷରେ ଅକ୍ଷରେ ପାଳନ କରିବାକୁଯାଇ କାହାକଥା କିଛିବି ଶୁଣିଲେ ନାହିଁ । ଫଳରେ ଭଗବାନ ଗଣେଶ ଓ ପିତା ଶିବଶଙ୍କରଙ୍କ ମଧ୍ୟରେ ଭୟଙ୍କର ଯୁଦ୍ଧ ହେଲା । ପରିଶେଷରେ ଭଗବାନ ଶିବ ତାଙ୍କର ଅମୋଘ ଅସ୍ତ୍ର ତ୍ରିଶୂଳରେ ଗଣେଶଙ୍କ ମସ୍ତକ ଛେଦନ କରିଦେଲେ । ଯେତେବେଳ ମାତା ପାର୍ବତୀ କକ୍ଷ ବାହାରକୁ ଆସି ଦେଖିଲେଯେ , ତାଙ୍କରି ପ୍ରିୟ ପୁତ୍ରର ମୁଣ୍ଡ ଗଣ୍ଡି ଅଲଗା ହୋଇ ପଡିରହିଛି ସେତେବେଳେ ତାଙ୍କର କ୍ରୋଧର ସୀମା ଲଙ୍ଘିବାକୁ ଲାଗିଲା । ଏହାଦ୍ୱାରା ତାଙ୍କ କ୍ରୋଧାଗ୍ନିରେ ତ୍ରିଭୁବନ ପ୍ରକମ୍ପିତ ହେବାକୁ ଲାଗିଲା । ତାଙ୍କ ଚକ୍ଷୁ ଯୁଗଳରୁ ଜ୍ୱାଳାମୁଖୀ ନିର୍ଗତ ହେଲା । ଏହାଫଳରେ ସମସ୍ତ ଦେବତାଗଣ ମଧ୍ୟ ଭୟଭୀତ ହୋଇ ଉଠିଲେ । ମାତା ପାର୍ବତୀ ନିର୍ଦ୍ଦେଶ ଦେଲେଯେ , ତତ୍ କ୍ଷଣାତ ମୋ ପୁତ୍ରକୁ ମୋତେ ଜୀବିତ ଅବସ୍ଥାରେ ଫେରାଅ । ଅନ୍ୟଥା ମୁଁ ସମଗ୍ର ସଂସାରକୁ ନଷ୍ଟ କରିଦେବି । ଏହାଦ୍ୱାରା ଭଗବାନ ଶିବ ଦେବଗଣଙ୍କୁ ନିର୍ଦ୍ଦେଶ ଦେଲେଯେ, ତୁରନ୍ତ ଉତ୍ତର ଦିଗକୁ ଯାତ୍ରା କର ଏବଂ ଯେଉଁ ପ୍ରାଣୀ ଉତ୍ତର ଦିଗକୁ ମସ୍ତକ ରଖି ଶୟନ କରିଥିବେ ତାଙ୍କର ମସ୍ତକ ଛେଦନକରି ଆଣିଲେ ଶ୍ରୀଗଣେଶ ପୁନଃ ଜୀବଦାନ ପାଇପାରିବେ । ଦେବତାମାନେ ଅନେକ ଖୋଜାଖୋଜି କଲାପରେ ମଧ୍ୟ ନୈରାଶ୍ୟଜନକ ଅବସ୍ଥାରେ ନିଜନିଜ ମଧ୍ୟରେ ବାର୍ତ୍ତାଳାପ କରୁଥିଲେ ଏହାର ପ୍ରତିକାର ପାଇଁ । ଠିକ୍ ଏତିକିବେଳେ କେହିଜଣେ ଦେବତା ଗୋଟିଏ ହସ୍ତୀକୁ ଦେଖିଲେ ଯିଏକି ଉତ୍ତର ଦିଗକୁ ମସ୍ତକ ରଖି ଶୟନ କରିଛି । ସେ ଦେବରାଜ ଓ ଅନ୍ୟାନ୍ୟ ଦେବଗଣଙ୍କୁ ଜଣାଇଲେ । ଏକ ହସ୍ତୀ ହୋଇଥିଲେ ମଧ୍ୟ ସେମାନେ ଆଉ କାଳବିଳମ୍ବ ନକରି ସେହି ହସ୍ତୀର ମସ୍ତକ ଛେଦନକରି ନେଇ ଆସିଲେ । ସଙ୍ଗେସଙ୍ଗେ ସେହି ହାତୀର ମସ୍ତକ ଗଣେଶଙ୍କ ଛିନ୍ନ ଶରୀରରେ ଲଗାଇବାରୁ ଏକ ସୁନ୍ଦର ଓ ମନଲୋଭା ଦିବ୍ୟରୂପଧାରୀ ଭଗବାନ ଗଣେଶ ନୂତନ ଜୀବଦାନ ପାଇଲେ । ଏହାପରେ ତ୍ରୈଲୋକ୍ୟ ନାଥ ବ୍ରହ୍ମା , ବିଷ୍ଣୁ, ମହେଶ୍ୱର ଏବଂ ସର୍ବ ଦେବତାଗଣ ଗଣେଶଙ୍କୁ ଶୁଭାଶୀର୍ବାଦ ପ୍ରଦାନ ପୂର୍ବକ ସମସ୍ତ ଜଗତକୁ ନିର୍ଦ୍ଦେଶ ଦେଲେଯେ , ଏହି ଗଣେଶ ସାରା ସଂସାରରେ ଅଗ୍ରପୂଜ୍ୟ ଭାବରେ ପୂଜିତ ହେବେ । ସେ ବିଦ୍ୟାଧିପତି ଓ ବୁଦ୍ଧିଦାତା ହେବେ । ତାଙ୍କର ଅନ୍ୟନାମ ଗଜାନନ ହେବ । ତାଙ୍କର ପୂଜନ ଦ୍ୱାରା ପ୍ରାଣୀମାନଙ୍କର ବିଘ୍ନ ନାଶ ହେବ ଓ ସେ ବିଘ୍ନବିନାଶକ ଭାବରେ ମଧ୍ୟ ସର୍ବଜନବିଦିତ ହେବେ । ସମସ୍ତ ଦେବତାଗଣଙ୍କ ପୂଜନ ପୂର୍ବରୁ ଏବଂ ସମସ୍ତ ପୂଜାବିଧି ପୂର୍ବରୁ ସର୍ବ ପ୍ରଥମେ ଗଜାନନଙ୍କର ପୂଜାହେବ । ଏହାକୁ ସମସ୍ତ ଦେବାଦେବୀ ଗ୍ରହଣ କଲେ ଓ ସେବେଠାରୁ ବିଘ୍ନ ହର୍ତ୍ତା ଗଣେଶ ଭଗବାନଙ୍କୁ ଆଗ ପୂଜା କରାଯାଏ । ନିଜ ପ୍ରିୟ ପୁତ୍ରର ଏଭଳି ଆଶୀର୍ବାଦ ଓ କଲ୍ୟାଣ ଦେଖି ମାତା ପାର୍ବତୀଙ୍କର କ୍ରୋଧ କ୍ରମେ ଶାନ୍ତ ହେଲା ଓ ଅତ୍ୟନ୍ତ ଖୁସୀ ହେଲେ । ଏହି ପରିପ୍ରେକ୍ଷୀରେ ହିନ୍ଦୁ ଧର୍ମାବଲମ୍ବୀମାନଙ୍କ ମଧ୍ୟରେ ଦୃଢ ବିଶ୍ୱାସ ରହିଛିଯେ , ଯେ କୌଣସି କାର୍ଯ୍ୟ ଆରମ୍ଭ କରିବାପୂର୍ବରୁ ବିଘ୍ନ ବିନାଶକ ଗଣେଶଙ୍କୁ ପୂଜାକଲେ ସର୍ବ ସିଦ୍ଧି ପ୍ରାପ୍ତ ହେବାସହିତ ସମସ୍ତ ବିଘ୍ନ ବିନାଶ ହୋଇଥାଏ । ଗାଁରୁ ସହର, ବିଦ୍ୟାଳୟ ,ମହାବିଦ୍ୟାଳୟ , ବିଶ୍ୱବିଦ୍ୟାଳୟ, କଳକାରଖାନା ଓ ସରକାରୀ ବେସରକାରୀ ପ୍ରତିଷ୍ଠାନ ଇତ୍ୟାଦି ସ୍ଥାନ ମାନଙ୍କରେ ଭାଦ୍ରବମାସ ଶୁକ୍ଳ ପକ୍ଷ ଚତୁର୍ଥୀ ତିଥିରେ ଏକ ଭବ୍ୟ ସମାରୋହରେ ଗଣେଶ ଭଗବାନଙ୍କର ପୂଜା କରାଯାଏ । ଏହି ପୂଜାପାଇଁ କେତେକ ସ୍ଥାନରେ ପ୍ରତିଯୋଗିତା ମଧ୍ୟ ହୋଇଥାଏ ।

ଏହି ପୂଜା ସମାଜରେ ଏକତା, ସମ୍ମିଳନ, ସାଂପ୍ରଦାୟିକତା ଓ ଭାଇଚାରା ମଧ୍ୟ ବୃଦ୍ଧି କରେ । ଶାସ୍ତ୍ରୀୟ ମତାନୁଯାୟୀ ଏହି ପୂଜା ଲୋକମାନଙ୍କୁ ସମସ୍ତ କୁକାର୍ଯ୍ୟ, ଅବିଧି ଓ ଦୁଃଖ କଷ୍ଟରୁ ମୁକ୍ତ କରି ସମୃଦ୍ଧି , ଶାନ୍ତି ଏବଂ ଶୁଭକାର୍ଯ୍ୟର ଅନୁକୂଳ ପରିବେଶ ସୃଷ୍ଟି କରିବାକୁ ଉଦ୍ଦିଷ୍ଟ ଅଟେ । ତେଣୁ ଗଣେଶ ପୂଜା ଲୋକମାନଙ୍କ ମଧ୍ୟରେ ଏକତା ଓ ନବସଂକଳ୍ପର ପ୍ରେରଣା ଯୋଗାଇଥାଏ , ଯାହାକି ସମାଜର ଶାନ୍ତି , ସମ୍ମିଳନ ଓ ସମୃଦ୍ଧିର ପ୍ରତିକ ରୂପେ ଗ୍ରହଣ କରାଯାଏ । ଭଗବାନ ଗଣେଶଙ୍କ ପୂଜା ପରେପରେ ଦେଶରେ/ରାଜ୍ୟଗୁଡିକରେ ଅନ୍ୟାନ୍ୟ ପୂଜା ପାର୍ବଣସବୁ ଗୋଟିଏ ପରେ ଗୋଟିଏ କ୍ରମାନ୍ୱୟରେ ଲାଗିରହିଥାଏ । ଏଇଥି ପାଇଁ ତ ଶ୍ରୀଗଣେଶ ଅଗ୍ରପୂଜ୍ୟ ।

' ଓଁ ନମୋ ଗଣେଶ ବିଘ୍ନେଶ ଗିରିଜା ନନ୍ଦନଂ ପ୍ରଭୋ ମମ ବିଘ୍ନ ବିନାଶାୟ ଗଣାଧିପତୟେ ନମଃ । '

# ନମୋ ଗଣେଶ ବିଘ୍ନେଶ

ବିପିନ ବିହାରୀ ମହାନ୍ତି

ଭାରତର ହିନ୍ଦୁ ସଂସ୍କୃତିରେ ସିଦ୍ଧିଲାଭ ଓ ସଙ୍କଟ ମୋଚନ ନିମନ୍ତେ ବୈଦିକ ଯୁଗରୁ ଶ୍ରୀ ଗଣେଶ ଅଗ୍ରପୂଜ୍ୟ ଗଣଦେବତା ରୂପେ ପୂଜା ହୋଇ ଆସୁଛନ୍ତି । ସମସ୍ତେ ଜାଣିବାରେ ସେ ଶିବ ଓ ପାର୍ବତୀଙ୍କର ପୁତ୍ର । ପ୍ରକୃତରେ ସେ ହେଉଛନ୍ତି ପାର୍ବତୀଙ୍କର ମାନସପୁତ୍ର । ଏଣୁ ତାଙ୍କୁ ଅଜନ୍ମା ବୋଲି କୁହାଯାଏ । ତାଙ୍କ ଜନ୍ମ ତିଥି ଭାଦ୍ର ଶୁକ୍ଳ ଚତୁର୍ଥୀ ଅଟେ । ଏ ସମସ୍ତ ମଙ୍ଗଳ କାର୍ଯ୍ୟରେ ପ୍ରଥମେ ପୂଜା ପାଆନ୍ତି । ଭାରତ ବର୍ଷରେ ସର୍ବତ୍ର ଗଣେଶ ଚତୁର୍ଥୀ ପାଳିତ ହୁଏ । ମହାରାଷ୍ଟ୍ରରେ ଏହାକୁ ଜାତୀୟ ପର୍ବରୂପେ ୧୮୯୩ ମସିହାରୁ ପାଳିତ ହୋଇ ଆସୁଅଛି । ଏହି ପ୍ରଥାଟିକୁ ଲୋକମାନ୍ୟ ତିଳକ ପ୍ରଚଳନ କରାଇଥିଲେ । ତାଙ୍କ ଲକ୍ଷ୍ୟ ଥିଲା ଯେ ଏହା ଲୋକମାନଙ୍କ ହୃଦୟରେ ଏକତା ଏବଂ ଭାତୃଭାବ ରକ୍ଷା କରିବ । ବୈଦିକ ଯୁଗରେ ଗଣେଶ ପୂଜାର ବିଶେଷତ୍ୱ



ଏହାହିଁ ଥିଲା । 'ଗଣେଶ' ଶବ୍ଦଟି ଗଣ ଯୁକ୍ତ ଈଶ ରୁ ସୃଷ୍ଟି । ଅଥବା 'ଗଣପତି' ଶବ୍ଦଟି 'ଗଣ' ଯୁକ୍ତ 'ପତି'ରୁ ସୃଷ୍ଟି । ଉଭୟଙ୍କ ଅର୍ଥ ଏକା । ଗଣ କହିଲେ ଲୋକମାନଙ୍କୁ ବୁଝାଏ । 'ଈଶ' ବା 'ପତି' କହିଲେ 'ଈଶ୍ୱର' ବା 'ସ୍ୱାମୀ'ଙ୍କୁ ବୁଝାଏ । ଏହି ଅର୍ଥରେ ଗଣେଶ ବା ଗଣପତି ଠିକ୍ ।

ବୈଦିକ ଆର୍ଯ୍ୟମାନେ ବ୍ୟକ୍ତିଗତ ମଙ୍ଗଳ ଅପେକ୍ଷା ସାମୁହିକ କଲ୍ୟାଣ ଓ ସଂଘଶକ୍ତି ଉପରେ ଗୁରୁତ୍ୱ ଦେଉଥିଲେ । ଏହି ସଂଘଶକ୍ତି ହିଁ ଗଣଶକ୍ତି ଏବଂ ପରବର୍ତ୍ତୀ ଯୁଗରେ ଏହି ଗଣଶକ୍ତି ଗଣତନ୍ତ୍ରର ରୂପରେଖ : 'ଗଣମାନଙ୍କର ସରକାର' । ଏଥିରେ ଜନଗଣଙ୍କ ହିତକୁ ପରମ କର୍ତ୍ତବ୍ୟ ରୂପେ ବିଚାର କରାଯାଇଥାଏ । ଏହି ମୂଳତତ୍ତ୍ୱକୁ ଆଧାରକରି ବିଦ୍ୟା, ସିଦ୍ଧି, ଜ୍ଞାନ ଓ ସମୃଦ୍ଧିର ଦେବତା ରୂପେ ଗଣପତିଙ୍କୁ ସେମାନେ ଆବାହନ କରୁଥିଲେ :

ଗଣାନାଂତ୍ୱାଂ ଗଣପତିଂ ହବାମହେ
ପ୍ରିୟଣାଂ ତ୍ୱାଂ ପ୍ରିୟପତିଂ ହବାମହେ
ନିଧିନାଂତ୍ୱାଂ ନିଧିପତିଂ ହବାମହେ... ॥

ଗଣେଶ ହେଉଛନ୍ତି ଜନ ଶକ୍ତିର ପ୍ରତୀକ; ନିୟମାଙ୍କ । ବୈଦିକ କଳ୍ପନାରେ ସେ ଗଜବଦନ ଗଣେଶ ନଥିଲେ; ନିରାକାର ବ୍ରହ୍ମ ।

ଗଣେଶଙ୍କର ବର୍ତ୍ତମାନର ମୂର୍ତ୍ତିକଳ୍ପନା ଏବଂ ତାଙ୍କ ମଣିଷ ଶରୀର ଓ ହସ୍ତୀର ମୁଖ ଗଠନ ହେଉଛି ପରବର୍ତ୍ତୀ ସମୟର ଯାହାକି ଏକ ବିଚିତ୍ର କାହାଣୀ ସହିତ ସମ୍ପୃକ୍ତ । ତଥାପି ଏ ଗଠନରେ ଏକ ଅପୂର୍ବ ରହସ୍ୟ ରହିଛି । ଗଣେଶଙ୍କ ଶରୀର ଉଭୟ ମାନବ ଓ ପଶୁର ମିଳନର ପ୍ରତୀକ । ତାଙ୍କର ଉଦର ଏବଂ ଶରୀର ଯଥାକ୍ରମେ ଏ ବିଶାଳ ବିଶ୍ୱ ବ୍ରହ୍ମାଣ୍ଡ ଏବଂ ତାଙ୍କ ଆକାରର ପ୍ରତୀକ । ମସ୍ତକର ଜଟା, ଦୁଇ ହସ୍ତରେ ବର; ଅଭୟ ଏବଂ ଅନ୍ୟ ଦୁଇ ହାତର ପାଶ ଏବଂ ଅଙ୍କୁଶ ଶୋଭ ପାଉଛି । ନାଗ ତାଙ୍କର ଯଜ୍ଞୋପୋବୀତ, ହସ୍ତୀମୁଖ ଏବଂ ପାଖେ ପାଖେ ମୂଷିକ ବାହନ ଇତ୍ୟାଦି ପୌରାଣୀକ ରୂପ କଳ୍ପନାରେ ଗଣତାନ୍ତ୍ରିକ ଚେତନା ଛଡ଼ା ଆଉ କିଛି ହୋଇନପାରେ । ଶ୍ରୀ ଗଣେଶ ଶିବ ପରିବାର ଅନ୍ତର୍ଭୁକ୍ତ ହେତୁ, ଦୁଇ ବିପରୀତ ଚେତନା ଯଥା ସବଳ ଓ ଦୁର୍ବଳର ସହାବସ୍ଥାନର ନିଦ୍ଦର୍ଶନ ସ୍ୱରୂପ 'ମୂଷିକ-ସାପ', 'ସିଂହ-ଷଣ୍ଢ' ତଥା 'ଶିବଗଣ-ଗଣେଶ' ଉଲ୍ଲେଖନୀୟ ଅଟନ୍ତି ।

ତ୍ରିଦେବ ପରିକଳ୍ପନାରେ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ଏକ ଏବଂ ଅଭିନ୍ନ ହେଲେହେଁ, ଗଣେଶଙ୍କର ଜନ୍ମ ରହସ୍ୟକୁ ଆଧାର କରି ଏବଂ ପାର୍ବତୀକୁ ଅଭିମାନକୁ ସମ୍ମାନ ଜଣାଇ ତାଙ୍କୁ 'ଅଗ୍ରପୂଜ୍ୟ' ଦେବତା ରୂପେ ଶ୍ରୀକୃଷ୍ଣ ସ୍ୱୀକାର କରାଇଛନ୍ତି । ଗଣେଶଙ୍କ ଦ୍ୱାରା ଗଣତନ୍ତ୍ରକୁ ଚଳାଇବା ପାଇଁ ବିଦ୍ୟା, ବୁଦ୍ଧି ଓ ବିବେକର ଆବଶ୍ୟକ ଅଛି । ଗଣପତି ହିଁ ଏ ତିନୋଟିର ଅଧିକାରୀ ଏବଂ ନିୟମାଙ୍କ ଅଟନ୍ତି । ଶ୍ରୀ ଅରବିନ୍ଦ ଏବଂ ସ୍ୱାମୀ ଶିବାନନ୍ଦଙ୍କ ମତରେ :

ବିଶାଳ ବିଶ୍ୱର ସକଳ ପାଣୀମାନଙ୍କର ଧୀଶକ୍ତି ଓ ବିଚାର ଶକ୍ତିର ସାମଗ୍ରୀକ ପ୍ରତୀକ ହେଲେ 'ଶ୍ରୀ ଗଣେଶ' । ଏଣୁ ବୈଦୀକ ସରସ୍ୱତୀଙ୍କ ପରି ଶ୍ରୀ ଗଣେଶ ମଧ୍ୟ ବିଦ୍ୟାର୍ଥୀ, କର୍ମଜୀବୀ ଓ ବ୍ୟବସାୟୀଙ୍କ ଦ୍ୱାରା ବିଶେଷ ଭାବରେ ଉପାସିତ ହୋଇଆସୁଛନ୍ତି । କବି ଓ ଲେଖକମାନେ ଲେଖନୀ ଚାଳନା ପୂର୍ବରୁ ତାଙ୍କୁହିଁ ସ୍ମରଣ କରନ୍ତି; ଜାଗ ଯଜ୍ଞ, ଦେବପୂଜନ, ଦେବାଳୟ ପ୍ରତିଷ୍ଠା, ଗୃହ, ପୁଷ୍କରିଣୀ ଏବଂ ସେତୁ ନିର୍ମାଣ ଠାରୁ ଆରମ୍ଭ କରି ସକଳ ଶୁଭ କର୍ମରେ ପ୍ରଥମେ ଗଣପତିଙ୍କର ଉପାସନା ହୁଏ, ଆଉ ବାକି କଥା ପରେ ।

ବିଶ୍ୱାସ, ସାଧନାର ସିଦ୍ଧି ଏବଂ ସମସ୍ତ ସଙ୍କଟ ମୋଚନ ପାଇଁ ଗଣପତି ଏକମାତ୍ର ସାହା । ଏଣୁ ଯଥାର୍ଥରେ ସେ ବିଘ୍ନ ବିନାଶକ:

ବକ୍ରତୁଣ୍ଡ ମହାକାୟଂ କୋଟି ସୂର୍ଯ୍ୟ ସମପ୍ରଭଂ
ନିର୍ବିଘ୍ନଂ କୁରୁମେ କାର୍ଯ୍ୟଂ ସର୍ବ କାର୍ଯ୍ୟେଷୁ ସର୍ବଦା ।

ଆଉ ଏକ କଥା ଏଠାରେ ଉଲ୍ଲେଖ କରୁଛୁ ଯେ ଗଣେଶଙ୍କୁ ବିଭିନ୍ନ ନାମରେ ନାମିତ କରାଯାଇଛି । ଯାହାକି ତାଙ୍କର ଏହା ଅବତାର ଲୀଳାବୋଲି କୁହାଯାଏ । ଏହି ଅବଲୀଳା କ୍ରମେ ସେ ବକ୍ରତୁଣ୍ଡରେ ମତ୍ସ୍ୟରାସୁର, ଏକ ଦନ୍ତରେ ମଦାସୁର, କୃଷ୍ଣ ପିଙ୍ଗାକ୍ଷ ଅବତାରେ ମୋହାସୁର, ଗଜାନନ ରୂପରେ ଲୋଭାସୁର, ଲମ୍ବୋଦର ରୂପେ କ୍ରୋଧାସୁର, ବିକଟ ରୂପରେ କାମାସୁର, ବିଘ୍ନରାଜ ରୂପେ ମମତାସୁର ଧୁମ୍ରବର୍ଣ୍ଣ ଅବତାରେ ଅଭିମାନସୁର, ଏହି କ୍ରମରେ ଭାଲଚନ୍ଦ୍ର, ବିନାୟକ ଏବଂ ଗଣପତି ରୂପେ ଅବତରୀ ସଙ୍କଟ ମୋଚନ କରିଆସୁଛନ୍ତି ।

ଗଣେଶଙ୍କର ପୂଜା ବିଧିର କିଛି ବୈଧାନିକ ନିୟମ ଅଛି ଅଥଚ ଆଧୁନିକତାର ଚାକଚକ୍ୟରେ ଆମେ ବ୍ୟତିକ୍ରମ କରିଚାଲିଛୁ । ଗଣେଶଙ୍କୁ ସାଷ୍ଟାଙ୍ଗ ଛିଡ଼ା କରାଇ ପୂଜା କରିବା ନିଷେଧ । ଏହା ପଶୁକର୍ମ ସହିତ ସମାନ । ଅଥଚ ଆମେ ଗଣେଶଙ୍କୁ ଠିଆ କରାଇ ପୂଜା କରୁଛୁ ଏବଂ ତାଙ୍କଠି ଭୋଗ ବାଢୁଛୁ । ତାଙ୍କ ମୁଖର ଗଠନ ସ୍ୱତନ୍ତ୍ର ହେଲେ ହେଁ, ଆମେ ତାଙ୍କୁ ବିଭିନ୍ନ ଆକୃତିରେ ବିକୃତ କରୁଅଛୁ । ଗଣେଶଙ୍କର ପ୍ରିୟ ଖାଦ୍ୟ ଲଡୁ ଏବଂ ପେଡ଼ା ଅଥଚ ଆମେ ତାଙ୍କୁ ନାନା ମିଶ୍ରିତ ଭୋଗ ରାଗ ଚଢ଼ାଇ ଦେଉଛୁ । ଏହା କଦାପି ଏକ ଶୁଭ ପରମ୍ପରା ନୁହେଁ । ତା' ଭିତରେ ଆମେ ଏକ ଦୂଷିତ ପରମ୍ପରା ସୃଷ୍ଟି କରୁଛୁ ଯାହାକି ଏକ ଦୁଃଖ ।

ଗଣେଶଙ୍କ ପୂଜା ପାଇଁ ଏକ ନିର୍ଦ୍ଦିଷ୍ଟ ମଞ୍ଚ କରାଯାଇଥାଏ । ଏହାରି ଉପରେ ଗଣେଶଙ୍କୁ ମଞ୍ଚସ୍ଥ କରାଇ ବିଧି ବିଧାନ ପୂର୍ବକ ପୂଜା କରାଯାଏ । ଏ ପୂଜା ଏକଦିନ, ସାତଦିନ ଅଥବା ୧୦ଦିନ ପର୍ଯ୍ୟନ୍ତ ଚାଲିପାରେ । ଯେଉଁମାନେ ଗଣେଶଙ୍କୁ ଘରେ ଅଥବା ଦ୍ୱାର ଦେଶରେ ଅବସ୍ଥାପିତ କରାଇଛନ୍ତି, ସେଠାରେ ସେ ପ୍ରତ୍ୟହ ପୂଜା ହୁଅନ୍ତି । ଆମ ଓଡ଼ିଶାରେ ଜଟଣୀ ଗଣେଶ ପୂଜା ନିମନ୍ତେ ସର୍ବୋତ୍କୃଷ୍ଟ । ଲକ୍ଷ ଲକ୍ଷ ଲୋକଙ୍କର ଏଠାରେ ଦଶ ଦିନଧରି ସମାଗମ ହୁଏ । ବିଭିନ୍ନ ପ୍ରକାର ଭ୍ରମଣକାରୀ ନାଚଦଳ, ସର୍କସ, ମୀନାବଜାର ଏବଂ ଦୋକାନ ବଜାରରେ ସହରଟି ସରଗରମ ହୋଇଉଠେ । ଏହା ବେଶ୍ ଉପଭୋଗ୍ୟ । ଜଟଣୀ ବ୍ୟତୀତ, ଏବେ ପୁରୀ, ଭୁବନେଶ୍ୱର ଏବଂ କଟକ ଇତ୍ୟାଦିରେ ବଡ଼ଧରଣର ଗଣେଶ ପୂଜା ଆରମ୍ଭ ହେଲାଣି । ପୂଜା ପରେ ମୃଣ୍ମୟ ମୂର୍ତ୍ତିଙ୍କୁ ଜଳାଶୟରେ ବିସର୍ଜନ କରାଯାଏ ।

ଗଣତାନ୍ତ୍ରିକ ଚେତନା ଓ ଏକତାର ସୂତ୍ରଧର ଏ ଗଣେଶ ପୂଜା । ଆସନ୍ତୁ, ଜାତି, ଧର୍ମ ନିର୍ବିଶେଷରେ ଏହାକୁ ପାଳନ କରିବା ଏବଂ ଆମ ଦେଶର ସଂହତି ରକ୍ଷା କରିବାରେ ସହାୟକ ହେବା ।

+ବିକାଶ ନଗର, ଜଟଣୀ, ଖୋର୍ଦ୍ଧା
ମୋ : ୯୯୩୮୩୪୧୩୮

# ଗଣାନାଂ ତ୍ୱାଂ ଗଣପତି ହବାମହେ...

କିଶୋର କୁମାର ଜେନା

ଗଣେଶଙ୍କ ବିଗ୍ରହର ଗଜମୁଖ ଭାରତର ଆଦିମ ବାଣୀ ଓଁକାରର ପ୍ରତୀକ, ତେଣୁ ଗଣେଶ ଓଁକାର ସ୍ୱରୂପ ପରଂବ୍ରହ୍ମ ଭାବେ ମଧ୍ୟ ପୂଜିତ । ଯଜୁର୍ବେଦରେ ଗଣେଶଙ୍କ ମନ୍ତ୍ର ନିମ୍ନ ଭାବେ ରହିଛି - "ଗଣାନାଂ ତ୍ୱାଂ ଗଣପତି ହବାମହେ, ପ୍ରିୟାଣାଂ ତ୍ୱାଂ ପ୍ରିୟପତି ହବାମହେ, ନିଧିନାଂ ତ୍ୱାଂ ନିଧିପତିଂ ହବାମହେ, ବସୋର୍ମମ ।" ଓଡ଼ିଆ ଜନଜୀବନ ତଥା ଶିକ୍ଷାୟତନରେ ଗଣେଶ ପୂଜା ବା ଗଣନାଥଙ୍କ ପୂଜା ଏକ ମହତ୍ୱପୂର୍ଣ୍ଣ ଉତ୍ସବ । ମହାପ୍ରଭୁ ଶ୍ରୀ ଗଣେଶ କେବଳ ବିଦ୍ୟାଦାତା ନୁହଁନ୍ତି ସେ ଧର୍ମଦାତା ଓ ସିଦ୍ଧିଦାତା ଭାବେ ଅଗ୍ରପୂଜ୍ୟର ଆସନ ଗ୍ରହଣ କରିଛନ୍ତି । କେବଳ ଓଡ଼ିଶାରେ ନୁହେଁ ସମଗ୍ର ଭାରତରେ ଶ୍ରୀଗଣେଶଙ୍କ ପୂଜା ମହାଆଡ଼ମ୍ବର ସହକାରେ ପୂଜା ହୋଇଥାଏ । ଓଡ଼ିଶାର ଶରତ ଋତୁରେ ଶ୍ରୀ ଗଣେଶ ପୂଜା ହେଉଛି ଅନ୍ୟତମ ପାର୍ବଣ । ଭାଦ୍ରବ ମାସ ପବିତ୍ର ଶୁକ୍ଳ ଚତୁର୍ଥୀଦିନ ଏହି ପୂଜା କରାଯାଇଥାଏ । ସେ ଦିନ ଛାତ୍ରଛାତ୍ରୀଙ୍କ ଠାରୁ ଅନେକ ଗଣେଶଙ୍କ ଶ୍ରଦ୍ଧାଳୁ ଉପବାସ କରିବା ସହ ବିଦ୍ୟା, ଧନ ଓ ଶୁଭକାମନା କରି ଶୁଦ୍ଧପୂତ ମନରେ ଗଣପତିଙ୍କ ପୂଜା କରନ୍ତି । ଆମ ଦେଶରେ ସମସ୍ତ ଲୌକିକ ଓ ଧାର୍ମିକ କର୍ମର ଆରମ୍ଭରେ ଗଣନାଥଙ୍କ ପୂଜା କରାଯାଏ । 'ଶ୍ରୀ ଗଣଶାୟ ନମଃ' ପ୍ରାୟ ସବୁ ଶୁଭକର୍ମର ଆଦ୍ୟ ଉଚ୍ଚାରଣ । ଗଣାନାଂ ପତିଃ ଗଣପତିଃ, ତେଣୁ ମନ୍ତ୍ରରୁ ହିଁ ଜଣାଯାଏ ଯେ, ଗଣେଶ ସର୍ବସାଧାରଣଙ୍କ ଦେବତା । ଗଣପତି ସମୁହବାଚକ ହୋଇଥିବାରୁ ସମଗ୍ର ମାନବ ଜାତିର ସର୍ବସିଦ୍ଧିଦାତା ଭାବେ ସେ ପୂଜ୍ୟ । ପୁରାଣ ଓ ଶାସ୍ତ୍ର ଅନୁଯାୟୀ ଗଣେଶ ବିଦ୍ୟା ଓ ବୁଦ୍ଧିର ଦେବତା । ତାଙ୍କର ଅନ୍ୟ ନାମ ବିଶ୍ଳେଷଣ । ସମସ୍ତ ବିଘ୍ନ ଓ ବିପଦର ସେ ବିନାଶକାରୀ । ସେ ଅଶୁଭକୁ ଦୂର କରି ଶୁଭ ଆଣନ୍ତି । ତେଣୁ ତାଙ୍କର ଉଦ୍ଦେଶ୍ୟରେ କୁହାଯାଏ । "ଓଁ ନମୋ ଗଣେଶ ବିଘ୍ନେଶ, ଗିରିଜା ନନ୍ଦ ପ୍ରଭୋ, ମମ ବିଘ୍ନ ବିନାଶୟ, ଗଣାଧିପତୟେ ନମଃ" ।

ଓଡ଼ିଶାରେ ଗଣେଶ ପୂଜା ଏକ ବିଶେଷ



ମହତ୍ୱ ରଖିଛି । ଓଡ଼ିଶାର ପ୍ରାୟ ସବୁ ତୀର୍ଥସ୍ଥଳ ଦେବାଦେବୀଙ୍କ ପୀଠ, ଦେବାଳୟ ଓ ମନ୍ଦିର ମାନଙ୍କରେ ଅଗ୍ରପୂଜ୍ୟ ଶ୍ରୀ ଗଣେଶଙ୍କ ମୂର୍ତ୍ତି ବିରାଜମାନ ହୋଇଥାଏ । ମହାପ୍ରଭୁ ଜଗନ୍ନାଥଙ୍କ କ୍ଷେତ୍ର ଶ୍ରୀମନ୍ଦିରରେ ବିରାଟ ଗଣେଶ ମୂର୍ତ୍ତି ସ୍ଥାପିତ ହୋଇଛନ୍ତି । ଇତିହାସରୁ ତଥ୍ୟରୁ ଜଣାଯାଏ ଯେ ଗଜପତି ପୁରୁଷୋତ୍ତମଦେବ କାଞ୍ଚି ବିଜୟ କରି କାଞ୍ଚିରାଜାଙ୍କ ଇଷ୍ଟ ଦେବତା ଏହି ଗଣପତି ମୂର୍ତ୍ତି ଆଣି ବିଧି ସହକାରେ ଶ୍ରୀମନ୍ଦିରରେ ଅଧିଷ୍ଠିତ କରାଇଛନ୍ତି । ସେହିପରି ମନ୍ଦିର ମାଳିନୀ ସହର ଭାବେ ପରିଚିତ ଭୁବନେଶ୍ୱରରେ ମଧ୍ୟ ବହୁ ଗଣେଶ ବିଗ୍ରହ ରହିଛି । ସମାଜ ମଧ୍ୟରେ ଜ୍ଞାନର ପ୍ରସାର ଓ ବୃଦ୍ଧି ଦିଗରେ ଗଣେଶ ପୂଜାରେ ସାମାଜିକ ଓ ସାଂସ୍କୃତିକ ମହତ୍ତ୍ୱ ରଖିଥାଏ । ସମସ୍ତେ ଭକ୍ତିଭାବ ପ୍ରଣଦୀତ ହୋଇ ଶ୍ରୀ ଗଣେଶଙ୍କ କୃପାପ୍ରାପ୍ତି ସହ ସଂସ୍କୃତିର ବିକାଶ ଦିଗରେ କାର୍ଯ୍ୟ କରିଥାନ୍ତି । ଆମ ସାମାଜିକ ପ୍ରଥା ଓ ପରମ୍ପରାରେ ବିନାୟକ ବ୍ରତ ଏକ ମହାନ ବ୍ରତ ଭାବେ ପାଳିତ । ଏହି ବ୍ରତରେ ସାଧାରଣ ପୂଜା ପୂଜିର ଦ୍ରବ୍ୟ ବ୍ୟତୀତ ମାଳତୀ, ଭୃଙ୍ଗରାଜ, ବିଲ୍ୱ, ଶ୍ୱେତଦୁର୍ବା, ବଦରୀ, ଧୁତୁରା, ତୁଳସୀ, ଶମୀ, ବୃହତୀ, କରବୀର, ନିଆଳି, ଅର୍ଜ୍ଜୁନ, ବିଷ୍ଣୁତ୍ରୟ, ଦାଡ଼ିମ୍ବ, ଦେବଦାରୁ, ମରୁପତ୍ର, ଅଶ୍ୱତ୍ଥ, ଯାଇ, କେତକୀ, ଅଗସ୍ତିପତ୍ର, ଆମ୍ର, ଖର୍ଜ୍ଜୁର, କଦଳୀ, ନରିକେଳ, ମୋଦକ ୨୧ଗୋଟି, ଦୁର୍ବା ୨୧ କେରା, ରକ୍ତ ବସ୍ତ୍ର ଓ ଯଜ୍ଞୋପବୀତ ବ୍ୟବହାର କରାଯାଏ । ଓଡ଼ିଶାର ସମସ୍ତ ଶିକ୍ଷାୟତନରେ ବିଦ୍ୟାଦାତା ମହାପ୍ରଭୁ ଶ୍ରୀ ଗଣେଶଙ୍କ ପୂଜା ହୋଇଥାଏ । କେହି କେହି ନିଜ ପୂଜାଘରେ ମଧ୍ୟ ଶ୍ରୀଗଣେଶଙ୍କ ପୂଜା କରିଥାନ୍ତି । ଏହି ଦିନରେ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନରେ ଶ୍ରୀ ଗଣେଶଙ୍କ ପୂଜା ଆଉ କେହି ଖାତା ପୂଜା କରି ବ୍ୟବସାୟର ଉନ୍ନତି ପାଇଁ ମହାପ୍ରଭୁ ଗଣନାଥଙ୍କ ଆଶୀର୍ବାଦ ନେଇଥାନ୍ତି । ଶ୍ରୀ ଗଣେଶପୂଜାରେ ଗଣେଶଙ୍କ ପ୍ରିୟ ରାଶିଲଡୁ, ନଡ଼ିଆ, ମୋଦକ ପ୍ରଭୃତି ନୈବେଦ୍ୟ ସମର୍ପଣ ହୋଇଥାଏ । ଏହି ଜିନିଷର ବିଶେଷକରି ରାଶିର ଔଷଧୀୟ ଗୁଣ ହେଉଛି ଏହା ମସ୍ତିଷ୍କର ସ୍ନାୟୁ ସବଳ କରିଥାଏ ଯାହା ମେଦାବର୍ଦ୍ଧକ ଭାବେ କାର୍ଯ୍ୟ କରେ । ବିଦ୍ୟାଦାତା, ବିଘ୍ନନାଶକ, ଧନ ଦେବତା, ଗଣପତିଙ୍କ ଜନ୍ମକାହାଣୀ ମଧ୍ୟ ଅତ୍ୟନ୍ତ କୌତୁହଳପୂର୍ଣ୍ଣ । ପୁରାଣ କାହାଣୀ ଅନୁଯାୟୀ କୈଳାସପତି ଶିବଙ୍କ ପତ୍ନୀ ପାର୍ବତୀ ନିଜ ଅଙ୍ଗରୁ ଗଣପତିଙ୍କୁ ଜନ୍ମ ଦେଇ ନିଜ ଦ୍ୱାରର ରକ୍ଷକ ଭାବେ ଜଗାଇଥିଲେ । ଏହି ସମୟରେ ତପସ୍ୟା ସାରି ମହାପ୍ରଭୁ ଭୋଳାଶଙ୍କର ପାର୍ବତୀଙ୍କୁ ସାକ୍ଷାତ କରିବାକୁ ଆସିବାରୁ ଶ୍ରୀ ଗଣେଶ ତାଙ୍କ ବାଟ ଛାଡ଼ିନଥିଲେ । ପରବର୍ତ୍ତୀ ସମୟରେ କଥୋପକଥନ ହୋଇ ଦୁଇଜଣଙ୍କ ମଧ୍ୟରେ ମୁହାଁମୁହିଁ ଯୁଦ୍ଧ ପରିସ୍ଥିତି ସୃଷ୍ଟି ହୋଇ ପ୍ରଥମେ ସ୍ୱୟଂ ଶିବଶମ୍ଭୁ ଗଣପତିଙ୍କ ଦ୍ୱାରା ପରାସ୍ତ ହୋଇଥିଲେ । ପରେ ସେ ଯୁଦ୍ଧରେ ବିଜୟୀ ହେଲେ ଓ ଗଣନାଥଙ୍କ ମସ୍ତକ ଛେଦନ କରିଥିଲେ । କିନ୍ତୁ ଶିବ ପାର୍ବତୀଙ୍କ ପାଖରେ ପହଞ୍ଚିବା ପରେ ସମସ୍ତ ସମ୍ପର୍କ ବିଷୟରେ ଜାଣି ଗଣନାଥଙ୍କ ଛିଣ୍ଡି ଯାଇଥିବା ମସ୍ତିଷ୍କର ଖୋଜା ଚାଲିଲା । ପରିଶେଷରେ ତାହା ନମିଳିବାରୁ ଏକ ହସ୍ତୀର ମସ୍ତକ ଛେଦନ କରାଯାଇ ଗଣନାଥଙ୍କ ଶରୀରରେ ଲାଗିଥିଲା ଓ ସଞ୍ଜିବନୀ ମନ୍ତ୍ରରେ ସେ ଜୀବନ୍ୟାସ ପାଇଥିଲେ । ଶିବଙ୍କ ବର ତାଙ୍କୁ ମିଳିଥିଲା ଯେ, ପ୍ରତ୍ୟେକ ଦେବାଦେବୀଙ୍କ ପୂଜା ପୂର୍ବରୁ ତାଙ୍କ ଆରଧନା କରାଯିବ । ଶ୍ରୀ ଗଣେଶଙ୍କ ସ୍ତୁତିଟି ହେଉଛି - "ବକ୍ରତୁଣ୍ଡମହାକାୟ ସୂର୍ଯ୍ୟକୋଟି ସମପ୍ରଭଃ । ନିର୍ବିଘ୍ନଂ କୁରୁ ମେ ଦେବ ସର୍ବକାର୍ଯ୍ୟେଷୁ ସର୍ବଦା ।" ଓଡ଼ିଶାର ପୁରପଲ୍ଲୀରେ ତେଲି ସମ୍ପ୍ରଦାୟରେ ପ୍ରାୟତଃ ଶ୍ରୀ ଗଣେଶଙ୍କ ପୂଜା ସାତ ଦିନ ବା ନଅ ଦିନ ବ୍ୟାପୀ ମହା ଆଡ଼ମ୍ବରରେ ଅନୁଷ୍ଠିତ ହୋଇଥାଏ । ଶ୍ରୀ ଗଣନାଥଙ୍କ ପୂଜା ଓଡ଼ିଆର ଜନଜୀବନରେ ଏକ ମହତ୍ୱପୂର୍ଣ୍ଣ ପାର୍ବଣ କହିଲେ ଅତ୍ୟୁକ୍ତି ହେବନାହିଁ ।

ଆଇନଜୀବୀ, ବଙ୍ଗାଳିସାହି, କଟକ,
ମୋ : ୭୩୨୫୯୦୪୯୨୭/ ୭୩୭୭୪୩୯୦୭୭

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଅନଲାଇନ୍ ଗେମିଂର ଅନ୍ତ: ସମାଜ ଓ ଅର୍ଥନୀତି ଉପରେ ପ୍ରଭାବ

ଭାରତର ଡିଜିଟାଲ ପରିବେଶରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିଛି ସଂସଦ ଦ୍ୱାରା ନିକଟରେ ପାରିତ ହୋଇଥିବା 'ପ୍ରୋମୋସନ ଆଣ୍ଡ ରେଗୁଲେସନ ଅଫ ଅନଲାଇନ ଗେମିଂ ବିଲ୍ ୨୦୨୫' । ଏହି ଆଇନ କେବଳ ଏକ ନିୟାମକ ପଦକ୍ଷେପ ନୁହେଁ, ବରଂ ଏହା ଦେଶର ବୃହତ ଏବଂ ଦ୍ରୁତ ଗତିରେ ବଢୁଥିବା ରିଅଲ ମନି ଅନଲାଇନ ଗେମିଂ ଶିଳ୍ପ ଉପରେ ଏକପ୍ରକାର ପୂର୍ଣ୍ଣଚ୍ଛେଦ ଟାଣିଛି । ଏହି ନିଷ୍ପତ୍ତିର ଦୂରଗାମୀ ପ୍ରଭାବକୁ ବୁଝିବା ପାଇଁ ଏହାର ସାମାଜିକ, ଆର୍ଥିକ ଏବଂ ନୈତିକ ଦିଗଗୁଡ଼ିକୁ ଗଭୀର ଭାବରେ ଅନୁଶୀଳନ କରିବା ଆବଶ୍ୟକ ।

ପ୍ରଥମତଃ, ଏହି ନିଷେଧାଜ୍ଞାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ଏହା 'ଦକ୍ଷତା' (skill) ଏବଂ 'ଭାଗ୍ୟ' (chance) ମଧ୍ୟରେ ଥିବା ଦୀର୍ଘ ଦିନର ଆଇନଗତ ବିତର୍କକୁ ସମାପ୍ତ କରିଛି । ପୂର୍ବରୁ, ଅନେକ ଗେମିଂ କମ୍ପାନୀ ନିଜ ପ୍ଲାଟଫର୍ମକୁ 'ଦକ୍ଷତା-ଆଧାରିତ' ଦର୍ଶାଇ ଆଇନର ଗଳାବାଟ ଦେଇ ନିଜର ବ୍ୟବସାୟ ଚଳାଉଥିଲେ । କିନ୍ତୁ ନୂତନ ଆଇନ ସ୍ପଷ୍ଟ ଭାବରେ କୌଣସି ପ୍ରକାରର ଅର୍ଥ ଦେଇ ଖେଳିବା ଏବଂ ଅଧିକ ଅର୍ଥ ଜିତିବାର ଆଶା ରଖୁଥିବା ସମସ୍ତ ଅନଲାଇନ ଖେଳକୁ ନିଷିଦ୍ଧ କରିଛି। ଏହାର ଅର୍ଥ, ଡ୍ରିମ୍ ୧୧, ଏମପିଏଲ୍ ଏବଂ ଗେମ୍ସ୨୪ଘ୍‌୭ ଭଳି ଶିଳ୍ପର ପ୍ରମୁଖ ଖେଳାଳିମାନଙ୍କ ସମେତ ସମସ୍ତ ଛୋଟବଡ଼ ପ୍ଲାଟଫର୍ମ ଏହାର ପରିସରଭୁକ୍ତ ହୋଇଛନ୍ତି । ଏହି କଠୋର ପଦକ୍ଷେପ ପଛରେ ସବୁଠାରୁ ବଳିଷ୍ଠ ଯୁକ୍ତି ହେଉଛି ଏହାର ଭୟାବହ ସାମାଜିକ ପ୍ରଭାବ ଏବଂ ଏହା ସୃଷ୍ଟି କରୁଥିବା ଜନସ୍ୱାସ୍ଥ୍ୟ ସଙ୍କଟ । ବିଗତ କିଛି ବର୍ଷ ମଧ୍ୟରେ ଅନଲାଇନ ଗେମିଂ ଏକ ମନୋରଞ୍ଜନର ମାଧ୍ୟମ ନ ହୋଇ ଏକ ମାରାତ୍ମକ ନିଶାରେ ପରିଣତ ହୋଇଥିଲା । କର୍ଣ୍ଣାଟକରେ ଗତ ୩୧ ମାସରେ ୩୨ ଜଣ ଏବଂ ତାମିଲନାଡୁରେ ୨୦୧୯ରୁ ୨୦୨୪ ମଧ୍ୟରେ ୪୭ ଜଣଙ୍କର ଅନଲାଇନ ଗେମିଂ ସମ୍ପର୍କିତ ଆତ୍ମହତ୍ୟା କେବଳ ପରିସଂଖ୍ୟାନ ନୁହେଁ, ଏହା ଏକ ଗଭୀର ସାମାଜିକ କ୍ଷତର ପ୍ରତିଫଳନ । ଲକ୍ଷ ଲକ୍ଷ ଯୁବକ ଏବଂ ପରିବାର ଏହି ଖେଳର ମୋହରେ ପଡ଼ି ନିଜର ସଞ୍ଚୟ, ସମ୍ପତ୍ତି ଏବଂ ଭବିଷ୍ୟତକୁ ବାଜି ଲଗାଇ ସର୍ବସ୍ୱାନ୍ତ ହୋଇଛନ୍ତି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (WHO) ଦ୍ୱାରା 'ଗେମିଂ ଡିଜଅର୍ଡର'କୁ ଏକ ମାନସିକ ରୋଗ ଭାବରେ ସ୍ୱୀକୃତି ମିଳିବା ପରେ ଏହାର ଗମ୍ଭୀରତାକୁ ଆଉ ଅଣଦେଖା କରାଯାଇପାରି ନଥାନ୍ତା । ଏହି ଦୃଷ୍ଟିରୁ, ନାଗରିକଙ୍କ ମାନସିକ ସ୍ୱାସ୍ଥ୍ୟ ଏବଂ ପାରିବାରିକ ସୁସ୍ଥତାକୁ ସୁରକ୍ଷା ଦେବା ସରକାରଙ୍କ ଏକ ନୈତିକ ଦାୟିତ୍ୱ ଥିଲା । ଏହା ସହିତ, ଉପଭୋକ୍ତା ସୁରକ୍ଷାର ପ୍ରଶ୍ନ ମଧ୍ୟ ଜଡ଼ିତ । ଅନେକ ପ୍ଲାଟଫର୍ମ, ବିଶେଷକରି ଅଜଣା ଏବଂ ଅନିୟନ୍ତ୍ରିତ ଆପ୍‌ଗୁଡ଼ିକ, ଉପଭୋକ୍ତାଙ୍କୁ ଠକିବାର ମାଧ୍ୟମ ପାଲଟିଥିଲା । ଚାଇନିଜ୍ ଆପ୍ 'ଫାଇୱିନ୍' ଦ୍ୱାରା ଭାରତୀୟଙ୍କଠାରୁ ୪୦୦ କୋଟି ଟଙ୍କାର ଠକେଇ ଏହାର ଏକ ଜ୍ୱଳନ୍ତ ଉଦାହରଣ । ଏହିଭଳି ଘଟଣାଗୁଡ଼ିକ ଦର୍ଶାଉଥିଲା ଯେ ଏହି କ୍ଷେତ୍ରରେ ନିୟନ୍ତ୍ରଣର ଅଭାବ କିପରି ସାଧାରଣ ଲୋକଙ୍କୁ ଆର୍ଥିକ ଶୋଷଣର ଶିକାର ବନାଉଥିଲା। ତେଣୁ, ଏହି ନିଷେଧାଜ୍ଞାକୁ ଏକ ବୃହତ ଡିଜିଟାଲ ଆର୍ଥିକ ଠକେଇ ବିରୁଦ୍ଧରେ ଏକ ସୁରକ୍ଷାମୂଳକ ପଦକ୍ଷେପ ଭାବରେ ମଧ୍ୟ ଦେଖାଯାଇପାରେ ।

ତେବେ, ଏହି ନିଷ୍ପତ୍ତିର ଆର୍ଥିକ ପରିଣାମକୁ ଆଦୌ ଏଡ଼ାଇ ଦିଆଯାଇପାରିବ ନାହିଁ । ଏହା ପ୍ରାୟ ୩୦,୦୦୦ କୋଟି ଟଙ୍କାର ଏକ ବିଶାଳ ଶିଳ୍ପ ଥିଲା, ଯାହା ୨ ଲକ୍ଷରୁ ଅଧିକ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୃଷ୍ଟି କରିଥିଲା । ଏହି କ୍ଷେତ୍ରରେ ୨୫,୦୦୦ କୋଟି ଟଙ୍କାରୁ ଅଧିକ ବିଦେଶୀ ପୁଞ୍ଜିନିବେଶ ହୋଇଥିଲା, ଯାହା ଭାରତର ଷ୍ଟାର୍ଟଅପ୍ ଇକୋସିଷ୍ଟମକୁ ପ୍ରୋତ୍ସାହିତ କରୁଥିଲା । ଗୋଟିଏ ରାତିରେ ଏହି ସମଗ୍ର ଶିଳ୍ପକୁ ବନ୍ଦ କରିଦେବା ଦ୍ୱାରା ହଜାର ହଜାର କୁଶଳୀ କର୍ମଚାରୀଙ୍କ ଭବିଷ୍ୟତ ଅନ୍ଧକାରମୟ ହୋଇପଡ଼ିଛି । ଡ୍ରିମ୍ ୧୧ର ସିଇଓଙ୍କ ସ୍ୱୀକାରୋକ୍ତି ଅନୁଯାୟୀ ସେମାନଙ୍କ ଆୟ ୯୫% କମିଯିବା ଏହି ଶିଳ୍ପ ଉପରେ ପଡ଼ିଥିବା ଚରମ ଆଘାତକୁ ସ୍ପଷ୍ଟ କରୁଛି । ସରକାରଙ୍କ ପାଇଁ ବାର୍ଷିକ ପ୍ରାୟ ୨୦,୦୦୦ କୋଟି ଟଙ୍କାର ଟିକସ ରାଜସ୍ୱ ହାନି ମଧ୍ୟ ଏକ ବଡ଼ କ୍ଷତି । ଏହି ଆଇନର ଏକ ଉଜ୍ଜ୍ୱଳ ଦିଗ ହେଉଛି ଇ-ସ୍ପୋର୍ଟସକୁ ଏକ ଆନୁଷ୍ଠାନିକ ଖେଳ ଭାବରେ ମାନ୍ୟତା ଦେବା । ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ, ଯାହା ପ୍ରକୃତ ଦକ୍ଷତା-ଆଧାରିତ ପ୍ରତିଯୋଗିତାମୂଳକ ଗେମିଂକୁ ପ୍ରୋତ୍ସାହିତ କରିବ । ସରକାରଙ୍କ ଦ୍ୱାରା ଏଥିପାଇଁ ଏକ କେନ୍ଦ୍ରୀୟ ପ୍ରାଧିକରଣ ଗଠନ କରିବାର ଯୋଜନା ଭାରତୀୟ ଗେମରମାନଙ୍କୁ ବିଶ୍ୱସ୍ତରରେ ପ୍ରତିଷ୍ଠିତ ହେବା ପାଇଁ ଏକ ସୁଦୃଢ଼ ମଞ୍ଚ ଯୋଗାଇବ । ଏହା ଗେମିଂ ଶିଳ୍ପକୁ ଏକ ନୂତନ, ସୁସ୍ଥ ଏବଂ ନିୟନ୍ତ୍ରିତ ଦିଗରେ ଆଗେଇ ନେବାରେ ସହାୟକ ହୋଇପାରେ । କିନ୍ତୁ, ଏକ ସମ୍ପୂର୍ଣ୍ଣ ନିଷେଧାଜ୍ଞା କିଛି ଅପ୍ରତ୍ୟାଶିତ ଏବଂ ବିପରୀତ ପରିଣାମ ମଧ୍ୟ ସୃଷ୍ଟି କରିପାରେ । ଯେତେବେଳେ ନିୟନ୍ତ୍ରିତ ଘରୋଇ ପ୍ଲାଟଫର୍ମ ବନ୍ଦ ହୋଇଯାଏ, ଉପଭୋକ୍ତାମାନେ ଅନିୟନ୍ତ୍ରିତ ଏବଂ ଅଧିକ ବିପଜ୍ଜନକ ଅନ୍ତର୍ଜାତୀୟ ବେଟିଂ ସାଇଟ୍ ଆଡ଼କୁ ଆକର୍ଷିତ ହେବାର ସମ୍ଭାବନା ଅଧିକ। ପାରିମ୍ୟାଚ୍ ଏବଂ ୧ଡଇରଷ୍ଣ ଭଳି ବିଦେଶୀ କମ୍ପାନୀମାନେ ଭାରତୀୟ ବଜାରରେ ଏହି ଶୂନ୍ୟସ୍ଥାନ ପୂରଣ କରିବାକୁ ଏବେଠାରୁ ଆକ୍ରମଣାତ୍ମକ ପ୍ରଚାର ଆରମ୍ଭ କରିସାରିଲେଣି । ଏହାଦ୍ୱାରା ଉପଭୋକ୍ତା ସୁରକ୍ଷା ଆହୁରି କମିଯିବ, ଟିକସ ଫାଙ୍କି ବଢ଼ିବ ଏବଂ ଭାରତୀୟ ଅର୍ଥ ଅବୈଧ ଭାବେ ଦେଶ ବାହାରକୁ ଚାଲିଯିବ। ଏହି ବିଦେଶୀ ପ୍ଲାଟଫର୍ମଗୁଡ଼ିକୁ ରୋକିବା ସରକାରଙ୍କ ପାଇଁ ଏକ ବଡ଼ ବୈଷୟିକ ଏବଂ ଆଇନଗତ ଚ୍ୟାଲେଞ୍ଜ ହେବ ।

ଶେଷରେ କହିବାକୁ ଗଲେ, ଏହି ନିଷ୍ପତ୍ତି ଏକ ଜଟିଳ ସମସ୍ୟାର ସରଳ ସମାଧାନ ଭଳି ମନେହୁଏ । ସାମାଜିକ ସ୍ୱାସ୍ଥ୍ୟ ଏବଂ ଉପଭୋକ୍ତା ସୁରକ୍ଷାକୁ ପ୍ରାଥମିକତା ଦେବା ନିଶ୍ଚିତ ଭାବରେ ସଠିକ୍, କିନ୍ତୁ ଏକ ସମଗ୍ର ଶିଳ୍ପକୁ ସମାପ୍ତ କରିବା ପରିବର୍ତ୍ତେ ଏକ କଠୋର ଏବଂ ସୁଚିନ୍ତିତ ନିୟାମକ ଢାଞ୍ଚା ଏକ ଉନ୍ନତ ବିକଳ୍ପ ହୋଇପାରିଥାନ୍ତା । ଏହି ନିଷ୍ପତ୍ତିର ପ୍ରକୃତ ସଫଳତା ନିର୍ଭର କରିବ ସରକାର କିପରି ଏହାର ନକାରାତ୍ମକ ପ୍ରଭାବଗୁଡ଼ିକୁ ପରିଚାଳନା କରୁଛନ୍ତି—ବିଶେଷକରି କର୍ମହରା ଯୁବକମାନଙ୍କୁ ବିକଳ୍ପ ନିଯୁକ୍ତି ଦେବା, ଇ-ସ୍ପୋର୍ଟସକୁ ବାସ୍ତବରେ ବିକଶିତ କରିବା ଏବଂ ବେଆଇନ ବିଦେଶୀ ସାଇଟଗୁଡ଼ିକ ଉପରେ ଅଙ୍କୁଶ ଲଗାଇବାରେ । ଏହା ଏକ ସାହସିକ ପଦକ୍ଷେପ, କିନ୍ତୁ ଏହାର ସଫଳତା ଏହାର କାର୍ଯ୍ୟକାରିତାର ନିପୁଣତା ଉପରେ ହିଁ ନିର୍ଭର କରିବ ।

# ମମବିଘ୍ନ ବିନାଶାୟ

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**



ସିଦ୍ଧି ବିନାୟକ ପ୍ରଭୁ ଗଣେଶଙ୍କ ପାଖରେ ଭକ୍ତଜନ ଆକୁଳ କଣ୍ଠରେ ପ୍ରାର୍ଥନା କରୁଛନ୍ତି 'ମମବିଘ୍ନ ବିନାଶାୟ ଗଣାଧିପତୟେ ନମଃ' । ଗଣ ଓ ଈଶ ସମଷ୍ଟିରେ ଗଣେଶ। ଗଣ ଏକ ସଂଖ୍ୟାବାଚକ ଶବ୍ଦ, ଅର୍ଥ ଜନଗଣ ବା ମନୁଷ୍ୟର ସମଷ୍ଟି। କେବଳ ମନୁଷ୍ୟ କାହିଁକି, ପଶୁପକ୍ଷୀ, କୀଟପତଙ୍ଗ, ବୃକ୍ଷଲତା ଓ ସ୍ଥାବର ଜଙ୍ଗମ ସକଳଙ୍କର ଈଶ ବା ଅଧିପତି ହେଉଛନ୍ତି ଗଣେଶ। ଈଶ ଶବ୍ଦର ଅର୍ଥ ଆଧିପତ୍ୟ। ଅଧିର ଉତ୍ପତ୍ତି ସଂସ୍କୃତ ଧା' ଧାତୁରୁ ଅର୍ଥ - ଧାରଣ ଓ ପତିର ଉତ୍ପତ୍ତି ପା' ଧାତୁ ଠାରୁ - ଅର୍ଥ ପାଳନ। ତେଣୁ ଗଣେଶ ଶବ୍ଦର ସମୂହ ଅର୍ଥ ହେଉଛି ସୃଷ୍ଟିର ଯାବତୀୟ ସବୁକିଛିକୁ ଯିଏ ଧାରଣ, ପାଳନ ଓ ପୋଷଣ କରନ୍ତି। ଏହି ପ୍ରସଙ୍ଗରେ ଯୁଗପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ, କୌଣସି ଦେବପୂଜାରେ ପ୍ରଥମେ ଗଣେଶଙ୍କର ପୂଜା କରାଯାଏ। ଗଣେଶ ହେଉଛନ୍ତି ସମସ୍ତଙ୍କର ଧାରୟିତା, ପୋଷୟିତା, ପାଳୟିତା ଓ ରକ୍ଷଣକର୍ତ୍ତା। ଗଣେଶଙ୍କର ପିତା ଶିବ ଓ ମାତା ଦୁର୍ଗା। ଶିବ ଅର୍ଥ ମଙ୍ଗଳ ସ୍ୱରୂପ। ତେଣୁ ଗଣେଶ ନିଶ୍ଚିତ ଭାବରେ ଶିବ ସମ୍ଭବ। ତାଙ୍କର ମା' ହେଉଛନ୍ତି ଦୁର୍ଗା, ଦୁର୍ଗତିନାଶିନୀ, ଜୀବନର ଦୁର୍ଗ ସ୍ୱରୂପା, ଯାହାଙ୍କ ପାଖରେ ସମସ୍ତ ଅଶୁଭ ଓ ଅସୁର ଶକ୍ତି ପ୍ରତିହତ, ବିପର୍ଯ୍ୟସ୍ତ ଓ ବିନଷ୍ଟ। ସମସ୍ତ ଅକଲ୍ୟାଣ ବିରୋଧରେ ଦୁର୍ଗ ହୋଇଅଛନ୍ତି ମା'ଦୁର୍ଗା।

ଗଣେଶଙ୍କ ଅନ୍ୟନାମ ସିଦ୍ଧିଦାତା ଓ ସିଦ୍ଧି ବିନାୟକ। ତାଙ୍କ ପୂଜା କରିଲେ ସିଦ୍ଧି ହୁଏ। ମନସ୍କାମନା ପୂର୍ଣ୍ଣ ହୁଏ। ଏହି ସିଦ୍ଧି କ'ଣ ? ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ସିଦ୍ଧି ଭିତରେ ଅଛି ସିଦ୍ଧ ହେବାର ଭାବ। ସିଦ୍ଧି ହେବାମାନେ କାର୍ଯ୍ୟ, କର୍ମ ଓ ବାକ୍ୟରେ ଦକ୍ଷ ଓ କୁଶଳ ହେବା। ଯେଉଁ ବ୍ୟକ୍ତି କୁଶଳ କୌଶଳୀ ହୋଇ ଚାଲେ, କହିପାରେ ଓ କାର୍ଯ୍ୟ କରିପାରେ ସେ ଜୀବନରେ ହଟେନାହିଁ, ପ୍ରତାରିତ ହୁଏନାହିଁ ଓ ଅପରାଜେୟ ହୁଏ। ଗଣେଶଙ୍କ ପୂଜା ଓ ସମ୍ବର୍ଦ୍ଧନା ଭିତର ଦେଇ ଗଣଦେବତାଙ୍କର ଏହି ଧାରଣ ପାଳନୀ ଶକ୍ତି ଆମ ଚରିତ୍ରରେ ସଂଚାରିତ ହେଲେ ଗଣେଶଙ୍କର ପୂଜା ସାର୍ଥକ ହୁଏ। ଚିନ୍ତା ଜଗତରେ ଏକ ବୈପ୍ଳବିକ ପରିବର୍ତ୍ତନ ସୃଷ୍ଟି କଲେ ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର। ଶବ୍ଦର ବ୍ୟବହାରଗତ ଅର୍ଥକୁ ନ ଦେଖି ତା'ର ଧାତୁଗତ ଅର୍ଥ ଦେଖିବା ପାଇଁ ସେ ଆଦେଶ କଲେ। ପୂଜା କହିବାକୁଗଲେ କେବଳ ଧୂପ, ଦୀପ, ଝୁଣା, ଚନ୍ଦନ ଓ ପୁଷ୍ପ ସହଯୋଗେ ଏକ ଅନୁଷ୍ଠାନ ନୁହେଁ। ପୂଜାଶବ୍ଦସ୍ଥିତ ପୂଜ୍ ଧାତୁର ଅର୍ଥ ହେଉଛି ସମ୍ବର୍ଦ୍ଧନା। ଏଥିପାଇଁ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ଯେଉଁ ଦେବତା ବା ଦେବୀଙ୍କର ପୂଜା ଆମ୍ଭେମାନେ କରୁ ତାଙ୍କର ଗୁଣାବଳୀ ନିଜ ଜୀବନ ଓ ଚରିତ୍ରରେ ମୂର୍ତ୍ତ କରିବା ହିଁ ହେଉଛି ପ୍ରକୃତ ପୂଜା। ଏହି ଚାରିତ୍ରିକ ରୂପାନ୍ତରିତ ନକରି ଯେତେ ନୈବେଦ୍ୟ ବା ଆଲୋକର ସଜ୍ଜା କଲେ ମଧ୍ୟ ପୂଜା ସାର୍ଥକ ହୁଏନାହିଁ। ଗଣେଶଙ୍କ ପୂଜାମାନେ ହେଲା - ଗଣପତିଙ୍କ ଚଳନ ଚରିତ୍ର ଓ ତାଙ୍କର ଧାରଣ, ପାଳନ, ସମ୍ବେଗ ସିଦ୍ଧ ବ୍ୟକ୍ତିତ୍ୱକୁ ନିତ୍ୟ ଅନୁଶୀଳନ ମାଧ୍ୟମରେ ନିଜ ଜୀବନରେ ପ୍ରତିଫଳିତ କରି ଉଠାଇବା। ଏହି ଅନୁଶୀଳନ ନିମିତ୍ତ ପ୍ରତିଦିନ ଓ ପ୍ରତିମୁହୂର୍ତ୍ତରେ ପ୍ରୟୋଜନ ଏକାନୁରକ୍ତି, ତୀବ୍ରତା ଓ କ୍ରମାଗତି। ଶ୍ରୀ ଶ୍ରୀ ଠାକୁରଙ୍କ ପାଖରେ ଭକ୍ତବୃନ୍ଦ ପ୍ରଶ୍ନ କଲେ - ଗଣେଶଙ୍କର ଗଜମୁଣ୍ଡ କାହିଁକି ? କଥିତ ଅଛି ଶନିଗ୍ରହର ଦୃଷ୍ଟିରେ ଶିଶୁ ଅବସ୍ଥାରେ ଗଣେଶଙ୍କର ମସ୍ତିଷ୍କ ବିଚ୍ଛିନ୍ନ ହେବାରୁ ଶୀଘ୍ର ଏକ ହସ୍ତୀର ମୁଣ୍ଡ ସେଠାରେ ପ୍ରତିରୋପଣ କରାଗଲା। ଏହାଶୁଣି ଶ୍ରୀ ଶ୍ରୀ ଠାକୁର କହିଲେ - ଏକ ମଣିଷର ବିଶେଷତଃ ଏକ ଶିଶୁର ବେକରେ ହାତୀର ମୁଣ୍ଡ ପ୍ରତିରୋପଣ କରିବା ଅସମ୍ଭବ ଓ ଅବାନ୍ତର। କିନ୍ତୁ ଗଣଦେବତାଙ୍କର ବନ୍ଦନାରେ ଗଜାନନ ଓ ଗଜେନ୍ଦ୍ରବଦନ ଇତ୍ୟାଦି ଶବ୍ଦର ଉଲ୍ଲେଖ ରହିଛି। ତେଣୁ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ଗଜ ଶବ୍ଦର ଅର୍ଥ ଶ୍ରେଷ୍ଠ। ଶ୍ରେଷ୍ଠ ଓ ସର୍ବୋତ୍ତମ ମସ୍ତିଷ୍କ ଯାହାଙ୍କର ସେ ହିଁ ଗଜାନନ। ଯିଏ ସମସ୍ତଙ୍କର ପାଳକ, ଧାରକ ଓ ପରିଚାଳକ ତାଙ୍କର ମସ୍ତିଷ୍କ ନିଶ୍ଚୟ ଶ୍ରେଷ୍ଠ ଓ ବଡ଼।

ଓଡ଼ିଶାର ଶରତ ଋତୁରେ ଶ୍ରୀ ଗଣେଶ ପୂଜା ହେଉଛି ଅନ୍ୟତମ ପାର୍ବଣ। ଭାଦ୍ରବ ମାସ ପବିତ୍ର ଶୁକ୍ଳ ଚତୁର୍ଥୀଦିନ ଏହି ପୂଜା କରାଯାଇଥାଏ । ସେ ଦିନ ଛାତ୍ରଛାତ୍ରୀଙ୍କ ଠାରୁ ଅନେକ ଗଣେଶଙ୍କ ଶ୍ରଦ୍ଧାଳୁ ଉପବାସ କରିବା ସହ ବିଦ୍ୟା, ଧନ ଓ ଶୁଭକାମନା କରି ଶୁଦ୍ଧପୂତ ମନରେ ଗଣପତିଙ୍କ ପୂଜା କରନ୍ତି । ଆମ ଦେଶରେ ସମସ୍ତ ଲୌକିକ ଓ ଧାର୍ମିକ କର୍ମର ଆରମ୍ଭରେ ଗଣନାଥଙ୍କ ପୂଜା କରାଯାଏ । 'ଶ୍ରୀ ଗଣେଶାୟ ନମଃ' ପ୍ରାୟ ସବୁ ଶୁଭକର୍ମର ଆଦ୍ୟ ଉଚ୍ଚାରଣ । ଗଣାନାଂ ପତିଃ ଗଣପତିଃ, ତେଣୁ ମନ୍ତ୍ରରୁ ହିଁ ଜଣାଯାଏ ଯେ, ଗଣେଶ ସର୍ବସାଧାରଣଙ୍କ ଦେବତା । ଗଣପତି ସମୂହବାଚକ ହୋଇଥିବାରୁ ସମଗ୍ର ମାନବ ଜାତିର ସର୍ବସିଦ୍ଧିଦାତା ଭାବେ ସେ ପୂଜ୍ୟ । ପୁରାଣ ଓ ଶାସ୍ତ୍ର ଅନୁଯାୟୀ ଗଣେଶ ବିଦ୍ୟା ଓ ବୁଦ୍ଧିର ଦେବତା । ତାଙ୍କର ଅନ୍ୟ ନାମ ବିଶ୍ଳେଷଣ । ସମସ୍ତ ବିଘ୍ନ ଓ ବିପଦର ସେ ବିନାଶକାରୀ । ସେ ଅଶୁଭକୁ ଦୂର କରି ଶୁଭ ଆଣନ୍ତି । ତେଣୁ ତାଙ୍କର ଉଦ୍ଦେଶ୍ୟରେ କୁହାଯାଏ। ''ଓଁ ନମୋ ଗଣେଶ ବିଘ୍ନେଶ, ଗିରିଜା ନନ୍ଦ ପ୍ରଭୋ, ମମ ବିଘ୍ନ ବିନାଶୟ, ଗଣାଧିପତୟେ ନମଃ'' । ଗଣେଶଙ୍କ ମୂର୍ତ୍ତିରେ ଚାରିଟି ହାତ ରହିଛି। ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ଚାରି ହାତମାନେ ତାଙ୍କର ଚାରି ଦିଗରେ ଲକ୍ଷ୍ୟ ରହିଛି। ଚାରି ଦିଗରେ ସେ ସମାନ ଓ ତୀକ୍ଷ୍ଣ ନଜର ରଖି ସାମ୍ୟ ଭାବରେ ସବୁ ପରିସ୍ଥିତିକୁ ନିୟନ୍ତ୍ରଣ କରନ୍ତି। ଏହାକୁ ହିଁ କୁହନ୍ତି ଚତୁରତା। ଗଣେଶଙ୍କ ବାହନ ମୂଷା। ଏହା ଅର୍ଥରେ ଶ୍ରୀ ଶ୍ରୀ ଠାକୁର କହିଲେ - ମୂଷା ପରି ଖଳ ଓ କ୍ଷତିକାରକ ବ୍ୟକ୍ତିମାନଙ୍କୁ ଗଣପତି ତାଙ୍କ ପାଖରେ ରଖନ୍ତି, ସେମାନଙ୍କୁ ଏହି ଦୁଷ୍ଟବ୍ୟାଧିରୁ ମୁକ୍ତ କରି ଲୋକସେବାରେ ବ୍ରତୀ କରି ଉଠାନ୍ତି। ବର୍ତ୍ତମାନ ପ୍ରଶ୍ନ ଉଠେ - ଏହି ଗଣପତି ବା ଗଣେଶ କିଏ ? ବୈଶିଷ୍ଟ୍ୟପାଲୀ, ଆପୂରୟମାଣ, ଯୁଗାବତାର, ସଦ୍‌ଗୁରୁ ଯିଏକି ଜନକଲ୍ୟାଣ ନିମିତ୍ତ ଯୁଗେ ଯୁଗେ ଆର୍ବିଭାବ ହୁଅନ୍ତି ସେ ହିଁ ପରମପୁରୁଷ, ଗଣପାତା ଓ ଲୋକଉଦ୍ଧାତା। ଭଗବାନ ରାମ, କୃଷ୍ଣ, ବୁଦ୍ଧ, ଯୀଶୁ, ମହମ୍ମଦ, ଶ୍ରୀଚୈତନ୍ୟ, ରାମକୃଷ୍ଣ ଓ କଳିଯୁଗର ଶେଷନବୀ ଭଗବାନ ଅନୁକୂଳଚନ୍ଦ୍ର ହିଁ ହେଉଛନ୍ତି ଗଣପାତା, ଲୋକ ଉଦ୍ଧାତା, ସିଦ୍ଧି ବିନାୟକ ଓ ଗଣ-ଈଶ। ଏହି ଯୁଗ ଗୁରୁଙ୍କୁ ଅନୁସରଣ କରି ତାଙ୍କର ସ୍ୱଭାବକୁ ନିଜ ଚରିତ୍ରରେ ଚରିତ୍ରାୟିତ କଲେ ହିଁ ଗଣେଶ ପୂଜା ସିଦ୍ଧି ଓ ସାର୍ଥକ ହୁଏ। ଯଥାର୍ଥରେ ପରମ ପୁରୁଷ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ସ୍ୱହସ୍ତ ଲିଖିତ ପବିତ୍ର ସତ୍ୟାନୁସରଣ ଗ୍ରନ୍ଥରେ ଉଲ୍ଲେଖ କଲେ - ଅର୍ଥ, ମାନ ଓ ଯଶ ଇତ୍ୟାଦି ପାଇବା ଆଶାରେ ମୋତେ ଠାକୁର ସଜାଇ ଭକ୍ତ ହୁଅନାହିଁ। ସାବଧାନ ହୁଅ, ଠକିଯିବ। ତୁମ ଭିତରେ ଠାକୁରତ୍ୱ ଜାଗ୍ରତ ନହେଲେ କେହି ତୁମର କେନ୍ଦ୍ର ନୁହଁନ୍ତି, ଠାକୁର ବି ନୁହଁନ୍ତି, ଫାଙ୍କି ଦେଲେ ତାହା ହିଁ ପାଇବ।

ପ୍ରତିରଦ୍ୱିକ ଓ ପ୍ରଫେସର,
ହେପାଟୋଲୋଜି ବିଭାଗ, କଟକ,
ମୋ: ୯୪୩୭୦୫୧୯୫୭

# ଶ୍ରୀଗଣେଶ ଓ ବ୍ୟାସଦେବ

**ଡକ୍ଟର ଅମୂଲ୍ୟ କୁମାର ପଣ୍ଡା**



ପ୍ରତ୍ୟେକ ଶୁଭକାର୍ଯ୍ୟ ଆରମ୍ଭ ପୂର୍ବରୁ ଶ୍ରୀଗଣନାଥଙ୍କ ପୂଜନ ନିଶ୍ଚିତ ଭାବରେ ସଂପାଦିତ ହୋଇଥାଏ। ଗଣପତିଙ୍କୁ ପୂଜନ କରିବା ସମୟରେ ଗଣପତିଙ୍କ ବନ୍ଦନା ସହିତ ମୁଖ୍ୟତଃ ଏକ ମନ୍ତ୍ର ବେବହାର କରାଯାଏ ଆଉ ତାହା ହେଲା-

'ବକ୍ରତୁଣ୍ଡ ମହାକାୟ,
ସୂର୍ଯ୍ୟକୋଟି ସମପ୍ରଭଃ...
ନିର୍ବିଘ୍ନମ୍ କୁରୁମେ ଦେବଃ,
ସର୍ବଃ କାର୍ଯ୍ୟେଷୁ ସର୍ବଦା'

ଭାଦ୍ରବ ମାସ ଶୁକ୍ଳ ପକ୍ଷ ଚତୁର୍ଥୀକୁ ଗଣେଶ ଚତୁର୍ଥୀ ଭାବେ ପାଳନ କରାଯାଏ। ଏହି ତିଥିରେ ପ୍ରଭୁ ଗଣେଶଙ୍କ ପୂଜା କରିବାର ବିଶେଷ ମହତ୍ୱ ରହିଛି। ଗଣେଶ ଚତୁର୍ଥୀକୁ ବିନାୟକ ଚତୁର୍ଥୀ ମଧ୍ୟ କୁହାଯାଏ। ଶାସ୍ତ୍ରରେ ଉଲ୍ଲେଖ ରହିଛି ଯେ, ଭଗବାନ ଗଣେଶ ସଙ୍କଟ, କଷ୍ଟ ଓ ଦାରିଦ୍ର୍ୟତାରୁ ମୁକ୍ତି ଦେଇଥାଆନ୍ତି। କୁହାଯାଏ, ଏହିଦିନ ଉଚିତ୍ ବିଧି-ବିଧାନ ଅନୁସାରେ ଗଣେଶଙ୍କୁ ପୂଜା କରିବା ଦ୍ୱାରା ମନସ୍କାମନା ପୂର୍ଣ୍ଣ ହୋଇଥାଏ। ଶାସ୍ତ୍ରୀୟ ମତରେ ବାଧାବିଘ୍ନ ଦୂରୀକରଣ, ସୁଖସମୃଦ୍ଧି ଏବଂ ଜ୍ଞାନ ଆହରଣ ପାଇଁ ଯେଉଁ ଅଦୃଶ୍ୟ ଶକ୍ତି କାର୍ଯ୍ୟ କରିଥାଏ ତା'ର ପ୍ରତୀକ ହେଉଛନ୍ତି ଶ୍ରୀଗଣେଶ । ସେଇଥିପାଇଁ ସେ ବିଘ୍ନ ବିନାଶକ, ସିଦ୍ଧି ବିନାୟକ ଭାବରେ ମଧ୍ୟ ପରିଚିତ। ବିଶ୍ୱର ସର୍ବଶ୍ରେଷ୍ଠ ବୃହତ୍ ଗ୍ରନ୍ଥ ମହାଭାରତ କୁ ପ୍ରଭୁ ଗଣେଶ ସ୍ୱହସ୍ତରେ ଲେଖିଥିଲେ ଆଉ ମହର୍ଷି ବ୍ୟାସଦେବ ପରିକଳ୍ପନା କରିଥିଲେ।

ମହର୍ଷି ବ୍ୟାସଦେବ ସୁଦୀର୍ଘ ସାଧନା କରି ବିଶାଳ ମହାଭାରତ ଗ୍ରନ୍ଥର ପରିକଳ୍ପନା କରିଥାନ୍ତି। ତାଙ୍କ ପରିକଳ୍ପିତ ଗ୍ରନ୍ଥ ଏତେ ବିଶାଳ ଥାଏ ଯେ ଏହାକୁ ରଚନା କରିବା ବହୁତ କଷ୍ଟସାଧ ଥାଏ। ସେ ଚିନ୍ତା କରୁଥାନ୍ତି ମୋତେ ଜଣେ ବିଚକ୍ଷଣ ଓ ବୁଦ୍ଧିମାନ ପଣ୍ଡିତ ମିଳନ୍ତେ କି ଯାହାକୁ ମୁଁ ମହାଭାରତ କଥା ଡାକିଲେ ସେ କ୍ଷିପ୍ର ଗତିରେ ଲେଖି ଯାଆନ୍ତେ। ଏଥିପାଇଁ ବ୍ରହ୍ମାଙ୍କୁ ପ୍ରାର୍ଥନା କରି ସଂକ୍ଷେପରେ ସେ ତାଙ୍କୁ ମହାଭାରତ କଥା ଶୁଣାଇବାରୁ ବ୍ରହ୍ମା ବହୁ ଆନନ୍ଦିତ ହେଲେ। ସେ ମହର୍ଷିଙ୍କୁ କହିଲେ, 'ହେ ମହାତ୍ମନ, ମୁଁ ତୁମ ମନ ବ୍ୟଥା ବୁଝିପାରୁଛି। ତୁମର ଏହି ବିଶାଳ ଗ୍ରନ୍ଥକୁ ଲିପିବଦ୍ଧ କରିବା ପାଇଁ ସଂସାରରେ ଜଣେ ମାତ୍ର ସମର୍ଥ ଅଛନ୍ତି। ସେ ହେଉଛନ୍ତି ଅଗ୍ରପୂଜ୍ୟ ଶ୍ରୀ ଗଣେଶ। ତୁମେ ତାଙ୍କୁ ପ୍ରାର୍ଥନା କର,ନିଶ୍ଚୟ ସେ ତୁମକୁ ସାହାଯ୍ୟ କରିବେ '। ବ୍ରହ୍ମାଙ୍କ ଠାରୁ ଏହା ଶୁଣି ବ୍ୟାସଦେବ ଭକ୍ତି ପୂର୍ବକ ଗଣେଶଙ୍କୁ ପ୍ରାର୍ଥନା କରିବାକୁ ଲାଗିଲେ। ବିଘ୍ନରାଜ ତାଙ୍କର ପ୍ରାର୍ଥନାରେ ସନ୍ତୁଷ୍ଟ ହୋଇ ସମ୍ମୁଖରେ ଉପସ୍ଥିତ ହେଲେ।

ବ୍ୟାସଦେବ ଗଣେଶଙ୍କୁ କହିଲେ, 'ହେ ବିନାୟକ! ସମସ୍ତ ସଂସାରର କଲ୍ୟାଣ ପାଇଁ ମୁଁ ଏକ ଗ୍ରନ୍ଥର ପରିକଳ୍ପନା କରିଛି। ଏ ଗ୍ରନ୍ଥ ମୋ ଚିନ୍ତା ପ୍ରସୂତ ହୋଇଥିଲେ ଶୁଦ୍ଧା ଏହାର ବିଶାଳତା ଦୃଷ୍ଟିରୁ ମୁଁ ଏହାକୁ ଲେଖିବାକୁ ସମର୍ଥ ହୋଇ ପାରୁ ନାହିଁ। ସେଥିପାଇଁ ମୁଁ ବଡ଼ ଚିନ୍ତିତ। ଆପଣଙ୍କୁ ଏଥିପାଇଁ ପ୍ରାର୍ଥନା କଲି ଯେହେତୁ ଆପଣ ଏ କାର୍ଯ୍ୟ ପାଇଁ ସମର୍ଥ। ମୋତେ ଏ ଘୋର ସଙ୍କଟରୁ ଆପଣ ହିଁ ଉଦ୍ଧାର କରି ପାରିବେ। ମୁଁ ଶ୍ଳୋକ ମାନ ରଚନା କରି ବୋଲିଯିବି ଆପଣ ଏହାକୁ ଲେଖିଚାଲିବେ। ଆପଣ ତ ବିଦ୍ୟାର ବାରିଧି ଆପଣଙ୍କୁ ମୁଁ ଆଉ ଅଧିକା କ'ଣ କହିବି। ଶ୍ରୀଗଣେଶଙ୍କର ମହର୍ଷି ବ୍ୟାସଦେବଙ୍କ ପ୍ରତି ବହୁ ସମ୍ମାନ ଥିଲା। ତାଙ୍କୁ ମଧ୍ୟ ସାହାଯ୍ୟ କରିବାକୁ ସେ ଚାହୁଁଥିଲେ। କିନ୍ତୁ ମହାଭାରତ ଲେଖିବାପାଇଁ ସେ କାହିଁକି ଟିକିଏ ଅଡୁଆ ବୋଧ କରୁ ଥିଲେ। ତେଣୁ ସେ ଚିନ୍ତାକଲେ ମୁଁ ଯାଉଛି ଏପରି ଗୋଟିଏ ସର୍ତ୍ତ ରଖି ଦେବି ଯେମିତି କି ବେଦବ୍ୟାସ ଅଡୁଆରେ ପଡ଼ିଯିବେ। ଶ୍ରୀ ଗଣେଶ ବ୍ୟାସଦେବଙ୍କୁ କହିଲେ,'ଠିକଅଛି ମହର୍ଷି,ମୋର ତୁମର ମହାଭାରତ ଲେଖିବାରେ କୌଣସି ଆପତ୍ତି ନାହିଁ। କିନ୍ତୁ ଗୋଟିଏ ସର୍ତ୍ତରେ ଏହାକୁ ମୁଁ ଲେଖିବି ଆପଣ ଅନର୍ଗଳ ଡାକିବେ ଯେମିତି ମୋର ଲେଖନୀ ମୁହୂର୍ତ୍ତ ମାତ୍ରେ ବନ୍ଦ ହେବ ନାହିଁ। ଲେଖିଲା ବେଳେ ଯଦି ଲେଖନୀ ମୋର ବନ୍ଦହୋଇଯାଏ ତେବେ ମୁଁ ଆଉ ଆଗକୁ ଯାଇ ପାରିବି ନାହିଁ '। ପରମ ଜ୍ଞାନୀ ବ୍ୟାସଦେବ ଗଣେଶଙ୍କ କଥା ଶୁଣି ହସି ହସି କହିଲେ,'ଠିକ ଅଛି ମୁଁ ଆପଣଙ୍କ ସର୍ତ୍ତରେ ରାଜି। କିନ୍ତୁ ମୋର ଗୋଟିଏ ସର୍ତ୍ତ ଅଛି। ଆପଣ ଲେଖିଲା ବେଳେ ନବୁଝି କିଛି ଲେଖିବେ ନାହିଁ '। ଗଣେଶ ବ୍ୟାସ ଦେବଙ୍କ ସର୍ତ୍ତକୁ ମାନି ନେଲେ।

ଏହାପରେ ମହାଭାରତ ଲେଖା ଚାଲିଲା। ବ୍ୟାସ ଡାକିଚାଲିଲେ ଓ ଗଣେଶ ଲେଖିଚାଲିଲେ। କିନ୍ତୁ ବ୍ୟାସ ମଝିରେ ମଝିରେ ଏପରି କଷ୍ଟ ଶ୍ଳୋକଟିଏ ଡାକିଦିଅନ୍ତି ଯେ ଗଣେଶଙ୍କୁ ତାହାର ଅର୍ଥ ବୁଝିବା ପାଇଁ କିଛି ସମୟ ଲାଗି ଯାଏ। ଏହି ସମୟରେ ବ୍ୟାସ ପର ଶ୍ଳୋକଗୁଡ଼ିକୁ ଚିନ୍ତା କରିନିଅନ୍ତି। ଏଣୁ ମହାଭାରତରେ ଏଭଳି କେତେକ ଶ୍ଳୋକ ରହିଛି ଯାହାର ଅର୍ଥ ବାହାର କରିବା ଖୁବ କଠିନ। ଏହି ଶ୍ଳୋକ ଗୁଡ଼ିକୁ ଗ୍ରନ୍ଥଗ୍ରନ୍ଥି କୁହାଯାଇ ଥାଏ। ଅର୍ଥାତ ଏସବୁ ଗ୍ରନ୍ଥର ଗଣ୍ଠି। ମହାଭାରତ ଲେଖା ସରିବା ପରେ ବ୍ୟାସଦେବ ପୁତ୍ର ମହାମୁନୀ ଶୂକଙ୍କୁ ଏହା ଜଣାଇଲେ। ଶୁକଦେବ ଏ ଶାସ୍ତ୍ରକୁ ଗନ୍ଧର୍ବମାନଙ୍କୁ ଶୁଣାଇଲେ। ମନୁଷ୍ୟ ମାନଙ୍କ ମଧ୍ୟରେ ଏ ଗ୍ରନ୍ଥର ପ୍ରଚାର ପାଇଁ ମହର୍ଷି ବ୍ୟାସ ତାଙ୍କର ପ୍ରଧାନ ଶିଷ୍ୟ ବୈଶମ୍ପାୟନଙ୍କୁ ଏହା ଶୁଣାଇ କହିଲେ,' ତୁମେ ଯାଇ ମହାରାଜ ଜନ୍ମେଜୟଙ୍କ ସର୍ପଯଜ୍ଞ ସ୍ଥଳୀରେ ଏହାର ପ୍ରଚାର କର '। ମୁନି ବୈଶମ୍ପାୟନ ପରିକ୍ଷୀତଙ୍କ ପୁତ୍ର ମହାରାଜ ଜନ୍ମେଜୟଙ୍କ ସର୍ପଯଜ୍ଞ ସ୍ଥଳୀରେ ପହଞ୍ଚି ତାଙ୍କୁ ଏ ପବିତ୍ର କଥା ଶୁଣାଇଲେ । ସେତେବେଳେ ସେଠି ଉପସ୍ଥିତ ଥାନ୍ତି ଉପଶ୍ରବା ନାମରେ ଜଣେ ବିଦ୍ୱାନ ଋଷି। ସେ ମହାଭାରତ ଶୁଣି ତାଙ୍କର ଅସାଧାରଣ ସ୍ମୃତିଶକ୍ତି ବଳରେ ଏହାକୁ ମନେ ରଖିପାରି ଥିଲେକ୍ଷ ଋଷି ଉପଶ୍ରବା ସାରଥୀକୂଳର ଥିବାରୁ ତାଙ୍କୁ ସୂତ ବା ସୌତି ବୋଲି କୁହାଯାଉ ଥିଲା। ମହାଭାରତ ମୁଖ୍ୟ ଭାବେ କୌରବ ପାଣ୍ଡବଙ୍କ ବିଷୟରେ ଲେଖା ଯାଇଛି । କିନ୍ତୁ ଏହା ବହୁ ଆଖ୍ୟାୟିକାର ପରିପୂର୍ଣ୍ଣ। ଏଣୁ ଗ୍ରନ୍ଥ ମାନଙ୍କ ମଧ୍ୟରେ ମହାଭାରତର କୌଣସି ତୁଳନା ନାହିଁ।

ଅରଙ୍ଗାବାଦ ବରୀ ଯାଜପୁର
ମୋ: ୯୯୩୮୯୦୬୦୭୦




## ବିଘ୍ନ ବିନାଶକ ଶ୍ରୀଗଣେଶ

**ତାନଶ୍ରୀ ପାଣିଗ୍ରାହୀ**

ଚନ୍ଦନ ଚର୍ଚ୍ଚିତ ସିନ୍ଦୁର ଶୋଭିତ
ଅଗ୍ରପୂଜ୍ୟ ଶ୍ରୀଗଣେଶ
ଶିବଙ୍କ ନନ୍ଦନ ମୂଷିକ ବାହନ
ଦିଅ ତୁମ ଶୁଭାଶିଷ...
ଅଗ୍ର ପୂଜ୍ୟ ଶ୍ରୀଗଣେଶ...

ଭାଦ୍ରବ ମାସର ଶୁକ୍ଳ ଚତୁର୍ଥୀରେ
ତୁମ ଶୁଭ ଆଗମନ
ତୁମେ ସିଦ୍ଧିଦାତା ତୁମେ ବୁଦ୍ଧିଦାତା
ହେ ପ୍ରଭୁ ଗୌରୀ ନନ୍ଦନ
ଭକ୍ତି ଅର୍ଘ୍ୟ ଘେନ କରୁ ଆବାହନ
ତୁମେ ସର୍ବ ବିଘ୍ନ ନାଶ
ଅଗ୍ରପୂଜ୍ୟ ଶ୍ରୀଗଣେଶ...

ମହାଭାରତକୁ ଲେଖିଥିଲ ପ୍ରଭୁ
ବ୍ୟାସଦେବଙ୍କଠୁ ଶୁଣି
ପିତା ମାତାଙ୍କର ଚାରିପଟେ ବୁଲି
କାର୍ତ୍ତିକଙ୍କୁ ଗଲ ଜିଣି
ବୁଦ୍ଧିର ସାଗରେ ତୁମେ ବିରାଜିତ
ଜାଣିଛି ଏ ସାରା ବିଶ୍ୱ...
ଆହେ ପ୍ରଭୁ ଶ୍ରୀଗଣେଶ..

ତୁମ କୃପା ବଳେ ମୂର୍ଖ ଯେ ପଣ୍ଡିତ
ହୋଇପାରେ ଏ ମହୀରେ
ସତ୍ୟ ଧର୍ମ ପଥେ ନେଇ ଯାଅ ତୁମେ
ଜ୍ଞାନର ଆଲୋକ ଧାରେ
ତୁମେ ବିଦ୍ୟାଦାତା ହେ ଭାଗ୍ୟ ବିଧାତା
କାହାକୁ କରନା ନିଃସ୍ୱ...
ଅଗ୍ରପୂଜ୍ୟ ଶ୍ରୀ ଗଣେଶ ।

ଆଚାର୍ଯ୍ୟା, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ବାଲିଆ,ବାଲେଶ୍ୱର
ମୋ -୯୩୩୭୩୦୪୨୯୫

## ପୂଜିବା ଆମେ ବିଦ୍ୟା ଦେବତା

**ରମେଶ ଚନ୍ଦ୍ର ନାୟକ**

ଆସ ଆସ ଭାଇ ଆସ ହେ ଭଉଣୀ
ହାତେ ଧରି ଘିଅ ଦୀପ ବଳିତା
ବିଦ୍ୟାଳୟ ଘର କରି ପରିଷ୍କାର
ଭକ୍ତିରେ ପୂଜିବା ବିଦ୍ୟା ଦେବତା ।

ମହାନ ପଣ୍ଡିତ ମହାଦେବ ସୁତ
ଅବତରି ଆସ କରୁ ଗୁହାରି
ଡାକୁ ଛାତ୍ରଛାତ୍ରୀ ହୋଇ ଏକ ମତି
ତବ ଶ୍ରୀଚରଣେ ଭକତି ଭରି ।

କେଡେ ଯେ ସୁନ୍ଦର
ଦିଶେ ମନୋହର
ପ୍ରଭୁ ତୁମ ରୂପ ଅପୂର୍ବ କାନ୍ତି
ଭକ୍ତି ଅର୍ଘ୍ୟ ଦେଇ ଚରଣେ ତୁମରି
ପୂଜା କଲେ ଆମେ ପାଇବୁ ଶାନ୍ତି ।

ଆହେ ଗଜାନନ ପାର୍ବତୀ ନନ୍ଦନ
ଆମରି ଗୁହାରି ଶୁଣିମା ହେଉ
ଆଶିଷ ତୁମର ଅଜ୍ଞାନ ଅନ୍ଧାର
ଏହି ଧରାଧାମୁ ଉଭେଇ ଯାଉ ।

ଏ ଶୁଭ ଲଗନେ ଭକ୍ତି ଶ୍ରଦ୍ଧା ମନେ
ନିବେଦନ କରୁ ହାତକୁ ଯୋଡ଼ି
ବିଦ୍ୟା ବୁଦ୍ଧି ଜ୍ଞାନ କଲେ ପ୍ରଭୁ ଦାନ
ଆନନ୍ଦେ ଧରିବୁ ସିଲଟ ଖଡି ।

ପ୍ରଭୁ ଶ୍ରୀଗଣେଶ ଦିଅ ହେ ଆଶିଷ
କରୁଅଛୁ ପୂଜା ତବ ପୟରେ
ଜ୍ଞାନାକାଶେ ତୁମେ ଉଜ୍ଜ୍ୱଳ ତାରକା
ଭରିଦିଅ ଜ୍ଞାନ ଆମ ମଥାରେ ।

କେଶରପୁର, ବକ୍ସି ବଜାର, କଟକ
ମୋ : ୭୯୭୮୧୫୧୭୧୦

# ଶ୍ରୀ ଗଣେଶ

## ଅଲେଖ ଚନ୍ଦ୍ର ସାମଲ



ଗଣପତି ବା ବିନାୟକ ହେଉଛନ୍ତି ସବୁଠାରୁ ଅଧିକ ପୂଜିତ ହିନ୍ଦୁ ଦେବତା। ସେ ମହାଦେବ ଶିବ ଓ ଦେବୀ ପାର୍ବତୀଙ୍କର ସାନ ପୁଅ ଓ କାର୍ତ୍ତିକେୟଙ୍କର ସାନ ଭାଇ। ତାଙ୍କର ବାହନ ମୂଷିକ। ଗଣେଶଙ୍କର ପ୍ରତିକୃତି ଭାରତ ଓ ନେପାଳରେ ସର୍ବତ୍ର ପରିଦୃଷ୍ଟ ହୁଏ। ହିନ୍ଦୁମାନେ ଜାତି, ଭାଷା, ବର୍ଣ୍ଣ ନିର୍ବିଶେଷରେ ଗଣେଶଙ୍କୁ ପୂଜା କରିଥାନ୍ତି। ଏପରିକି ଜୈନ, ବୁଦ୍ଧ ଓ ଅଣଭାରତୀୟମାନେ ମଧ୍ୟ ଗଣେଶଙ୍କ ଉପାସନା କରିଥାନ୍ତି। ଶାସ୍ତ୍ରରେ ୩୨ ପ୍ରକାର ଗଣେଶଙ୍କ ବିଷୟରେ ବିର୍ଣ୍ଣନା କରାଯାଇଛି। ଅନେକ ବିଶେଷତ୍ୱ ମଧ୍ୟରୁ ଗଣେଶ ତାଙ୍କର ହାତୀ ମୁଣ୍ଡ ଯୋଗୁଁ ସହଜରେ ଚିହ୍ନା ପଡ଼ନ୍ତି। ବିଘ୍ନ ନାଶକ ରୂପେ ସେ ସର୍ବତ୍ର ପୂଜିତ ହୁଅନ୍ତି। କଳା, ବିଜ୍ଞାନର ଓ ବୁଦ୍ଧିମତ୍ତାର ଦେବତା ଓ ସଂରକ୍ଷକ ରୂପେ ସେ ପରିଚିତ। ଆଦି ଦେବତା ହିସାବରେ ପ୍ରତ୍ୟେକ ଶୁଭ କାର୍ଯ୍ୟ, ପୂଜା, ଲେଖାପଢ଼ା ଓ ଧାର୍ମିକ କ୍ରିୟା ଆରମ୍ଭରେ ତାଙ୍କର ଆବାହନ କରାଯାଏ।

ଶିବ ପୁରାଣ ଅନୁଯାୟୀ ଦେବୀ ପାର୍ବତୀ ନିଜ ଦେହକୁ ନିର୍ଗତ ମଇଳାରୁ ଏକ ମୂର୍ତ୍ତି ଗଠନ କଲେ ଏବଂ ତାକୁ ଜୀବନ ଦାନ ଦେଲେ। ପାର୍ବତୀ ଏହାଙ୍କୁ ଦ୍ୱାର ଜଗାଇ ଏବଂ ଭିତରକୁ କାହାକୁ ପ୍ରବେଶ ନକରାଇବା ପାଇଁ ଆଦେଶ ଦେଇ ସ୍ନାନ କରିବାକୁ ଗଲେ। ଠିକ୍ ସେହି ସମୟରେ ମହାଦେବ ଘରକୁ ଫେରି ଭିତରକୁ ପ୍ରବେଶ କରନ୍ତେ, ବାଳକ ଗଣେଶ ଆପଣା ପିତାଙ୍କୁ ଚିହ୍ନି ନପାରି ବାଟ ଛାଡ଼ିଲେ ନାହିଁ। ମହାଦେବ ଯେତେ ବୁଝାଇବାକୁ ଚେଷ୍ଟା କରି ବିଫଳ ହେବା ପରେ କ୍ରୋଧ ଜର୍ଜରିତ ହୋଇ ଶିର ଛେଦନ କଲେ। ପରେ ପାର୍ବତୀଙ୍କ ନିକଟରୁ ଏହାଙ୍କର ପରିଚୟ ପାଇ ଫେରି ଆସି ଦେଖିଲା ବେଳକୁ ମୁଣ୍ଡହୀନ ଗଣ୍ଡିଟି ପଡ଼ିଅଛି। ମହାଦେବ ମୁଣ୍ଡ ଖୋଜି ନପାଇ ଉତ୍ତର ଦିଗକୁ ମୁଣ୍ଡ କରି ଶୋଇଥିବା ଗୋଟିଏ ହାତୀର ମୁଣ୍ଡକୁ କାଟି ଆଣି ଏହାଙ୍କ ଗଣ୍ଡିରେ ଯୋଡ଼ି ଜୀବନ ଦାନ କଲେ। ମହାଦେବଙ୍କ ପ୍ରଥମ ଗଣର ସେନାପତି। ପୌରାଣିକ ମତେ ଗଣେଶ ବ୍ୟାସୋକ୍ତ ମହାଭାରତର ଲେଖକ। ଭାଦ୍ରବ ମାସ ଶୁକ୍ଳ ପକ୍ଷ ଚତୁର୍ଥୀ ଦିନ ଗଣେଶଙ୍କର ସ୍ୱତନ୍ତ୍ର ପୂଜା ହୁଏ। ରକ୍ତ ଚନ୍ଦ୍ର, ରକ୍ତ ପୁଷ୍ପରେ ଏହାଙ୍କୁ ପୂଜା କରାଯାଏ। ଏହାଙ୍କର ଗଜ ମସ୍ତକ, ଏକଦନ୍ତ, ଥନ୍ତଲ ପେଟ ଓ ସାପ ପଇତା। ଏହାଙ୍କର ବାହନ ମୂଷା।

+ପୂର୍ବତନ ଡିଏଫ୍ଓ,
ପଲାଇ, ବାଲିଚନ୍ଦ୍ରପୁର,
ଯାଜପୁର,
ମୋ : ୯୪୩୭୨୫୬୧୨୩

# ଗଣାନାଂ ତ୍ୱାଂ ଗଣପତି ହବାମହେ...

## ଡ଼ଃ.ଅରୁନ୍ଧତୀ ଦେବୀ



ଗଣେଶଙ୍କ ବିଗ୍ରହର ଗଜମୁଖ ଭାରତର ଆଦିମ ବାଣୀ ଓଁକାରର ପ୍ରତୀକ, ତେଣୁ ଗଣେଶ ଓଁକାର ସ୍ୱରୂପ ପରଂବ୍ରହ୍ମ ଭାବେ ମଧ୍ୟ ପୂଜିତ । ଯଜୁର୍ବେଦରେ ଗଣେଶଙ୍କ ମନ୍ତ୍ର ନିମ୍ନ ଭାବେ ରହିଛି - ''ଗଣାନାଂ ତ୍ୱାଂ ଗଣପତି ହବାମହେ, ପ୍ରିୟାଣାଂ ତ୍ୱାଂ ପ୍ରିୟପତି ହବାମହେ, ନିଧିନାଂ ତ୍ୱାଂ ନିଧିପତିଂ ହବାମହେ, ବସୋର୍ମମ ।'' ଓଡ଼ିଆ ଜନଜୀବନ ତଥା ଶିକ୍ଷାୟତନରେ ଗଣେଶ ପୂଜା ବା ଗଣନାଥଙ୍କ ପୂଜା ଏକ ମହତ୍‌ପୂର୍ଣ୍ଣ ଉତ୍ସବ । ମହାପ୍ରଭୁ ଶ୍ରୀ ଗଣେଶ କେବଳ ବିଦ୍ୟାଦାତା ନୁହଁନ୍ତି ସେ ଧର୍ମଦାତା ଓ ସିଦ୍ଧିଦାତା ଭାବେ ଅଗ୍ରପୂଜ୍ୟର ଆସନ ଗ୍ରହଣ କରିଛନ୍ତି । କେବଳ ଓଡ଼ିଶାରେ ନୁହେଁ ସମଗ୍ର ଭାରତରେ ଶ୍ରୀଗଣେଶଙ୍କ ପୂଜା ମହାଆଡ଼ମ୍ବର ସହକାରେ ପୂଜା ହୋଇଥାଏ । ଓଡ଼ିଶାର ଶରତ ଋତୁରେ ଶ୍ରୀ ଗଣେଶ ପୂଜା ହେଉଛି ଅନ୍ୟତମ ପାର୍ବଣ । ଭାଦ୍ରବ ମାସ ପବିତ୍ର ଶୁକ୍ଳ ଚତୁର୍ଥୀଦିନ ଏହି ପୂଜା କରାଯାଇଥାଏ । ସେ ଦିନ ଛାତ୍ରଛାତ୍ରୀଙ୍କ ଠାରୁ ଅନେକ ଗଣେଶଙ୍କ ଶ୍ରଦ୍ଧାଳୁ ଉପବାସ କରିବା ସହ ବିଦ୍ୟା, ଧନ ଓ ଶୁଭକାମନା କରି ଶୁଦ୍ଧପୂତ ମନରେ ଗଣପତିଙ୍କ ପୂଜା କରନ୍ତି । ଆମ ଦେଶରେ ସମସ୍ତ ଲୌକିକ ଓ ଧାର୍ମିକ କର୍ମର ଆରମ୍ଭରେ ଗଣନାଥଙ୍କ ପୂଜା କରାଯାଏ । 'ଶ୍ରୀ ଗଣଶାୟ ନମଃ' ପ୍ରାୟ ସବୁ ଶୁଭକର୍ମର ଆଦ୍ୟ ଉଚ୍ଚାରଣ । ଗଣାନାଂ ପତିଃ ଗଣପତିଃ, ତେଣୁ ମନ୍ତ୍ରରୁ ହିଁ ଜଣାଯାଏ ଯେ, ଗଣେଶ ସର୍ବସାଧାରଣଙ୍କ ଦେବତା । ଗଣପତି ସମୁହବାଚକ ହୋଇଥିବାରୁ ସମଗ୍ର ମାନବ ଜାତିର ସର୍ବସିଦ୍ଧିଦାତା ଭାବେ ସେ ପୂଜ୍ୟ । ପୁରାଣ ଓ ଶାସ୍ତ୍ର ଅନୁଯାୟୀ ଗଣେଶ ବିଦ୍ୟା ଓ ବୁଦ୍ଧିର ଦେବତା । ତାଙ୍କର ଅନ୍ୟ ନାମ ବିଶ୍ଳେଷଣ । ସମସ୍ତ ବିଘ୍ନ ଓ ବିପଦର ସେ ବିନାଶକାରୀ । ସେ ଅଶୁଭକୁ ଦୂର କରି ଶୁଭ ଆଣନ୍ତି । ତେଣୁ ତାଙ୍କର ଉଦ୍ଦେଶ୍ୟରେ କୁହାଯାଏ । ''ଓଁ ନମୋ ଗଣେଶ ବିଘ୍ନେଶ, ଗିରିଜା ନନ୍ଦ ପ୍ରଭୋ, ମମ ବିଘ୍ନ ବିନାଶୟ, ଗଣାଧିପତୟେ ନମଃ'' ।

ଓଡ଼ିଶାରେ ଗଣେଶ ପୂଜା ଏକ ବିଶେଷ ମହତ୍ୱ ରଖିଛି । ଓଡ଼ିଶାର ପ୍ରାୟ ସବୁ ତୀର୍ଥସ୍ଥଳ ଦେବାଦେବୀଙ୍କ ପୀଠ, ଦେବାଳୟ ଓ ମନ୍ଦିର ମାନଙ୍କରେ ଅଗ୍ରପୂଜ୍ୟ ଶ୍ରୀ ଗଣେଶଙ୍କ ମୂର୍ତ୍ତି ବିରାଜମାନ ହୋଇଥାଏ । ମହାପ୍ରଭୁ ଜଗନ୍ନାଥଙ୍କ କ୍ଷେତ୍ର ଶ୍ରୀମନ୍ଦିରରେ ବିରାଟ ଗଣେଶ ମୂର୍ତ୍ତି ସ୍ଥାପିତ ହୋଇଛନ୍ତି । ଇତିହାସରୁ ତଥ୍ୟରୁ ଜଣାଯାଏ ଯେ ଗଜପତି ପୁରୁଷୋତ୍ତମଦେବ କାଞ୍ଚି ବିଜୟ କରି କାଞ୍ଚିରାଜାଙ୍କ ଇଷ୍ଟ ଦେବତା ଏହି ଗଣପତି ମୂର୍ତ୍ତି ଆଣି ବିଧି ସହକାରେ ଶ୍ରୀମନ୍ଦିରରେ ଅଧିଷ୍ଠିତ କରାଇଛନ୍ତି । ସେହିପରି ମନ୍ଦିର ମାଳିନୀ ସହର ଭାବେ ପରିଚିତ ଭୁବନେଶ୍ୱରରେ ମଧ୍ୟ ବହୁ ଗଣେଶ ବିଗ୍ରହ ରହିଛି । ସମାଜ ମଧ୍ୟରେ ଜ୍ଞାନର ପ୍ରସାର ଓ ବୃଦ୍ଧି ଦିଗରେ ଗଣେଶ ପୂଜାରେ ସାମାଜିକ ଓ ସାଂସ୍କୃତିକ ମହତ୍ତ୍ୱ ରଖିଥାଏ । ସମସ୍ତେ ଭକ୍ତିଭାବ ପ୍ରଣଦୀତ ହୋଇ ଶ୍ରୀ ଗଣେଶଙ୍କ କୃପାପ୍ରାପ୍ତି ସହ ସଂସ୍କୃତିର ବିକାଶ ଦିଗରେ କାର୍ଯ୍ୟ କରିଥାନ୍ତି । ଆମ ସାମାଜିକ ପ୍ରଥା ଓ ପରମ୍ପରାରେ ବିନାୟକ ବ୍ରତ ଏକ ମହାନ ବ୍ରତ ଭାବେ ପାଳିତ । ଏହି ବ୍ରତରେ ସାଧାରଣ ପୂଜା ପୂଜିର ଦ୍ରବ୍ୟ ବ୍ୟତୀତ ମାଳତୀ, ଭୃଙ୍ଗରାଜ, ବିଲ୍ୱ, ଶ୍ୱେତଦୁର୍ବା, ବଦରୀ, ଧୁତୁରା, ତୁଳସୀ, ଶମୀ, ବୃହତୀ, କରବୀର, ନିଆଳି, ଅର୍ଜ୍ଜୁନ, ବିଷ୍ଣୁତ୍ରୟ, ଦାଡ଼ିମ୍ବ, ଦେବଦାରୁ, ମରୁପତ୍ର, ଅଶ୍ୱତ୍‌ଥ, ଯାଇ, କେତକୀ, ଅଗସ୍ତିପତ୍ର, ଆମ୍ର, ଖୁର୍ଜର, କଦଳୀ, ନରିକେଳ, ମୋଦକ ୨୧ଗୋଟି, ଦୁର୍ବା ୨୧ କେରା, ରକ୍ତ ବସ୍ତ୍ର ଓ ଯଜ୍ଞୋପବୀତ ବ୍ୟବହାର କରାଯାଏ । ଓଡ଼ିଶାର ସମସ୍ତ ଶିକ୍ଷାୟତନରେ ବିଦ୍ୟାଦାତା ମହାପ୍ରଭୁ ଶ୍ରୀ ଗଣେଶଙ୍କ ପୂଜା ହୋଇଥାଏ । କେହି କେହି ନିଜ ପୂଜାଘରେ ମଧ୍ୟ ଶ୍ରୀଗଣେଶଙ୍କ ପୂଜା କରିଥାନ୍ତି । ଏହି ଦିନରେ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନରେ ଶ୍ରୀ ଗଣେଶଙ୍କ ପୂଜା ଆଉ କେହି ଖାତା ପୂଜା କରି ବ୍ୟବସାୟର ଉନ୍ନତି ପାଇଁ ମହାପ୍ରଭୁ ଗଣନାଥଙ୍କ ଆଶୀର୍ବାଦ ନେଇଥାନ୍ତି । ଶ୍ରୀ ଗଣେଶପୂଜାରେ ଗଣେଶଙ୍କ ପ୍ରିୟ ରାଶିଲଡୁ, ନଡ଼ିଆ, ମୋଦକ ପ୍ରଭୃତି ନୈବେଦ୍ୟ ସମର୍ପଣ ହୋଇଥାଏ । ଏହି ଜିନିଷର ବିଶେଷକରି ରାଶିର ଔଷଧୀୟ ଗୁଣ ହେଉଛି ଏହା ମସ୍ତିଷ୍କର ସ୍ନାୟୁ ସବଳ କରିଥାଏ ଯାହା ମେଦାବର୍ଦ୍ଧକ ଭାବେ କାର୍ଯ୍ୟ କରେ । ବିଦ୍ୟାଦାତା, ବିଘ୍ନନାଶକ, ଧନ ଦେବତା, ଗଣପତିଙ୍କ ଜନ୍ମକାହାଣୀ ମଧ୍ୟ ଅତ୍ୟନ୍ତ କୌତୁହଳପୂର୍ଣ୍ଣ ।

(ଅବଶିଷ୍ଟାଂଶ ପୃଷ୍ଠା ୭ରେ)

# 'ଓଁ ବକ୍ରତୁଣ୍ଡ ମହାକାୟ, ସୂର୍ଯ୍ୟକୋଟି ସମପ୍ରଭ...'

## ପୁଷ୍ପମିତ୍ର ମହାପାତ୍ର



'ଓଁ ବକ୍ରତୁଣ୍ଡ ମହାକାୟ, ସୂର୍ଯ୍ୟକୋଟି ସମପ୍ରଭ। ନିର୍ବିଘ୍ନଂ କୁରୁମେ ଦେବ ସର୍ବକାର୍ଯ୍ୟେଷୁ ସର୍ବଦା।।' କୁହାଯାଏ ଶ୍ରୀଗଣେଶଙ୍କର ନାମକୁ ବାରମ୍ବାର ଜପ କରିବାରେ ସର୍ବଦୁଃଖ ଦୂର ହେବା ସଙ୍ଗେ ସମସ୍ତ ପ୍ରକାରର ବିଘ୍ନର ବିନାଶ ଘଟିଥାଏ। କୌଣସି ବି ଶୁଭକାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ବିଘ୍ନନାଶକ ଶ୍ରୀଗଣେଶଙ୍କୁ ବନ୍ଦନା କରାଯାଇଥାଏ। ପୁରାଣରେ ବର୍ଣ୍ଣିତ ରହିଛି ଯେ, ଯିଏ ଶ୍ରୀଗଣେଶଙ୍କୁ ଭକ୍ତି ଭାବନା ସହିତ ଆରାଧନା କରୁଥାଏ ସେ ସମସ୍ତ ପ୍ରକାରର ଭୟ ଓ ଦୁଃଖରୁ ମୁକ୍ତ ହୋଇ ସାରା ଜୀବନକୁ ଉପଭୋଗ କରିଥାଏ। ତେଣୁ ମହାଦେବଙ୍କ ପୁତ୍ର ତଥା ମାତା ପାର୍ବତୀଙ୍କ ନନ୍ଦନ ଶ୍ରୀଗଣେଶଙ୍କୁ ଗଣପତି, ଏକଦନ୍ତ, ଦେବବ୍ରତ, ଭୁବନପତି, ବିନାୟକ, ବିଘ୍ନେଶ୍ୱର, ଉଦନ୍ତ, ସୁମୁଖ, ସିଦ୍ଧିପ୍ରଦ, ସିଦ୍ଧିବିନାୟକ, ଗୌରୀନନ୍ଦନ, ମହାଗଣପତି, ଗଜାନନ ତଥା ଲମ୍ବୋଦର ଭାବେ ସ୍ମରଣ କରି ତାଙ୍କର ପ୍ରିୟ ଭକ୍ତମାନେ ଭକ୍ତିର ସହିତ ପୂଜାର୍ଚ୍ଚନା କରିଥାନ୍ତି। ଭାରତର ପ୍ରାୟ ସବୁ ରାଜ୍ୟରେ ଗଣେଶ ଚତୁର୍ଥ ପାଳିତ ହେଉଥିଲେ ମଧ୍ୟ ମହାରାଷ୍ଟ୍ର, ଗୋଆ, ତେଲେଙ୍ଗାନା, ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ, ଓଡ଼ିଶା, ଗୁଜୁରାଟ, ତାମିଲନାଡୁ ଓ ମଧ୍ୟପ୍ରଦେଶ ପରି ରାଜ୍ୟରେ ବହୁ ଧୁମ୍‌ଧାମରେ ତଥା ଜାକଜମକରେ ବିଶେଷ ପର୍ବ ଭାବେ ଆନନ୍ଦ ଓ ଉଲ୍ଲାସର ସହ ପାଳିତ ହୋଇଥାଏ। ଭାରତ ସମେତ ନେପାଳ, ଶ୍ରୀଲଙ୍କା, ଆମେରିକା, କାନାଡ଼ା, ଫିଜି ଓ ମରିସସ୍ ଆଦି ଦେଶରେ ମଧ୍ୟ ଗଣେଶ ଚତୁର୍ଥୀ ପାଳନ କରାଯାଇଥାଏ। ଓଡ଼ିଶାର ପ୍ରାୟ ପ୍ରତ୍ୟେକ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଶ୍ରୀଗଣେଶଙ୍କର ମୃଣ୍ମୟ ପ୍ରତିମୂର୍ତ୍ତି ଓ ସାଜସଜ୍ଜା ପୂର୍ଣ୍ଣ ମେଢ଼ ସହିତ ପୂଜାର ଆୟୋଜନ ହୋଇଥାଏ। ଓଡ଼ିଶାର ଜଟଣୀ, ତାଳଚେର, ଭଦ୍ରକ, ଭୁବନେଶ୍ୱର, କଟକ, ବାଲେଶ୍ୱର ଏବଂ ବ୍ରହ୍ମପୁର ପରି ସହରରେ ଗଣେଶ ପୂଜା ବହୁ ଆଡ଼ମ୍ବର ସହକାରେ ପାଳିତ ହେବା ଦେଖାଯାଏ। ମୂଷିକ ବାହନରେ ବସି ହାତରେ ବିରାଟ ଲଡୁ ଧରିଥିବା ଶ୍ରୀଗଣେଶଙ୍କ ବିରାଟ ମୃଣ୍ମୟ ମୂର୍ତ୍ତି, ପ୍ରକାଣ୍ଡ ତୋରଣ ଓ ଆକର୍ଷଣୀୟ ମେଢ଼ ଗୁଡ଼ିକର ରଙ୍ଗୀନ ଆଲୋକସଜ୍ଜା ସେଠାକାର ପରିବେଶକୁ ଉତ୍ସବମୁଖର କରିଥାଏ। ଗଣେଶଚତୁର୍ଥୀ ଦିନର ପୂଜା ଠାରୁ ଆରମ୍ଭ କରି ମୂର୍ତ୍ତି ବିସର୍ଜନ ପର୍ଯ୍ୟନ୍ତ ପୂଜାସ୍ଥଳୀଗୁଡ଼ିକ ସବୁବେଳେ ଚଳଚଞ୍ଚଳ ରହିଥିବା ଦେଖାଯାଏ। ଓଡ଼ିଶାର ସମସ୍ତ ବିଦ୍ୟାଳୟ, କାର୍ଯ୍ୟାଳୟ ତଥା ବିଭିନ୍ନ ବ୍ୟାବସାୟିକ ଅନୁଷ୍ଠାନ ଗୁଡ଼ିକରେ ଭକ୍ତ ସହକାରେ ଶ୍ରୀଗଣେଶଙ୍କର ଆରାଧନା ହୋଇଥାଏ।

+ଆଇନ୍‌ଜୀବୀ, ଓଡ଼ିଶା
ହାଇକୋର୍ଟ, କଟକ,
ମୋ : ୯୪୩୭୨୨୫୬୮୯



## ଶ୍ରୀଗଣେଶ

### ସଦାଶିବ ବିଶ୍ୱାଳ

ଶ୍ରୀଗଣପତି, ବିଘ୍ନହାରୀ,
ବୁଦ୍ଧିଦାତା, ସବୁଠୁ ନିଆରା
ମୋଦକ ଭୋଗ ଲାଗେ ପାଶେ
ଲଡୁ ଭୋଗ ପୁଣି ପ୍ୟାରା।

ଗୌରୀ ଶଙ୍କରଙ୍କ ପ୍ରିୟ ପୁତ୍ର,
ଦୁଃଖୀ ଦୁଃଖ କରନ୍ତି
କ୍ଷଣେ ହରଣ
ରିଦ୍ଧି ସିଦ୍ଧି ସଙ୍ଗେ ସାଥେ ଥିଲେ,
ସବୁ ବିଗିଡା କାମ
ସିଦ୍ଧରେ ବଦଳେ ଜାଣ।

ସୃଷ୍ଟିର ପ୍ରଥମ ପୂଜ୍ୟ ଭଗବାନ,
ସର୍ବ ଜନେ କରନ୍ତି ବରଦାନ
ସାକ୍ଷତରେ ହୁଏ ଶଙ୍କଟ
ଦୂର ମୂର୍ଖ ହୁଅଇ
ମହା ଜ୍ଞାନୀ, ବୁଦ୍ଧିମାନ।

ମୂଷିକ ବାହାନ ତାଙ୍କ
ଭବ ବାଧା ସବୁ ଦୂର
ସହ କରନ୍ତି ବରଦାନ।
ସବୁ କାର୍ଯ୍ୟରେ ସଫଳତା ଦିଅନ୍ତି
ବିଘ୍ନହର୍ତ୍ତା, ଶଙ୍କଟ
କରନ୍ତି ହରଣ।

ହେ ବିଶାଳ ଗଣରାଜ,
ଦିନ ଦୟାଳୁ
ସଦା କୃପା କର,
ମୋ ଉପରେ କର ଉପକାର
ଶତ ପ୍ରାଣମ କରେ ପାଦେ
ଦିଅ ବିଦ୍ୟା ବୁଦ୍ଧି,
ଜୀବନ କୁସୁମିତ କର

+କଷ୍ଟ ଏଣ୍ଡ ମ୍ୟାନେଜମେଣ୍ଟ
ଆକାଉଟାଣ୍ଟ
ଅବସରପ୍ରାପ୍ତ ବ୍ୟାଙ୍କ
କର୍ମଚାରୀ
ମୋହନଦାସ ଏନକ୍ଲେଭ
ଖଣ୍ଡଗିରି, ଭୁବନେଶ୍ୱର

# ବିଘ୍ନ ନାଶକ

## ଅନୀତା ପଟ୍ଟନାୟକ



ଭାରତୀୟ ମାନେ ସେମାନଙ୍କ ସଂସ୍କୃତି ସହିତ ଜଡ଼ିତ ଦୁଇଟି ପ୍ରସ୍ତରକୁ ଗୁରୁତ୍ୱ ଦେଇଥାନ୍ତି। ତାହା ହେଉଛି ହିମାଳୟର ଏଭରେଷ୍ଟ ଶୃଙ୍ଗ ଓ କନ୍ୟାକୁମାରୀ ଠାରେ ଥିବା ପ୍ରସ୍ତର ଯେଉଁଠାରେ ବିବେକାନନ୍ଦ ଧ୍ୟାନସ୍ଥ ହୋଇଥିଲେ। ଏହି ଦୁଇଟି ପ୍ରସ୍ତର ମଧ୍ୟରେ ଥିବା ଭାରତ ଦେଶର ସଂସ୍କୃତି ସହିତ ଜଡ଼ିତ ଥିବା ବ୍ୟକ୍ତିମାନେ ବିନାୟକ ଚତୁର୍ଥୀ ପାଳନ କରିଥାନ୍ତି। ବିନାୟକ, ଗଣପତି, ବିଘ୍ନେଶ୍ୱର ଏସବୁ ଗଣେଶଙ୍କୁ ବୁଝାଏ। ବାଳବୃଦ୍ଧ ସମସ୍ତଙ୍କ ନିକଟରେ ଗଣେଶ ଜଣେ ଲୋକପ୍ରିୟ ଦେବତା। ଉତ୍ସବ ସଂସ୍କାର, ଯଜ୍ଞ, ବ୍ରତ, ଯୋଗ, ଉପବାସ, ତୀର୍ଥଯାତ୍ରା ଏସବୁ ଆରମ୍ଭ କରିବା ପୂର୍ବରୁ ଗଜାନନଙ୍କୁ ପ୍ରଥମ ଦେବତା ଭାବେ ପୂଜା କରାଯାଏ। ତାଙ୍କର ନାମ ଗଣପତି କାରଣ ସେ ଗଣ ବା ଦେବଶକ୍ତି ମାନଙ୍କର ପ୍ରଭୁ। ସେ ପ୍ରସନ୍ନ ହେଲେ ସମସ୍ତ ବିଘ୍ନକୁ ଦମନ କରିଥାନ୍ତି। ଗଣପତି ବିଦ୍ୟା ଓ ବୁଦ୍ଧିର ଦେବତା ହୋଇଥିବାରୁ ସେ ଆମର ବାଧାବିଘ୍ନ ଗୁଡ଼ିକୁ ସ୍ୱାଭାବିକ ଭାବେ ଏଡ଼ାଇ ଦେଇ ପାରିଥାନ୍ତି।

ଗଣପତି ବା ଗଣେଶ ଏପରି ଏକ ଦେବତା ଯାହାଙ୍କୁ କି ତନ୍ତ୍ର ଓ ବିଭିନ୍ନ ବୈଦିକ ମନ୍ତ୍ରରେ ସମ୍ମାନିତ କରାଯାଇଛି। ହାତୀ ମଣିଷ ପରି ଏକ ସ୍ତନ୍ୟପାୟୀ ପ୍ରାଣୀ ମଧ୍ୟରୁ ଜଣେ ଓ ସେ ଅତ୍ୟନ୍ତ ବୁଦ୍ଧିମାନ। ସେ ନିଜର ସାତ୍ତ୍ୱିକ ଭାବକୁ ସୂଚୀତ କରେ କାରଣ ହାତୀ ଏକ ନିରାମିଷ ପ୍ରାଣୀ। ଗଣପତିଙ୍କର ହାତୀମୁଣ୍ଡ ଅଛି ଏହା ବୁଦ୍ଧିକୁ ସୂଚୀତ କରେ ତାଙ୍କର ଅନ୍ୟନାମ ସୂପକର୍ଣ୍ଣ ଯାହାଙ୍କର କୁଲାପରି କାନ ଅଛି। କୁଲାର କାମ ଯେପରି ଅନାବଶ୍ୟକ ପଦାର୍ଥକୁ ପାଛୁଡ଼ି ଆବଶ୍ୟକ ପଦାର୍ଥକୁ ନିଜ ଭିତରେ ରଖିବା ସେହିଭଳି ତାଙ୍କୁ ପ୍ରାର୍ଥନା କଲେ ସେ ବୈଷୟିକ ଓ ଆଧାତ୍ମିକ ପ୍ରତିବନ୍ଧକ ଗୁଡ଼ିକୁ ବାହାର କରି ଦେବାରେ ସାହାଯ୍ୟ କରିଥାନ୍ତି।

ଗଣେଶଙ୍କର ଦୁଇଟି ଲୋକପ୍ରିୟ ଶ୍ଳୋକ ଅଛି ଯଥା - 'ଶୁକ୍ଳାମ୍ବରଧରଂ ବିଷ୍ଣୁଂ ଶଶୀବର୍ଣ୍ଣଂ ଚତୁର୍ଭୁଜମ, ପ୍ରସନ୍ନ ବଦନଂ ଧ୍ୟାୟେତ୍ ସର୍ବବିଘ୍ନ ପ୍ରଶାନ୍ତୟେ।' ଏହାର ଅର୍ଥ ଶୁକ୍ଳାମ୍ବର ଧରଂ - ଶୁଦ୍ଧତାର ପ୍ରତୀକ ଅମ୍ବର - ଆକାଶ ବା ହୃଦୟ ଆକାଶ (ଗଣପତି ବିଶ୍ୱପ୍ରେମ, କରୁଣା ଓ ଶୁଦ୍ଧତାର ପ୍ରତୀକ)। ବିଷ୍ଣୁଂ - ଯେ ସଦା ସର୍ବଦା ବିଦ୍ୟମାନ, ଶଶୀବର୍ଣ୍ଣଂ - ପାଉଁଶ ବା ବିଭୂତି ରଙ୍ଗ (ଆଧାତ୍ମିକ ଦୀପ୍ତି, ଆଧାତ୍ମିକ ଉପଲବ୍ଧି, ପ୍ରାପ୍ତି ଓ ଶକ୍ତିର ମହିମାରେ ଉଜ୍ଜ୍ୱଳ)। ତେଣୁ ଗୀତାରେ କୃଷ୍ଣ କହିଛନ୍ତି ଯେଉଁଠାରେ ତୁମେ ଶକ୍ତି, କୀର୍ତ୍ତି ଓ ବିଭୂତି ଦେଖ ତାହା ତୁମେ 'ମୁଁ' ବୋଲି ଜାଣିନିଅ। ଦ୍ୱିତୀୟ ଲୋକପ୍ରିୟ ଶ୍ଳୋକଟି ହେଉଛି - 'ବକ୍ରତୁଣ୍ଡ ମହାକାୟ ସୂର୍ଯ୍ୟକୋଟି ସମପ୍ରଭ, ନିର୍ବିଘ୍ନଂ କୁରୁମେ ଦେବ ସର୍ବକାର୍ଯ୍ୟେଷୁ ସର୍ବଦା।'

ଏହା ଏତେ ସରଳ ଯେ ପ୍ରତ୍ୟେକ ବ୍ୟକ୍ତି ଏହାର ଅର୍ଥ ଜାଣିଛନ୍ତି। କିନ୍ତୁ ଏହି ଶ୍ଳୋକ ଭିତରେ ଥିବା ମୂଲ୍ୟବୋଧଟି ହେଲା ଗଣେଶଙ୍କ ଶରୀରରୁ କୋଟିଏ ସୂର୍ଯ୍ୟର ଆଭା ପ୍ରତୀୟମାନ ହୋଇଥାଏ। ହେରମ୍ବ, ଲମ୍ବୋଦର ଶିବ ଓ ପାର୍ବତୀଙ୍କର ସନ୍ତାନ। ଯଦି ସନ୍ତାନ ନିକଟରେ କୋଟିଏ ସୂର୍ଯ୍ୟର ଆଭା ପ୍ରତୀୟମାନ ତେବେ ତାଙ୍କର ପିତା ଭଗବାନଙ୍କ ନିକଟରେ କେତେ ସୂର୍ଯ୍ୟର ଆଭା ଥିବ ? ସୂର୍ଯ୍ୟଙ୍କ ଆଡ଼କୁ ଚାହିଁ ସାରିବା ପରେ ପୃଥିବୀକୁ ଚାହିଁଲେ ଅନ୍ଧକାର ଦେଖାଯାଇଥାଏ। କାମନା ବାସନା ଓ ଆବିଳତାରେ ପୂର୍ଣ୍ଣ ମାୟାବନ୍ଧନରୁ ମୁକ୍ତି ପାଇବାକୁ ହେଲେ ଭଗବାନଙ୍କୁ ଚାହିଁବା ଦରକାର। ଏଠାରେ ମଧ୍ୟ କଥା ସରିନାହିଁ ଆମ ଶରୀରର ମଧ୍ୟରେ କିଏ କହୁଅଛି କୋଟି ସୂର୍ଯ୍ୟରୂପକ ଭଗବାନଙ୍କୁ ଅନାଇଲେ ପୃଥିବୀ ଅନ୍ଧକାର ଦେଖାଯାଏ ସେ ଆଉ କେହି ନୁହଁନ୍ତି ସେ ହେଉଛନ୍ତି ଆମ ଭିତରେ ଥିବା ଆତ୍ମଶକ୍ତି। ତେଣୁ ଗଣେଶ ଚତୁର୍ଥୀରେ ଆମ ଭିତରେ ଥିବା ଆତ୍ମଶକ୍ତିକୁ ଚିହ୍ନିବା ନିହାତି ଆବଶ୍ୟକ।

ଅବସରପ୍ରାପ୍ତ ପ୍ରଧାପିକା,
ସିଡିଏ, କଟକ,
ମୋ : ୯୬୯୨୯୮୦୦୨୬



## ଅଗ୍ରପୂଜ୍ୟ ଗଣେଶ

### ରମାକାନ୍ତ ଦାସ

ଜୟପ୍ରଭୁ ଗଜାନନ ହରଗଉରି ନନ୍ଦନ
ଜ୍ଞାନଦାତା, ବୁଦ୍ଧିଦାତା ପ୍ରଭୁ ବିଘ୍ନବିନାଶନ।
ଅଗ୍ରପୂଜ୍ୟ ଅଟ ତୁମ୍ଭେ ଅଟ ବିଦ୍ୟାଦାତା
ଦୁଃଖର ହରତା ତୁମ୍ଭେ ସୁଖର କରତା।
ତୁମ୍ଭେ ବିଦ୍ୟାଧର ତୁମ୍ଭେ ବିଦ୍ୟାର ଭଣ୍ଡାର
ଶୁଭ ଲାଭଙ୍କ ପିଅର ଆହେ ଲମ୍ବୋଦର।
ସର୍ବ ମଙ୍ଗଳ ଆହେ ଆରାଧ ଦେବତା
ନମଃନମଃ ଗଜାନନ ରିଦ୍ଧି ସିଦ୍ଧି ଦାତା।

ଅଜ୍ଞାନ ତିମୀର ନାଶ ହେ ଗଜାନନ
ମଙ୍ଗଳ ଦାୟକ ହେ ବିଘ୍ନ ବିନାଶନ ।
ତୁମ୍ଭ କୃପାବଳେ ହୁଏ ଜ୍ଞାନର ଉଦୟ
ସିଦ୍ଧି ବିନାୟକ ବକ୍ରତୁଣ୍ଡ ମହାକାୟ ।
ମଙ୍ଗଳ ମୁରତି ଜୟଜୟ ବିଘ୍ନହର୍ତ୍ତା
ବିଘ୍ନରାଜ ସିଦ୍ଧିକର୍ତ୍ତା ଲମ୍ବୋଦର ଜ୍ଞାନଦାତା
।
ଜୟଜୟ ଗୌରୀସୂତ ଜୟ ଶ୍ରୀଗଣେଶ
ପ୍ରଣୀପାତ ଘେନ ପ୍ରଭୁ ଦିଅ ହେ ଆଶିଷ।

ନନ୍ଦିଗ୍ରାମ, ନାଉଗାଁ, ଜଗତସିଂହପୁର
ମୋ-୯୬୬୮୮୧୫୩୬୯

## ଶ୍ରୀ ଗଣେଶ

### ଗୋପୀନାଥ ଦାଶ

ଗଣେଶ, ବିଘ୍ନେଶ ଗିରିଜାନନ୍ଦନ ପ୍ରଭୋ, ମମ ବିଘ୍ନ ବିନାଶାୟ ଗଣାଦବପତୟେ ନମଃ''

ବିଘ୍ନବିନାଶକ ଗଣେଶଙ୍କୁ ଅଗ୍ରପୂଜାର ଆଖ୍ୟା ଦିଆଯାଇଛି । ଅନ୍ୟ ଯେ କୌଣସି ପୂଜା କରିବା ପୂର୍ବରୁ ପ୍ରଥମେ ଶ୍ରୀ ଗଣେଶଙ୍କୁ ଆରାଧନା କରାଯାଏ, ସେଥିପାଇଁ ସବୁକାର୍ଯ୍ୟ ନିର୍ବିଘ୍ନରେ ସମାପନ ହୋଇଥାଏ । ସେଥିପାଇଁ କୁହାଯାଇଛି, 'ବକ୍ରତୁଣ୍ଡ ମହାକାୟ ସୂର୍ଯ୍ୟକୋଟି ସମପ୍ରଭୁ, ନିର୍ବିଘ୍ନ କୁରୁମେ ଦେବ ସର୍ବକାୟେଷୁ ସର୍ବଦା ।' ଶ୍ରୀଗଣେଶ ହେଲେ ମା' ପାର୍ବତୀଙ୍କର ମାନସପୁତ୍ର । ଥରେ ମାତା ପାର୍ବତୀ ସ୍ନାନ କରୁଥିବା ସମୟରେ ତାଙ୍କ ଦେହର ମଳୁଖ ବା ହଳଦିକୁ ଏକାଠି କରି ଏକ ପୁତଳୀ ତିଆରି କଲେ । କୌତୁହଳବଶତଃ ସେ ପିତୁଳାକୁ ଜୀବନ୍ୟାସ ଦେଲେ । ପରେ ସେ ପିତୁଳା ମା ପାର୍ବତୀଙ୍କର ନୟନ ପିତୁଳା ହୋଇ ଗଣେଶ ନାମରେ ବିଖ୍ୟାତ ହେଲେ ।

ଭାଦ୍ରବମାସ ଶୁକ୍ଳପକ୍ଷ ଚତୁର୍ଥୀ ତିଥିକୁ ଗଣେଶ ଚତୁର୍ଥୀ ଭାବରେ ନାମିତ କରାଯାଏ । ସେଦିନ ଘରେ ଘରେ, ଶିକ୍ଷାନୁଷ୍ଠାନରେ ବିଘ୍ନରାଜ ଗଣେଶଙ୍କର ପୂଜା କରାଯାଏ ।

ଗଣେଶଙ୍କର ନାମ ମଧ ଏକଦନ୍ତ ଓ ଚର୍ତୁଭୁଜ । ତାଙ୍କର ଚାରିହାତରେ ଫାଶ, ଅଙ୍କୁଶ, ଅଭୟ ଓ ବରଦ ମୁଦ୍ରା ଶୋଭିତ । ଶରୀର ରକ୍ତବର୍ଣ୍ଣ ପୁଷ୍ପ ଓ ବସନ ତାଙ୍କ ଅତିପ୍ରିୟ । ଗଣେଶଙ୍କ ବେଶଭୂଷାର ବର୍ଣ୍ଣନା ମଧ୍ୟରେ ପୁରାଣରେ ଖୁବ୍ ଚମତ୍କାର ଭାବରେ ରହିଛି । ମୋତି ଓ ରତ୍ନ ଆଦି ତାଙ୍କର ମୁକୁଟରେ ଖଞ୍ଜା ହୋଇଥାଏ । ସମଗ୍ର ଶରୀରରେ ସେ ରକ୍ତ ଚନ୍ଦନ ଲେପନ କରିଥାନ୍ତି । ଗଳାରେ ମୋତିମାଳା, ବକ୍ଷସ୍ଥଳରେ ପଇତା, ବାହୁରେ ରତ୍ନ ଖଜିତ ବାହୁଟି, ମର୍କତମଣିରା ମୁଦି, ଭାଲପଟରେ ଚନ୍ଦ୍ରମା ଆଦି ତାଙ୍କର ଶୋଭା ବର୍ଦ୍ଧନ କରିଥାଏ। ଗଣେଶ ସର୍ବଗଣ ସମ୍ପନ୍ନ । ବିଦ୍ୟା ଓ ବୁଦ୍ଧିରେ ଭାରୀ ପ୍ରଖର । ବୁଦ୍ଧିଦ୍ୱାରା ସେ ତାଙ୍କର ବଡ଼ଭାଇ କାର୍ତ୍ତିକଙ୍କୁ ମଧ ପଛରେ ପକାଇଦେଇଥିଲେ । ଥରେ ମହାଦେବ ନିର୍ଣ୍ଣୟ କଲେ ଯିଏ ସାରା ପୃଥିବୀକୁ ପରିକ୍ରମା କରି ଆସିବ ସେ ବୁଦ୍ଧିମାନ ଓ ବଳଶାଳୀ ହୋଇପାରିବ । ଗଣେଶ ଓ କାର୍ତ୍ତିକଙ୍କ ମଧ୍ୟରେ ପ୍ରତିଯୋଗିତା ହେଲା। କାର୍ତ୍ତିକ ତାଙ୍କର ମୟୂର ବାହାନରେ ବସି ପୃଥିବୀ ପରିକ୍ରମା ପାଇଁ ବାହାରିଲେ ଏବଂ ଗଣେଶ ମଧ ତାଙ୍କର ମୂଷା ବାହାନରେ ବାହାରିପଡ଼ିଲେ । ଚତୁର ଗଣେଶ ପିତାମାତାଙ୍କୁ ବହୁତ ଶ୍ରଦ୍ଧା ଓ ଭକ୍ତି କରୁଥିଲେ । ସେ ଜାଣିଥିଲେ ପିତାମା ହେଉଛନ୍ତି ସବୁଦେବତାଙ୍କ ମଧ୍ୟରେ ଶ୍ରେଷ୍ଠ । ସେ ନିର୍ଣ୍ଣୟ କଲେ ସେ ଯଦି ପିତାମାତାଙ୍କ ଚାରିପାଖରେ ସାତଥର ପରିକ୍ରମା କରିବେ, ତାହା ପୃଥିବୀ ପରିକ୍ରମା ଠାରୁ ଶହେଗୁଣ ଆଗରେ ରହିବ । ସେ ମଧ ସେୟା କଲେ । ମୂଷା ବାହାନରେ ବସି ପିତାମାତାଙ୍କ ଚାରିପାଖରେ ବୁଲିଆସିଲେ । କିନ୍ତୁ କାର୍ତ୍ତିକ ମୟୂର ବାହାନରେ ବସି ବୁଲି ବୁଲି ହାଲିଆ ହୋଇ ପଡ଼ିଲେଣି । କ'ଣ କରିବେ ? ସେତିକି ବୁଲି ସେ ଫେରି ଆସିଲେ ମାତାପିତାଙ୍କ ନିକଟକୁ ଏବଂ ଦେଖିଲେ ଗଣେଶ ବହୁପୂର୍ବରୁ ଆସି ବସିଛନ୍ତି । କାର୍ତ୍ତିକ ଏହାଶୁଣି ବିସ୍ମିତ ହେଲେ । ଏଥିରୁ ଗଣେଶଙ୍କର ପ୍ରଖର ବୁଦ୍ଧିର ପରିଚୟ ମିଳେ ।

ମହାଭାରତର ଆଦି ପର୍ବରେ ଲେଖାଅଛି ବେଦବ୍ୟାସ ମହାଭାରତ ଲେଖିବା ପାଇଁ ଇଛା ପ୍ରକାଶ କରି ଧ୍ୟାନସ୍ଥ ହୋଇ ବ୍ରହ୍ମାଙ୍କୁ ପ୍ରାର୍ଥନା କଲେ । ବ୍ରହ୍ମା ଆଦେଶ ଦେଲେ ମହାଜ୍ଞାନୀ ଗଣେଶଙ୍କୁ ଲେଖିବା ପାଇଁ । ବେଦବ୍ୟାସଙ୍କ ଅନୁରୋଧରେ ଗଣେଶ ମହାଭାରତ ଲେଖିବା ପାଇଁ ଗୋଟିଏ ସର୍ତ୍ତ ରଖି ମହାଭାରତ ଲେଖିଲେ ସର୍ତ୍ତଟି ଥିଲା ''ବେଦବ୍ୟାସ ଯାହା ଡାକିବେ ଗଣେଶ ତାହାକୁ ଲେଖିବେ ଏବଂ ଲେଖନୀ କ୍ଷଣିକ ପାଇଁ ଅଟକିବ ନାହିଁ । ଅଟକିଗଲେ ସେହିଠାରୁ ଲେଖା ବନ୍ଦ ରହିବ । ଏହି କଥୋପକଥନ ଦ୍ୱାରା ବେଦବ୍ୟାସଙ୍କ ମୁଖନିସୃତ ବାଣୀ ଗଣେଶଙ୍କର ଲେଖନୀରେ ମହାଭାରତରେ ରୂପାନ୍ତରିତ ହୋଇଥିଲା ।' ପଦ୍ମପୁରାଣରେ ବର୍ଣ୍ଣିତ ଅଛି, ଥରେ ପର୍ଶୁରାମ ଶିବଙ୍କ ଦର୍ଶନ ପାଇଁ କୈଳାଶ ପର୍ବତକୁ ଯାଇଥିଲେ । ଗଣେଶ ଦ୍ୱାରା ଜଗିବା ଦାୟିତ୍ୱ ନେଇଥିଲେ ଏବଂ ପର୍ଶୁରାମଙ୍କୁ ଭିତରକୁ ଯିବାକୁ ଅନୁମତି ଦେଇନଥିଲେ । ଫଳରେ ଗଣେଶ ଓ ପର୍ଶୁରାମଙ୍କ ମଧ୍ୟରେ ତୁମୁଳ ଯୁଦ୍ଧ ହେଲା। ଏବଂ ପର୍ଶୁରାମଙ୍କ ପର୍ଶୁଘାତରେ ଗଣେଶଙ୍କର ଗୋଟିଏ ଦାନ୍ତର ଅଧା ଭାଙ୍ଗିଗଲା । ସେହିଦିନ ଠାରୁ ଗଣେଶ ଏକଦନ୍ତ ନାମରେ ନାମିତ ହେଲେ । ଭାଦ୍ରବମାସ ଶୁକ୍ଳପକ୍ଷ ଚତୁର୍ଥୀ ଦିନ ତାଙ୍କର ପୂଜା ସବୁଆଡ଼େ ପାଳନ କରାଯାଏ । ମହାରାଷ୍ଟ୍ରରେ ଗଣେଶପୂଜା ଦେଶର ଅନ୍ୟ ରାଜ୍ୟମାନଙ୍କ ଠାରୁ ସ୍ୱତନ୍ତ୍ର । ଏଠାରେ ୧୫/୧୬ ଦିନ ଧରି ଗଣେଶ ପୂଜା ପାଳନ କରାଯାଏ । ସ୍କୁଲ, କଲେଜ, ଅଫିସମାନଙ୍କର ମଧ ଗଣେଶ ସବୁଠି ଅଗ୍ରପୂଜ୍ୟ । ବିଦ୍ୟା ବୁଦ୍ଧିର ପ୍ରତୀକ। ବିଘ୍ନରାଜ ବିଘ୍ନନାଶକ ସେ । ହେ ଅଗ୍ରପୂଜ୍ୟ, ଗିରିଜା ନନ୍ଦନ, ବିଘ୍ନନାଶନ ସମସ୍ତଙ୍କର ବିଘ୍ନନାଶ କରନ୍ତୁ ଏବଂ ସମସ୍ତଙ୍କୁ ସୁଖଶାନ୍ତି ପ୍ରଦାନ କରନ୍ତି। 'ଗଣେଶ, ବିଘ୍ନେଶ ଗିରିଜାନନ୍ଦନ ପ୍ରଭୋ, ମମ ବିଘ୍ନ ବିନାଶାୟ ଗଣାଦବପତୟେ ନମଃ' ।

+ସେଣ୍ଟ ଥୋମାସ ଇଂଲିଶ ସ୍କୁଲ, ଝାରସୁଗୁଡ଼ା

## ଗଣେଶ ପୂଜା

### ସନ୍ତୋଷ ମିଶ୍ର

ଲମ୍ବୋଦର ଗାଁ ପ୍ରାଇମେରୀ ସ୍କୁଲର ପ୍ରଧାନ ଶିକ୍ଷକ। ସୌଭାଗ୍ୟ ବଶତଃ ଏକଦା ସେ ସେହି ସ୍କୁଲର ଛାତ୍ର ମଧ୍ୟ ଥିଲେ। ସେତେବେଳେ ସମସ୍ତ ଛାତ୍ରଛାତ୍ରୀମାନଙ୍କ ପାଇଁ ଗଣେଶ ପୂଜା ଥିଲା ବହୁ ପ୍ରତୀକ୍ଷିତ ଉତ୍ସବମାନଙ୍କ ମଧ୍ୟରେ ଅନ୍ୟତମ। ଭୋର ସକାଳୁ ମା 'ନିଦରୁ ଉଠେଇ କହେ - ଆଜି ପରା ଗଣେଶ ପୂଜା ! ଶୀଘ୍ର ବାହାରି ପଡ଼। ତୋ ସାଙ୍ଗସାଥିମାନେ ପୋଖରୀକୁ ଗାଧେଇବାକୁ ଗଲେଣି। ମୁଁ ତୋ ବହି, ଖାତା, ସ୍ଲେଟ, ଖଡ଼ି ଖବର କାଗଜରେ ଗୁଡ଼େଇ ସୂତାରେ ବାନ୍ଧି ଦେଇଚି। ଫୁଲ ବି ତୋଳି ଦେଇଚି। ବାପା ଦୋକାନରୁ ନଡ଼ିଆ ଆଣିଛନ୍ତି। ଗଣେଶଙ୍କ ଆଗରେ ନଡ଼ିଆ ଫଟେଇ ପାଠ ମାଗିବୁ। ଆଉ ଡେରି କରନା। ଗାଁ ପୋଖରୀରୁ ଗାଧେଇ ଆସି ସଫା ପ୍ୟାଣ୍ଟ ସାର୍ଟ ପିନ୍ଧି ସାରିବା ପରେ ମା ଗୋଟିଏ ବେଲାରେ ଦହି, ଖଇ, ଗୁଡ଼ ଦେଇ କହେ - ଯା.. କୋଠି ଘରେ ବସି ଖାଇ ଦେବୁ। ଲମ୍ବୋଦର ନିରୀହ ଭାବେ ପଚାରନ୍ତି - ମା' ! ଖାଇସାରି ପୂଜା କରିବାକୁ ଯିବି କେମିତି। କିଛି ଖାଇବା କଥା ନୁହେଁ ପରା !! ମା' ହସି ହସି ବୁଝାନ୍ତି - ତୁ କଣ ଭାତ ତରକାରୀ ଖାଉଚୁ ..ଦହି, ଖଇ ଖାଇଲେ କିଛି ଅସୁବିଧା ନାହିଁ। ଲମ୍ବୋଦର ପୁଣି କହନ୍ତି - ଯଦି କେହି ଦେଖେ। ତା ଛଡା ଠାକୁର ରାଗିବେନି ତ ! ମା ' ବୁଝାଏ - ନାଇଁରେ ତୁ ତ ଅନ୍ଧାରୁଆ କୋଠିଘରେ ଖାଇବୁ। ଦେଖିବ କିଏ। ମୁଁ ବାହାରେ ଜଗିଚି। ମନେରଖ, ଠାକୁର କେବଳ ଭକ୍ତିକୁ ଦେଖନ୍ତି। ଅନ୍ୟ କିଛି ନୁହେଁ। ପୂଜା ସରୁସରୁ ବହୁତ ଡେରି ହେବ। ତୁ ତ ଭୋକ ସମ୍ଭାଳି ପାରିବୁନି। କଣ କରିବୁ। ଦେହ ଖରାପ ହେବ। ଅଯଥାରେ କଷ୍ଟ ପାଇବୁ। ଲମ୍ବୋଦର ଆଉ ଅଧିକ କିଛି ନକହି ସଫା ପ୍ୟାଣ୍ଟସାର୍ଟ ପିନ୍ଧି, କୋଠିଘରେ ଖାଇ ସାରି, ଖବର କାଗଜରେ ବନ୍ଧା ଯାଇଥିବା ସ୍ଲେଟ୍ ଖଡ଼ି ସହ କାଗଜ ଠୁଙ୍ଗାରେ ଥିବା ଫୁଲ ଓ ନଡ଼ିଆ ଧରି ସ୍କୁଲକୁ ବାହାରି ଯାଆନ୍ତି।

ମା ' ସତ କହୁଥିଲା ! ପୂଜା ସରିବା ବେଳକୁ ସାଢ଼େ ଏଗାର ବାର। ଭୋକରେ ସାଙ୍ଗ ସାଥୀମାନେ ଆଉଟପାଉଟ ହେଲେଣି। କାହା ପେଟରେ ଯନ୍ତ୍ରଣା ହେଲାଣି ତ କିଏ କାନ୍ଦିଲାଣି । ଲମ୍ବୋଦର ବୁଝି ପାରୁଥିଲେ କାହିଁକି ମା ' ତାକୁ କୋଠିଘରେ ଲୁଚିଲୁଚି ଦହି ଆଉ ଖଇ ଖାଇବାକୁ ବାଧ କହୁଥିଲା। ମା' ମମତାର ଗଭୀରତା ମାପୁମାପୁ ତାଙ୍କ ଆଖି ଲୁହରେ ଭିଜିଯାଏ। ପୂଜା ସରିବା ପରେ ଭୋକିଲା ପିଲାମାନଙ୍କ ହାତରେ ଚୁଡ଼ାଭୋଗ ଟିକେଟିକେ ଦେଇ ବିଦା କରି ଦିଆଯାଏ। ନଡ଼ିଆ, କଦଳୀ ଫଳମୂଳ ବ୍ରାହ୍ମଣ କିଛି ନେଇଯାଏ। ଅବଶିଷ୍ଟ ଯାହା ରହିଲା, ଶିକ୍ଷକ, ଶିକ୍ଷୟିତ୍ରୀମାନେ ସେମାନଙ୍କ ମଧ୍ୟରେ ବାଣ୍ଟି ନିଅନ୍ତି। ତାପରେ ପିଲାମାନଙ୍କ ଚାନ୍ଦା ଟଙ୍କାରେ ଆୟୋଜିତ ଭୋଜିରେ ସମସ୍ତେ ଆପ୍ୟାୟିତ ହୁଅନ୍ତି।

ଯେବେ ଲମ୍ବୋଦର ନିଜ ଗାଁ ପ୍ରାଇମେରୀ ସ୍କୁଲର ପ୍ରଧାନ ଶିକ୍ଷକ ଭାବେ ଯୋଗ ଦେଲେ, ସମସ୍ତ ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କର ଏକ ବୈଠକ ଡାକି ଜଣାଇ ଦେଲେ - ଆଉ କିଛି ଦିନ ପରେ ଗଣେଶ ପୂଜା। କେମିତି କଣ ପୂଜା କରାଯିବ, ସେ ବିଷୟରେ ଆଲୋଚନା କରିବା ହେଉଚି ଆଜି ବୈଠକ ଡାକିବାର ଉଦ୍ଦେଶ୍ୟ। ଏବରଠାରୁ ସ୍କୁଲରେ ଗଣେଶ ପୂଜା ହେଉ କିମ୍ବା ସରସ୍ୱତୀ ପୂଜା, କୌଣସି କାରଣରୁ ପିଲାମାନଙ୍କଠାରୁ କେବେ ହେଲେ ଚାନ୍ଦା ଆଦାୟ କରାଯିବ ନାହିଁ। ସାର୍ ଆଉ ଦିଦି ମାନେ ପଚାରିଲେ - ତାହେଲେ ପୂଜା ହେବ କେମିତି। ପୂଜା ଓ ଭୋଜିଭାତ ପାଇଁ ଯାହା ଖର୍ଚ୍ଚ ହେବ ତାହା ଭରଣା ହେବ କୋଉଠୁ । ଲମ୍ବୋଦର କହିଲେ - କାହିଁକି, ଆମେ କଣ ସରକାରଙ୍କ ଠାରୁ ଦରମା ପାଉନୁ !! ଆମେ କଣ ସେ ଖର୍ଚ୍ଚ ଭରଣା କରିବାକୁ ଅକ୍ଷମ। ସାର୍ ଆଉ ଦିଦିମାନେ ମତ ଦେଲେ - ଆମେ ଚାକିରୀ କରିଚୁ ଆମ ପରିବାର ପାଇଁ...ଆମ ପିଲା ଛୁଆ ମାନଙ୍କ ପାଇଁ। ସ୍କୁଲରେ ପୂଜା, ଭୋଜିଭାତ ପାଇଁ ନୁହେଁ। ଲମ୍ବୋଦର କହିଲେ - ଆପଣ ମାନେ ସମସ୍ତେ ଜାଣନ୍ତି କେବଳ ଆପଣଙ୍କ ପିଲା ନୁହେଁ, କୌଣସି ସରକାରୀ ଚାକିରିଆ, ରାଜନେତା, ପ୍ରତିଷ୍ଠିତ ବ୍ୟବସାୟୀ କିମ୍ବା ଧନୀକ ଶ୍ରେଣୀୟ ଲୋକଙ୍କ ପିଲାମାନେ ସରକାରୀ ସ୍କୁଲରେ ପଢୁନାହାନ୍ତି । ମୋଟା ଅଙ୍କର ଚାନ୍ଦା ଦେଇ ଇଂଲିଶ ମିଡିଅମ୍ ସ୍କୁଲରେ ପଢୁଛନ୍ତି। କେବଳ ଗରୀବ ବାପାମାଆଙ୍କ ପିଲାମାନେ ସରକାରୀ ସ୍କୁଲରେ ପଢୁଛନ୍ତି। ସେମାନଙ୍କ ଚାନ୍ଦା ଟଙ୍କାରେ ଭୋଜି ଖାଇବାକୁ ମୋ ବିବେକ ମୋତେ ବାଧା ଦେଉଛି। ତେଣୁ ପୂଜାର ସମସ୍ତ ଖର୍ଚ୍ଚ ମୁଁ ବହନ କରିବା ପାଇଁ ସ୍ଥିର କରିଛି। ଭୋଜିଭାତ, ସାଂସ୍କୃତିକ କାର୍ଯ୍ୟକ୍ରମ ବି ହେବ। ସକାଳ ୮ ଟା ସୁଦ୍ଧା ପୂଜା ସରିବ। ଫଳମୂଳ ସମେତ ନଡ଼ିଆ ଆଉ ଆପଣମାନେ ଭାଗ କରି ଘରକୁ ନେଇ ପାରିବେନି। ସବୁଗୁଡିକ ଭୋଗରେ ଗୋଳାଯାଇ ପିଲାମାନଙ୍କୁ ଖାଇବାକୁ ଦିଆଯିବ। ଯାହା ବଳକା ରହିବ ସବୁ ପିଲାମାନଙ୍କୁ ବାଣ୍ଟି ଦିଆଯିବ। ଆପଣମାନେ ଭୋଜି ଖାଇବେ ମାତ୍ର ଘରକୁ କିଛି ନେଇପାରିବେ ନାହିଁ। ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇ ଆନ୍ତରିକ ସହଯୋଗ କାମନା କରିଥିଲେ ଲମ୍ବୋଦର।



ସେହିଦିନଠାରୁ ପ୍ରତିବର୍ଷ ଗଣେଶ ପୂଜା ଅପୂର୍ବ ଆନନ୍ଦଉତ୍ସାହ ସହିତ ପାଳିତ ହେଉଛି। ପିଲାମାନଙ୍କୁ ଆଉ ଚାନ୍ଦା ଦେବାକୁ ପଡୁନାହିଁ। ପ୍ରଥମେ ଲମ୍ବୋଦରଙ୍କୁ ସମସ୍ତଖର୍ଚ୍ଚ ବହନ କରିବାକୁ ପଡୁଥିଲା। ପରବର୍ତ୍ତୀ କାଳରେ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ସହଯୋଗର ହାତ ବଢାଇ ଥିଲେ । ସକାଳେ ପୂଜାସରିବା ପରେ ଚୁଡ଼ାଘସା, ଲଡୁ ; ବାରଟା ବେଳକୁ ପୁରୀ, ବୁନ୍ଦିଆ, ଡାଲମା, କ୍ଷିରୀ, ପାମ୍ପଡ଼; ସନ୍ଧ୍ୟାରେ ପୁଣି ନାଚଗୀତର ସାଂସ୍କୃତିକ ଆସର; ସମସ୍ତେ ମିଳିମିଶି ଉପଭୋଗ କରନ୍ତି ଏକ ଅବର୍ଣ୍ଣନୀୟ ଭାବମୟ ପରିବେଶ ମଧ୍ୟରେ !

+ ଉଦଳା, ମୟୂରଭଞ୍ଜ
ମୋ: ୭୦୦୮୨୩୭୬୫୦



## ଆସନ୍ତୁ ଗଣପତି

### ନିରଞ୍ଜନ ସାହୁ

ଆସ ଗଣେଶ ଆସ ବିଘ୍ନେଶ
ଆସ ହେ ଗଣପତି
ଗଣନାୟକ ସିଦ୍ଧିଦାୟକ
ଆଜ୍ଞାନ କର ଇତି ।

ଭାଦ୍ରବ ଶୁକ୍ଳ ପକ୍ଷ ଚତୁର୍ଥୀ
ଆସିଛି ପରା ଆଜି
ଗ୍ରାମ ନଗର ପୂଜା ମଣ୍ଡପ
ଦିଶେ ଅପୂର୍ବ ରାଜି
ଆସନ୍ତୁ ପ୍ରଭୁ ଧରାଧାମକୁ
ବଳାଇ ନିଜ ମତି ।

ଗୌରୀ ନନ୍ଦନ ବିଶ୍ୱ ବନ୍ଦନ
ଗଜବଦନ ଆସ
ଆପଣା ଜ୍ୟୋତି ପ୍ରକାଶ କରି
ଆଜ୍ଞାନ ତମ ନାଶ

ଦେଖନ୍ତୁ ପ୍ରଭୁ ତବ ଦୁନିଆ
ହୋଇଛି ଅଧୋଗତି ।

ବିଘ୍ନନାଶନ ମୂଷିକାସନ
ସଂସାରୁ ଦୁଃଖ ହର
ହେ ବିନାୟକ ସୁଖ ଦାୟକ
ପ୍ରାର୍ଥନା ଘେନା କର
ଦିନକୁ ଦିନ ଏହି ସଂସାର
ହୁଅଇ ଅବନତି ।

ଦୟା କରନ୍ତୁ ଖୁସି ଭରନ୍ତୁ
ଉଦୟ ହେଉ ବୁଦ୍ଧି
ଭଲ କାମରେ ମନ ନିବେଶ
କରନ୍ତୁ ଚିତ୍ତ ଶୁଦ୍ଧି
ତବ କରୁଣା ନ ହେଉ ଊଣା
ସୁଦୟା କର ଅତି ।

ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ- ୭୫୯୦୧୬
ମୋ : ୯୯୩୮୭୪୧୫୮୩



## ଆସିଲାଣି ଆମ ଗଣେଶ ପୂଜା

### ଜୟକୃଷ୍ଣ ସାହୁ

ପାରବଣରତୁ ଆସିଲାଣି
ଫୁଲଫୁଟି ଗଛେ ବାସିଲେଣି
ଗଣପତିଙ୍କର ପୂଜା ହେବ ବୋଲି
ପିଲାଏ ଖୁସିରେ ନାଚିଲେଣି।

ଗଜାନନଙ୍କର ପୂଜା ପାଇଁ
କା'ଆଖିକି ଆଉ ନିଦ ନାଇଁ
ପୂଜା ଦିନ ଯେତେ ପାଖେଇ ଆସୁଛି
ମନ ହେଉଅଛି ହାଇଁପାଇଁ।

ଆମ ବିଦ୍ୟାଳୟେ ହେବ ପୂଜା
ପୂଜା ଦିନ ହେବ ଭାରି ମଜା
ସବୁ ସାଙ୍ଗସାଥୀ ମିଳିମିଶି ଆମେ
କରିବୁ ପ୍ରଭୁଙ୍କ ସାଜସଜ୍ଜା।

ବିଦ୍ୟା ବୁଦ୍ଧି ଦାତ୍ତା ଭଗବାନ
ଆଗେ ହୁଏ ତାଙ୍କ ଆବାହନ
ଅଗ୍ର ପୂଜ୍ୟ ଗଜାନନଙ୍କୁ ସୁମରି
ତାଙ୍କ ସ୍ତୁତି କରିଥାଉ ଗାନ।

ବିଧି ବିଧାନରେ ପୂଜା କରି
ଭକ୍ତିରେ ଅରପି ପୁଷ୍ପାଞ୍ଜଳି
ଭୋଗ ନିବେଦନ କରିଥାଉ ଆମେ
ଧୂପ ଦୀପ ତାଙ୍କ ଆଗେ ଜାଳି।

ପ୍ରସାଦ ସେବନ କରି ଶେଷେ
ଫେରିଥାଉ ଆମେ ନିଜ ବାସେ
ମନକୁ ଲଗାଇ ପଢ଼ିଥାଉ ପାଠ
ସଞ୍ଜେ ବସି ମାଆଙ୍କର ପାଶେ।

କପିଳପ୍ରସାଦ,ଭୁବନେଶ୍ୱର-୨
ମୋ-୯୯୩୭୦୯୨୩୯୭

## ଶ୍ରୀମନ୍ଦିର ଭିତର ବେଢ଼ାରେ ଗଜାନନ

### ଡକ୍ଟର ତପନ କୁମାର ପାଳ

ଆଜି ପବିତ୍ର ଗଣେଶ ପୂଜା । ଆସନ୍ତୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପୁଣ୍ୟ ପାବନ କ୍ଷେତ୍ର ପୁରୀ ଶ୍ରୀକ୍ଷେତ୍ର ଧାମରେ ଥିବା ଗଜାନନଙ୍କ ସମ୍ପର୍କରେ ସମସ୍ତେ ଜାଣିବା। ଅନେକ ହୁଏତ ଜାଣିନଥିବେ ଶ୍ରୀ ମନ୍ଦିର ପଶ୍ଚିମ ପାର୍ଶ୍ୱରେ ଥିବା ସାକ୍ଷୀଗୋପାଳ ମନ୍ଦିର ନିକଟରେ ରହିଛି କାଞ୍ଚି ଗଣେଶ ମନ୍ଦିର। କାଞ୍ଚି ଗଣେଶଙ୍କୁ ଭଣ୍ଡ ଗଣେଶ ତଥା ତନ୍ତ୍ର ଗଣେଶ ମଧ କୁହାଯାଏ। ଭିତରକୁ ମହାପାତ୍ର ଏହି ଗଣେଶଙ୍କ ସେବା କରନ୍ତି। ଏହି ଗଣେଶ ମୂର୍ତ୍ତିଟିର ଏକ ବିଶେଷତ୍ୱ ଯେ, ଏହାଙ୍କ ବାମଜାନୁରେ ଏକ ନଗ୍ନନାରୀ ମୂର୍ତ୍ତି ଉପବେଶନ କରିଛନ୍ତି। ଶୁଣ୍ଢଟି ନାରୀ ମୂର୍ତ୍ତିଙ୍କ ଯୋନିରେ ସ୍ପର୍ଶ କରିଛି। ସେହିପରି ଶ୍ରୀମନ୍ଦିର ଦକ୍ଷିଣଦ୍ୱାର ଦେଇ ଭିତର ଗୁମୁଟକୁ ପ୍ରବେଶ କଲା ପରେ ଦକ୍ଷିଣ ପାର୍ଶ୍ୱ କଳ୍ପବଟ ବୃକ୍ଷ ତଳେ ରହିଥିବା ଏକ ମନ୍ଦିର ମଧ୍ୟରେ ଗଣେଶ ବିଦ୍ୟମାନ। ଏହାକୁ କଳ୍ପବଟ ବା ବଟ ଗଣେଶ ବୋଲି କୁହାଯାଏ। ପ୍ରସ୍ତର ନିର୍ମିତ ଏହି ଗଣେଶ ମୂର୍ତ୍ତି ଦକ୍ଷିଣାଭିମୁଖୀ। ତାଙ୍କ ଦକ୍ଷିଣ ହସ୍ତ ଦ୍ୱୟରେ ରୁଦ୍ରାକ୍ଷ ମାଳ, ଲେନୀ ଓ ଗଜଦନ୍ତ ଶୋଭା ପାଉଛି। ବାମ ହସ୍ତ ଦ୍ୱୟରେ ପରଶୁ ଓ ଲଡୁ ଧାରଣ କରିଛନ୍ତି। ଏହି ଗଣେଶଙ୍କ ସମ୍ମୁଖରେ ଏକ ମୂଷିକ ବାହାନ ବିଦ୍ୟମାନ। ଏହି ମୂଷିକ ଉତ୍କଳୀୟ ଶିଳ୍ପ ପରମ୍ପରାର ଏକ ନିଦର୍ଶନ। ଶ୍ରୀମନ୍ଦିର ଭିତର ବେଢ଼ାରେ ଜଳକ୍ରୀଡ଼ା ମଣ୍ଡପ ନିକଟରେ ଏହି ଗଣେଶଙ୍କ ମନ୍ଦିର ଅବସ୍ଥିତ। କଳା ମୁଗୁନି ପଥରରେ ନିର୍ମିତ ଏହି ଗଣେଶ ଦକ୍ଷିଣାଭିମୁଖୀ ଓ ଅଷ୍ଟଭୁଜ ବିଶିଷ୍ଟ। ଦଣ୍ଡାୟମାନ ଭଙ୍ଗୀରେ ରହିଥିବାବେଳେ ଉପର ଦୁଇ ହସ୍ତରେ ସର୍ପ ଧାରଣ କରିଛନ୍ତି। ଅନ୍ୟ ହସ୍ତମାନଙ୍କରେ ରୁଦ୍ରାକ୍ଷମାଳ, ଗଜଦନ୍ତ, ଫାଶ, ଅଭୟ ମୁଦ୍ରା ରହିଛି। ମା'ବିମଳାଙ୍କ ମନ୍ଦିର ପ୍ରବେଶ ଦ୍ୱାର ବାମପଟେ ଏକ ଠଣାରେ ନୃତ୍ୟ ଶୈଳୀରେ କ୍ଷୁଦ୍ର ଗଣେଶ ଦଣ୍ଡାୟମାନ। ଏହି ବିଗ୍ରହ ପୂର୍ବାଭିମୁଖୀ ଅଟନ୍ତି। ମନ୍ଦିର ଗମ୍ଭିରାର ପ୍ରବେଶ ଦ୍ୱାରର ଦକ୍ଷିଣ ପାର୍ଶ୍ୱରେ ଏକ କ୍ଷୁଦ୍ର ଗଣେଶ ମୂର୍ତ୍ତି ଦକ୍ଷିଣାଭିମୁଖୀ ଭାବେ ଉପବିଶନ କରିଛନ୍ତି।

ଭିତର ବେଢ଼ା ପାଦକୁ କୁଣ୍ଡ ଉପରିସ୍ଥ ଏକ ଘରେ କଳା ମୁଗୁନି ପ୍ରସ୍ତରର ପୂର୍ବାଭିମୁଖୀ ଗଣେଶଙ୍କ ମୂର୍ତ୍ତି ରହିଛି। ମହାଲକ୍ଷ୍ମୀ ମନ୍ଦିର ଜଗମୋହନ ଉତ୍ତର ପଟ କାନ୍ଥରେ ଏକ ପଞ୍ଚମୁଖୀ ଗଣେଶ ଚିତ୍ରପ୍ରତିମା ସ୍ଥାନ ପାଇଛି। ଉକ୍ତ ମନ୍ଦିର ପଛ ପାର୍ଶ୍ୱରେ କୋଠଭୋଗ ଗୋଦାମ ଘର ଭିତରେ କଳା ମୁଗୁନି ପଥରର ଏକ ଦକ୍ଷିଣାଭିମୁଖୀ ଗଣେଶ ଓ ସୂର୍ଯ୍ୟମନ୍ଦିରର ଜଗମୋହନ ଉତ୍ତର ପାର୍ଶ୍ୱ ଏକ ଠଣାରେ ପ୍ରସ୍ତର ନିର୍ମିତ ଏକ କ୍ଷୁଦ୍ର ଗଣେଶ ମୂର୍ତ୍ତି ରହିଛି। ସୂର୍ଯ୍ୟ ମନ୍ଦିର ନିକଟ ଦଧିବାମନ ମନ୍ଦିର ପଛପଟେ ସରଘର ଭିତର ଠଣାରେ ରହିଥିବା କ୍ଷୁଦ୍ର ଗଣେଶ ମୂର୍ତ୍ତିଙ୍କୁ ଅଠରବାଡ଼ ଗଣେଶ କୁହାଯାଏ। ଉକ୍ତ ଘରେ ଗଣେଶଙ୍କ ଏକ ଚିତ୍ର ପ୍ରତିମା ରହିଛି। ବଳି ପାତାଳ ମନ୍ଦିର ପଛ ପାର୍ଶ୍ୱ ସରଘରେ ଗଣେଶଙ୍କର ପୂର୍ବାଭିମୁଖୀ ଗଣେଶଙ୍କ ମୂର୍ତ୍ତି ଦେଖିବାକୁ ମିଳେ। ସେହିପରି ପ୍ରତିହାରୀ ନିଯୋଗ ମଧ୍ୟରେ ଥିବା ଗରିଟି ଗଣେଶ ବିଗ୍ରହ ମଧ୍ୟରୁ ତିନୋଟି ଦକ୍ଷିଣାଭିମୁଖୀ ଓ ଗୋଟିଏ



ପଶ୍ଚିମାଭିମୁଖୀ ଅଟନ୍ତି।

ଶ୍ରୀମନ୍ଦିର ଜଗମୋହନ ଭିତରେ ମୁଦୁଲି ଦ୍ୱାର ପାଖ ପ୍ରଥମ ଖମ୍ଭରେ ଶ୍ରୀଗଣେଶଙ୍କ ଏକ ଚିତ୍ର ପ୍ରତିମା ରହିଛି। ଏହାଙ୍କୁ ଚର୍ଚ୍ଚା ଗଣେଶ କୁହାଯାଏ। ଜଗମୋହନର ଅଷ୍ଟମ ଖମ୍ଭ ଓ ତ୍ରୟୋଦଶ ଖମ୍ଭରେ ଗଣେଶଙ୍କ ଚିତ୍ର ପ୍ରତିମା ରହିଛି। ଗରୁଡ଼ ସ୍ତମ୍ଭ ପଛପଟେ କାନ୍ଥରେ ଥିବା ଶିବ ମୂର୍ତ୍ତିର ଦକ୍ଷିଣ ପାର୍ଶ୍ୱରେ ଏକ କ୍ଷୁଦ୍ର ଗଣେଶ ମୂର୍ତ୍ତି ବିଦ୍ୟମାନ। ନାଟମଣ୍ଡପରୁ ଭୋଗମଣ୍ଡପକୁ ଥିବା ପ୍ରବେଶ ପଥର ବାମପାର୍ଶ୍ୱ ଦ୍ୱାର ବନ୍ଧ କାନ୍ଥରେ କଳା ମୁଗୁନି ପଥରର ଏକ କ୍ଷୁଦ୍ର ଗଣେଶ ମୂର୍ତ୍ତି ଦକ୍ଷିଣାଭିମୁଖୀ ଭାବେ ବିଦ୍ୟମାନ ଅଟନ୍ତି। ମହାପ୍ରଭୁଙ୍କ ଦୋଳବେଦି ଚତୁଃପାର୍ଶ୍ୱ ପ୍ରାଚୀର କାନ୍ଥରେ ୪ଟି ଗଣେଶଙ୍କ ମୂର୍ତ୍ତି ରହିଛି। ସେଥି ମଧ୍ୟରେ ଗୋଟିଏ ଗଣେଶ ମୂର୍ତ୍ତି ଶ୍ରୀମନ୍ଦିର ନଟଗଣେଶ ମୂର୍ତ୍ତି ଶୈଳୀରେ ନିର୍ମିତ। ଶ୍ରୀମନ୍ଦିରର ଭଗ୍ନ ମୂର୍ତ୍ତିଗୁଡ଼ିକ ବାହାର କରି ଆଣି ଦୋଳବେଦିରେ ସ୍ଥାପନ କରାଯାଇଥିବା କୁହାଯାଉଛି।

ଏସବିଆଇ, ଷ୍ଟାଫ କଲୋନୀ, ଦେଉଳ ସାହି, ତୁଳସୀପୁର, କଟକ,
ମୋ : ୯୯୩୭୬୫୮୩୬୨

# ଖାଦ୍ୟ ଓ ସାମାଜିକ ସୁରକ୍ଷା ସବୁକିଛିରୁ ବଂଚିତ ବିଧବା ମା' 'ଚମ୍ପା'

ଉଦଳା , ୨୬/୮ (ନି.ପ୍ର): ଯେ ହେଉଛି ଉଦଳା ବ୍ଲକର ବଡ଼ଖମଣ ପଂଚାୟତ ଅନ୍ତର୍ଗତ ମାଣିକପୁର ଗ୍ରାମର ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା ବଜିନାଥ ବିନ୍ଧାଣିଙ୍କର ଦେହାନ୍ତ ହୋଇଯିବା ପରେ ତାଙ୍କର ସହଧର୍ମିଣୀ 'ଚମ୍ପା' ଆଜକୁ ୫ବର୍ଷ ଧରି ବିଧବା ଜୀବନ ବିତାଇବା ସାଙ୍ଗକୁ ଦିନମଜୁରିଆ ଭାବରେ କାମ କରି ନିଜର ଦୈନନ୍ଦିନର ଗୁଜୁରାଣ ମେଂଟାଉଛନ୍ତି । ଖାଦ୍ୟ ଯୋଜନାରେ ସରକାର ମୁଣ୍ଡପିଛା ଯେଉଁ ୫କିଗ୍ରା ଚାଉଳ ଓ



ସାମାଜିକ ସୁରକ୍ଷା ଯୋଜନାରେ ଭତା ଯୋଗାଇ ଦେଉଛନ୍ତି ତାହା ପାଇବାରୁ ବିଧବା ମା' 'ଚମ୍ପା' ବଂଚିତ ଅଛନ୍ତି । ଏ ବାବଦରେ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟରେ ବାରମ୍ବାର ଗୁହାରି ଜଣାଇଲେ ମଧ୍ୟ ସରକାରୀ ବାବୁ ମାନେ ଆଦୌ କର୍ଣ୍ଣପାତ କରୁନଥିବାର 'ଚମ୍ପା' ଅଭିଯୋଗ କରିଛନ୍ତି । ଏହିଭଳି ଭାବରେ ଖୁବ୍ ଦୁଃଖ ଯନ୍ତ୍ରଣା ମଧ୍ୟରେ ବିଧବା ମା' ମାନଙ୍କୁ ଦିନବିତାଇବାକୁ ପରିସ୍ଥିତି ବାଧ୍ୟ କରୁଛି । ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ଜନଜାଗୃତି ମଂଚ ତରଫରୁ ଦାବି ହୋଇଛି ।

# ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନା ଆବେଦନ ଅଗଷ୍ଟ ୩୦ ଯାଏଁ ବୃଦ୍ଧି

ଭୁବନେଶ୍ୱର, ୨୬/୮ (ନି.ପ୍ର): ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟବୀମା ଯୋଜନାର ଆବେଦନ ତାରିଖକୁ ବୃଦ୍ଧି କରାଯାଇଛି । ପୂର୍ବରୁ ଏହି ଆବେଦନର ଶେଷ ତାରିଖ ଅଗଷ୍ଟ ୨୫ ତାରିଖ ରହିଥିଲା । ସାମ୍ବାଦିକମାନଙ୍କ ଅନୁରୋଧ ରକ୍ଷା କରି ରାଜ୍ୟ ସରକାର ଏହି ଆବେଦନର ଶେଷ ତାରିଖକୁ ଅଗଷ୍ଟ ୩୦ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି । କର୍ମଜୀବୀ ସାମ୍ବାଦିକମାନଙ୍କୁ ରାଜ୍ୟ ସରକାର ସ୍ୱାସ୍ଥ୍ୟବୀମା ଯୋଗାଇ ଦେଉଛନ୍ତି । ଏହା ଦ୍ୱାରା ବହୁ ସାମ୍ବାଦିକଙ୍କ ପରିବାର ଦେୟମୁକ୍ତ ଭାବେ ବିଭିନ୍ନ ଅନୁବନ୍ଧିତ ଡାକ୍ତରଖାନାରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ପାଇପାରୁଛନ୍ତି । ଚଳିତ ବର୍ଷ ମଧ୍ୟ ଉଭୟ ନୂତନ ଏବଂ ନବୀକରଣ ନିମନ୍ତେ ସାମ୍ବାଦିକମାନଙ୍କଠାରୁ ଅନ୍‌ଲାଇନ୍ ମାଧ୍ୟମରେ ଆବେଦନ ଗ୍ରହଣ କରାଯାଉଛି ।

# ଜିଲାସ୍ତରୀୟ ବ୍ୟାଡମିଂଟନ ଟୁର୍ଣ୍ଣାମେଂଟ ଉଦ୍‌ଯାପିତ

ଭଦ୍ରକ, ୨୬/୮ (ନି.ପ୍ର): ଗତ ୨୩ ତାରିଖରୁ ଆରମ୍ଭ ହୋଇ ଦୁଇଦିନ ବ୍ୟାପୀ ଚାଲିଥିବା ଜିଲାସ୍ତରୀୟ ବ୍ୟାଡମିଂଟନ ଚମ୍ପିୟାନସିପ୍ ସ୍ଥାନୀୟ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ୍‌ରେ ଗତକାଲି ରାତିରେ ଉଦ୍‌ଯାପିତ ହୋଇଯାଇଛି । ଭଦ୍ରକ ଜିଲା ବ୍ୟାଡମିଂଟନ ଆସୋସିଏସନ୍ ପକ୍ଷରୁ ଆୟୋଜିତ ଏହି ଜିଲାସ୍ତରୀୟ ବ୍ୟାଡମିଂଟନ ଚମ୍ପିଆନସିପ୍‌ରେ ସମସ୍ତ ବର୍ଗରେ ଉଭୟ ମହିଳା ଓ ପୁରୁଷ ବିଭାଗରେ ପ୍ରାୟ ୧୮୫ ଜଣ ଖେଳାଳୀ ଅଂଶଗ୍ରହଣ କରିଥିଲେ । ୯ ବର୍ଷରୁ କମ୍ ପୁରୁଷ ବିଭାଗରେ ସୌମ୍ୟ ମୈତୀକୁ ହରାଇ ନିମିତ୍ କେଜ୍ରିୱାଲ ଚମ୍ପିୟାନ ହୋଇଥିଲେ । ସେହିଭଳି ୧୧ ବର୍ଷରୁ କମ୍ ବିଭାଗରେ ଶୁଭାଦିତ୍ୟ ମହାପାତ୍ର ଚମ୍ପିୟାନ ହୋଇଛନ୍ତି । ୧୩ ବର୍ଷରୁ




କମ୍ ପୁରୁଷ ବିଭାଗରେ ସାଇ ସାମଲଙ୍କୁ ହରାଇ ଆନନ୍ଦ ଅମିତାଭ ଦାସ ଚମ୍ପିୟାନ ହୋଇଛନ୍ତି । ଡବଲ୍‌ସରେ ଅଭିକ୍ ଏବଂ ଭୋଲାକୁ ହରାଇ ଅମିତାଭ ଓ ପ୍ରତ୍ୟୁଷ ରାଉତ ଚମ୍ପିୟାନ ହୋଇଛନ୍ତି । ୧୫ ବର୍ଷରୁ କମ୍ ବିଭାଗ ପୁରୁଷରେ ଆୟୁଷ୍ମାନକୁ ହରାଇ ଶିବସର୍ମକ ଚମ୍ପିୟାନ ହୋଇଛନ୍ତି । ମହିଳା ବିଭାଗରେ ନିତ୍ୟାକୁ ହରାଇ ଦକସାସୀ ଚମ୍ପିୟାନ ହୋଇଛନ୍ତି । ଡବଲ୍‌ସରେ ଆୟୁଷ୍ମାନ ସାହୁ ଓ ସାଇ ସାମଲଙ୍କୁ ହରାଇ ଦେବାଶିଷ ଓ ଶିବସର୍ମକ ଜୟଯୁକ୍ତ ହୋଇଛନ୍ତି । ୧୭ ବର୍ଷରୁ କମ୍ ବିଭାଗରେ ହିମାଂଶୁ କୁ ହରାଇ ଶୁଭ୍ରାଂଶୁ ଜିତିଛନ୍ତି । ଡବଲ୍‌ସ ବିଭାଗରେ ଭବ ଜଗଦୀଶକୁ ହରାଇ ଆୟୁଷ୍ମାନ ଓ ଦେବାଶିଷ ଜୟଯୁକ୍ତ ହୋଇଛନ୍ତି । ୧୯ ବର୍ଷ କମ୍ ବିଭାଗରେ ଶୁଭ୍ରାଂଶୁଙ୍କୁ ହରାଇ ନିହାର ଚମ୍ପିୟାନ ହୋଇଛନ୍ତି । ଡବଲ୍‌ସ ବିଭାଗରେ ରୋହିତ ଆୟୁଷ୍ମାନକୁ ହରାଇ ଶିବ ଓ ନିହାର ଚମ୍ପିୟାନ ହୋଇଛନ୍ତି । ସିନିୟର ସିଙ୍ଗିଲ୍‌ସରେ ପ୍ରିୟାଂଶ ମଲ୍ଲିକକୁ ହରାଇ ଗୋପାଳ ସାମଲ ଚମ୍ପିୟାନ ହୋଇଛନ୍ତି । ଡବଲ୍‌ସରେ ମଗଦୁଲ ଏଣ୍ଡ ସକିଲଙ୍କୁ ହରାଇ ଅଶୋକ ଓ ଗୋପାଳ ଚମ୍ପିୟାନ ହୋଇଛନ୍ତି । ୪୦ ବର୍ଷରେ ନିର୍ମଳ ଏଣ୍ଡ ଶରତକୁ ହରାଇ ବ୍ୟୋମକେଶ ଓ ପାର୍ଟନର ଚମ୍ପିୟାନ ହୋଇଛନ୍ତି । ସେହିଭଳି ୪୫ ବର୍ଷରେ ବ୍ୟୋମକେଶ ଚମ୍ପିୟାନ ହୋଇଛନ୍ତି । ଏହି ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ସିଟି ଡିଏସ୍‌ପି ସମ୍ପିତ କୁମାର ମାଝୀ, ସମ୍ମାନିତ ଅତିଥି ଭାବେ ଶୁଭେନ୍ଦୁ ରାୟ ମହାପାତ୍ର, ଶିଳ୍ପପତି ଅଶୋକ କୁମାର ଗୁପ୍ତା, ଜିଲା ବଡି ବିଲ୍‌ଡିଂ ଆସୋସିଏସନ୍‌ର ସଂପାଦକ ତୁଷାରକାନ୍ତ ଦାସ, କାର୍ଯ୍ୟକାରୀ ସଦସ୍ୟ ବିଜୟ କୁମାର ପାଣି, ବିବିଏ ଏକାଡେମୀର ଉଦ୍ୟୋକ୍ତା ଦୀପିକା ଦେଶାଇ ଓ ଚିରାଗ ଦେଶାଇ, ଓଡ଼ିଶା ରାଜ୍ୟ ସାଇ ବ୍ୟାଡମିଂଟନର କୋଚ୍ ସୁଶୀଲ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଭଦ୍ରକ ଜିଲା ବ୍ୟାଡମିଂଟନ ଆସୋସିଏସନ୍‌ର ସଭାପତି ସତ୍ୟେନ୍ଦୁ ରାୟ ମହାପାତ୍ର, କାର୍ଯ୍ୟକାରୀ ସଂପାଦକ ନିଳାଦ୍ରୀ ମହାନ୍ତି ଏଥିରେ ଯୋଗ ଦେଇଥିଲେ । ଏହି ଖେଳକୁ ରେଫରୀ ବୁନୁ ପାଲ, ବିଶ୍ୱନାଥ ଦତ, ଟୋନି, ଚିରଞ୍ଜୀବ ଭୋଇ ପରିଚାଳନା କରିଥିଲେ ।

# ଉଦ୍‌ଯାପିତ ହେଲା ବାଲେଶ୍ୱର-ବରପାଲି ସାରସ୍ୱତ ସଂପ୍ରୀତିଯାତ୍ରା

ବାଲେଶ୍ୱର, ୨୬/୮ (ନି.ପ୍ର): ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ତରଫରୁ ଅଗଷ୍ଟ ମାସ ୬ତାରିଖରୁ ୧୦ ତାରିଖ ପର୍ଯ୍ୟନ୍ତ ବାଲେଶ୍ୱର-ବରପାଲି ସାରସ୍ୱତ ସଂପ୍ରୀତି ଯାତ୍ରାର ଉଦ୍‌ଯାପନୀ ଉତ୍ସବ ସ୍ଥାନୀୟ ସ୍ରଷ୍ଟା ନାଟ୍ୟାଳୟରେ ଉପସଭାପତି ନିରଞ୍ଜନ ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ଡା. ଚୌଧୁରୀ ସତ୍ୟବ୍ରତ ନନ୍ଦ ଓ ସମାଜସେବୀ ଆଲୋକ କୁମାର ସାହୁ ମିଳିତ ଭାବରେ ଆସରକୁ ଉଦ୍‌ଘାଟନ କରିଥିଲେ । ଉପରୋକ୍ତ ଯାତ୍ରାରେ ସାମିଲ ହୋଇଥିବା ସଦସ୍ୟମାନଙ୍କ ମଧ୍ୟରୁ ଡ. ରମାକାନ୍ତ ନାୟକ, ଡ. ହରିଶ୍ଚନ୍ଦ୍ର ବେହେରା ଯାତ୍ରା ସଂପର୍କିତ ଭ୍ରମଣକାହାଣୀ ପାଠ କରିଥିଲେ ଓ ଡ. ଶିରୀଶ ଚନ୍ଦ୍ର




ଜେନା, ଡ. ସୁବାସ ଚନ୍ଦ୍ର ପାତ୍ର, ଶୁଭଙ୍କର ମହାପାତ୍ର, ଯଶୋଧାରା ଦାସ, ମମତା ମହାପାତ୍ର, ଡ. ରତ୍ନାକର ସିଂହ, ଦୀନବନ୍ଧୁ ଲେଙ୍କା, ଜ୍ୟୋସ୍ନା ରାୟ, ପ୍ରଫୁଲ୍ଲ କୁମାର ଦାସ, କୃଷ୍ଣା ପ୍ରଧାନ, ବାସନ୍ତୀ ଦେ, କଲ୍ୟାଣୀ ନନ୍ଦ, ପ୍ରଭାକର ସାହୁ, ଶରତ କୁମାର ମହାପାତ୍ର, ସ୍ନିଗ୍ଧା ସାମନ୍ତରାୟ, ଅର୍ଚ୍ଚନା ନନ୍ଦୀ, ଗୀତାଞ୍ଜଳି ଶତପଥି, ବେଣୁଧର ସାହୁ, ଗଗନ ଦଳେଇ, ପଣ୍ଡିତ ସଞ୍ଜୟ ପଣ୍ଡା ପ୍ରମୁଖ ନିଜ ନିଜର ସ୍ମୃତି ବଖାଣିଥିଲେ । ଏହି କାର୍ଯ୍ୟକ୍ରମକୁ ଯୁଗ୍ମସଂପାଦକ କ୍ଷୁମରନାଥ ପାତ୍ର ଓ ଶାନ୍ତିଲତା ପଣ୍ଡା ପରିଚ୍ଛଳନା କରିଥିଲେ । ସାଧାରଣ ସଂପାଦକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ପ୍ରାରମ୍ଭିକ ବକ୍ତବ୍ୟ ଦେବା ସହିତ ଅନୁଷ୍ଠାନର ଆଗାମୀ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେଇଥିଲେ । ସଂଗଠନ ସମ୍ପାଦକ ତପନ ରାୟଙ୍କ ସଂଯୋଜନାରେ ଏକ ଜଣାଅଜଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କୋଷାଧକ୍ଷ ଦୀପକ ବୋଷ ବରପାଲି ଯାତ୍ରାର ଆୟବ୍ୟୟର ହିସାବ ପ୍ରଦାନ କରିଥିଲେ । ଏହି ଅବସରରେ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ରଚିତ ଓ କଲ୍ୟାଣୀ ନନ୍ଦଙ୍କ ସ୍ୱର ସଂଯୋଜନାରେ ଅର୍ଚ୍ଚନା କର, ତୃପ୍ତିରାଣୀ ପାତ୍ର, ସ୍ନିଗ୍ଧା ସାମନ୍ତରାୟ, ଗୀତାଞ୍ଜଳି ଶତପଥୀ, ଶାନ୍ତି ବିଶି, ଶାନ୍ତିଲତା ପଣ୍ଡା, ପୁଷ୍ପଲତା ଚକ୍ରବର୍ତ୍ତୀ ଓ ବାସନ୍ତୀ ଦେ ପ୍ରମୁଖ "ସରିନାହିଁ ଅଭିଯାନ, ମରିନାହିଁ ଆମ ମନ" ଶୀର୍ଷକ ସମୂହ ସଂଗୀତ ଗାନ କରିଥିଲେ । ଶେଷରେ କୋଷାଧକ୍ଷ ଦୀପକ ବୋଷ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରଦୀପ ଚଟ୍ଟାର୍ଜୀ, ନିବାରଣ ଜେନା, ନିରଞ୍ଜନ ସାହୁ, ଡ. ହେମମାଳା ଦାଶ, ଡ. ସାରଙ୍ଗଧର ତ୍ରିପାଠୀ, ଅରୁଣା ରାୟ, ହେମେନ୍ଦ୍ର ମହାପାତ୍ର, ପ୍ରସନ୍ନ କୁମାର ଦାସ, ଗୌରୀଶଙ୍କର ସାହାଣୀ, ମନୋରଂଜନ ଦାସ, ଡ. ଲକ୍ଷ୍ମଣ ବିଶ୍ୱାଳ, କରୁଣା କର ସ, ରାଜେନ୍ଦ୍ରନାଥ ରାଉତ, ଦିଲ୍ଲୀପ ଚକ୍ରବର୍ତ୍ତୀ, ବେଣୁଧର ସାହୁ, ଶରତ କୁମାର ମହାପାତ୍ର, ଉର୍ମିଳା ନାୟକ, ସୁନାମଣି ଜେନା, ଏଲିନା ମହାପାତ୍ର, ଅବନ୍ତୀ ପ୍ରଧାନ, ଅର୍ଚ୍ଚନା କର ପ୍ରମୁଖ ଉପସ୍ଥିତ ଥିଲେ । ବରପାଲି ଯାତ୍ରାରେ ଅଂଶଗ୍ରହଣ କରିଥିବା ଚାଳିଶଜଣ ସହଯାତ୍ରୀଙ୍କୁ ଏହି ଅବସରରେ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା ଓ ଅକ୍ଟୋବର ଶେଷ ସୁଦ୍ଧା ଏକ ମିଳିତ ଭ୍ରମଣ କାହାଣୀ ଗ୍ରନ୍ଥ ପ୍ରକାଶ କରିବା ପାଇଁ ଉତ୍ସବରେ ସ୍ଥିର କରାଯାଇଥିଲା ।

**AFFIDAVIT**

By virtue of an affidavit before the executive Magistrate Bhubaneswar I, Hemani Panda, aged about 26 years, D/o- Hemanta Kumar Panda, Resident of S-3, Plot No- 717, Niladri Bihar, Po- Sailashree Vihar, Ps- Chandrasekharpur, Bhubaneswar, Dist- Khordha-751021 state that in my CBSE 10th certificate having Roll No- 6109256 and 12th certificate having Roll No- 6611200 my father's name his inadvertently mentioned as Hemant Kumar Panda instead of his actual name Hemanta Kumar Panda which is recorded in my passport no- N1547915 and in my father's Aadhaar Card No- 748777453178. Both Hemanta Kumar Panda & Hemant Kumar Panda are one and same person.

Himani Panda

# ବାଲେଶ୍ୱର ସରକାରୀ କୃଷି ମହାବିଦ୍ୟାଳୟ ଓ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ନେଇ କ୍ରିୟାନୁଷ୍ଠାନ କମିଟି ଜଳେଶ୍ୱର ଶାଖା ପକ୍ଷରୁ ସାମ୍ବାଦିକ ସମ୍ମିଳନୀ

ଜଳେଶ୍ୱର, ୨୬/୮ (ନି.ପ୍ର): ଲେଶ୍ୱର ସ୍ଥିତ ଭଞ୍ଜ ଭବନରେ ସରକାରୀ କୃଷି ମହାବିଦ୍ୟାଳୟ ଓ ଗବେଷଣା କେନ୍ଦ୍ର ପ୍ରତିଷ୍ଠା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବାଲେଶ୍ୱରରେ କୃଷି ମହାବିଦ୍ୟାଳୟ ଓ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ଦାବି କରି ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି । ସୂଚନା ଅନୁସାରେ ସାରା ଓଡିଶାରେ ଚାଷ କ୍ଷେତ୍ରରେ ଆଗୁଆ ଥିବା ଜିଲ୍ଲା ଭାବରେ ବାଲେଶ୍ୱର ଏକ ନମ୍ବର ଥିବା ବେଳେ କୃଷି କ୍ଷେତ୍ରର ଉନ୍ନତି ପାଇଁ ଏଠାରେ ଏକ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ପାଇଁ ଦାବି ହୋଇ ଆସୁଥିଲେ ମଧ୍ୟ ସରକାର ନିକଟରେ ମୟୂରଭଞ୍ଜ, ବରହମପୁର ଓ ସୁନପୁରରେ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ପାଇଁ ମୋହର ମାରିଛନ୍ତି । ଯାହାକୁ ନେଇ କ୍ରିୟାନୁଷ୍ଠାନ କମିଟି ଘୋର ବିରୋଧ କରିଛି । ଗତକାଲି ଠାରୁ ବାଲେଶ୍ୱରରୁ ଏହି ପ୍ରତିବାଦ ଆରମ୍ଭ ହୋଇଥିବା ବେଳେ ଆସନ୍ତା ୧୮ ରୁ ୨୫ ତାରିଖ ବିଧାନସଭା



ଚାଲିବାକୁ ଥିବା ବେଳେ ବିଧାନସଭା ସମ୍ମୁଖରେରେ ଧାରଣା ଦେବାକୁ ନିଷ୍ପତି ନେଇଛି କମିଟି । ତତ ସହିତ ଆସନ୍ତା ଏକ ତାରିଖରେ ତହସିଲ ସମ୍ମୁଖରେ ଧାରଣା ଦିଆଯିବ ବୋଲି ସୂଚନା ଦେଇଛି କମିଟି । ବାଲେଶ୍ୱର ୧୮୨୮ ମସିହାରେ ଜିଲ୍ଲାର ମାନ୍ୟତା ପାଇଥିବା ବେଳେ ଅଦ୍ୟାବଧି ସମଗ୍ର ରାଜ୍ୟରେ କୃଷି କ୍ଷେତ୍ରରେ ଦ୍ୱିତୀୟ ଶ୍ରେଷ୍ଠ ଜିଲ୍ଲା ଭାବେ କୃଷି କ୍ଷେତ୍ର ପାଇଁ ପ୍ରସିଦ୍ଧ ଲାଭ କରିଛି । ଜିଲ୍ଲାରେ ୨୫ ଲକ୍ଷ ଜନସଂଖ୍ୟା ମଧ୍ୟରୁ ୮୨ ପ୍ରତିଶତ କୃଷି ଓ କୃଷିଶ୍ରମ ଉପରେ ନିର୍ଭରଶୀଳ । ଜିଲ୍ଲାରେ ୨. ୯୩ ଲକ୍ଷ ପରିବାର କୃଷକ ଅଛନ୍ତି । ଅଧିକ କୃଷି କ୍ଷେତ୍ର ଥିବାରୁ କୃଷି କ୍ଷେତ୍ରରେ ଉଚ୍ଚ ଶିକ୍ଷା ପାଇଁ ବିଶେଷ ବ୍ୟବସ୍ଥା ନ ଥିବାରୁ କୃଷିର ବିକାଶ ପାଇଁ ବାଲେଶ୍ୱର କୃଷି ମହା ବିଦ୍ୟାଳୟ ଓ କୃଷି ଗବେଷଣା କ୍ଷେତ୍ର କ୍ରିୟାନୁଷ୍ଠାନ ସମିତି ୩ ବର୍ଷ ଧରି ଦାବୀ ଉପସ୍ଥାପନ କରି ଆସୁଛନ୍ତି । ଗତ ୨୫ ତାରିଖ ସନ୍ଧ୍ୟାରେ ବାଲେଶ୍ୱର ଠାରେ ଜିଲ୍ଲା କମିଟି ପକ୍ଷରୁ ଏକ ଜରୁରୀ ବୈଠକ ହୋଇ ସରକାର ବାଲେଶ୍ୱର ଜିଲ୍ଲା ପ୍ରତି ସଦୟ ହେବାକୁ ଅନୁରୋଧ କରାଯାଇଛି । ଯଦି ଏଥିରେ ସରକାର ତାଙ୍କର ମତ ପରିବର୍ତନ ନ କରନ୍ତି ତେବେ ସାଧାରଣ ଲୋକମାନେ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ ହେବେ ବୋଲି ଉକ୍ତ ସାମ୍ବାଦିକ ସମ୍ମିଳନୀରେ ଚେତାବନୀ ଦିଆ ଯାଇଛି । ଉକ୍ତ ସାମ୍ବାଦିକ ସମ୍ମିଳନୀରେ କ୍ରିୟାନୁଷ୍ଠାନ କମିଟି ଜଳେଶ୍ୱର ଶାଖାର ସଭାପତି ଦିଲ୍ଲୀପ କୁମାର ଗିରି, ଉପଦେଷ୍ଟା ଡକ୍ଟର ବିଜୟ କୁମାର ମିଶ୍ର, ସମ୍ପାଦକ ଡକ୍ଟର ଅଜିତ କୁମାର ମହାନ୍ତି, ସଭ୍ୟ କମଳ ଚକ୍ରବର୍ତ୍ତୀ, ସମରେଶ ଦିନ୍ଦା, ଅବନୀ କୁମାର ଚାନ୍ଦ, ଭାସ୍କର ଚନ୍ଦ୍ର ମିଶ୍ର ଓ ରବି ସେନାପତି ପ୍ରମୁଖ ବକ୍ତବ୍ୟ ରଖିଥିଲେ ।

## ଗଣାନାଂ ତ୍ୱାଂ....

(ପୃଷ୍ଠା ୫ର ଅବଶିଷ୍ଟାଂଶ)

ପୁରାଣ କାହାଣୀ ଅନୁଯାୟୀ କୈଳାସପତି ଶିବଙ୍କ ପତ୍ନୀ ପାର୍ବତୀ ନିଜ ଅଙ୍ଗରୁ ଗଣପତିଙ୍କୁ ଜନ୍ମ ଦେଇ ନିଜ ଦ୍ୱାରର ରକ୍ଷକ ଭାବେ ଜଗାଇଥିଲେ । ଏହି ସମୟରେ ତପସ୍ୟା ସାରି ମହାପ୍ରଭୁ ଭୋଳାଶଙ୍କର ପାର୍ବତୀଙ୍କୁ ସାକ୍ଷାତ କରିବାକୁ ଆସିବାରୁ ଶ୍ରୀ ଗଣେଶ ତାଙ୍କ ବାଟ ଛାଡ଼ିନଥିଲେ । ପରବର୍ତ୍ତୀ ସମୟରେ କଥୋପକଥନ ହୋଇ ଦୁଇଜଣଙ୍କ ମଧ୍ୟରେ ମୁହାଁମୁହିଁ ଯୁଦ୍ଧ ପରିସ୍ଥିତି ସୃଷ୍ଟି ହୋଇ ପ୍ରଥମେ ସ୍ୱୟଂ ଶିବଶମ୍ଭୁ ଗଣପତିଙ୍କ ଦ୍ୱାରା ପରାସ୍ତ ହୋଇଥିଲେ । ପରେ ସେ ଯୁଦ୍ଧରେ ବିଜୟୀ ହେଲେ ଓ ଗଣନାଥଙ୍କ ମସ୍ତକ ଛେଦନ କରିଥିଲେ । କିନ୍ତୁ ଶିବ ପାର୍ବତୀଙ୍କ ପାଖରେ ପହଞ୍ଚିବା ପରେ ସମସ୍ତ ସମ୍ପର୍କ ବିଷୟରେ ଜାଣି ଗଣନାଥଙ୍କ ଛିଣ୍ଡି ଯାଇଥିବା ମସ୍ତିଷ୍କର ଖୋଜା ଚାଲିଲା । ପରିଶେଷରେ ତାହା ନମିଳିବାରୁ ଏକ ହସ୍ତୀର ମସ୍ତକ ଛେଦନ କରାଯାଇ ଗଣନାଥଙ୍କ ଶରୀରରେ ଲାଗିଥିଲା ଓ ସଞ୍ଜିବନୀ ମନ୍ତ୍ରରେ ସେ ଜୀବନ୍ୟାସ ପାଇଥିଲେ । ଶିବଙ୍କ ବର ତାଙ୍କୁ ମିଳିଥିଲା ଯେ, ପ୍ରତ୍ୟେକ ଦେବାଦେବୀଙ୍କ ପୂଜା ପୂର୍ବରୁ ତାଙ୍କ ଆରଧନା କରାଯିବ । ଶ୍ରୀ ଗଣେଶଙ୍କ ସ୍ତୁତିଟି ହେଉଛି - ''ବକ୍ରତୁଣ୍ଡମହାକାୟ ସୂର୍ଯ୍ୟକୋଟିସମପ୍ରଭଃ । ନିର୍ବିଘ୍ନଂ କୁରୁ ମେ ଦେବ ସର୍ବକାର୍ଯ୍ୟେଷୁ ସର୍ବଦା ।'' ଓଡ଼ିଶାର ପୁରପଲ୍ଲୀରେ ତେଲି ସମ୍ପ୍ରଦାୟରେ ପ୍ରାୟତଃ ଶ୍ରୀ ଗଣେଶଙ୍କ ପୂଜା ସାତ ଦିନ ବା ନଅ ଦିନ ବ୍ୟାପୀ ମହା ଆଡ଼ମ୍ବରରେ ଅନୁଷ୍ଠିତ ହୋଇଥାଏ । ଶ୍ରୀ ଗଣନାଥଙ୍କ ପୂଜା ଓଡ଼ିଆର ଜନଜୀବନରେ ଏକ ମହତ୍‌ପୂର୍ଣ୍ଣ ପାର୍ବଣ କହିଲେ ଅତ୍ୟୁକ୍ତି ହେବନାହିଁ ।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ,
ମୋ : ୯୯୩୭୧୭୨୮୧୦

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ନୂଆଁଖାଇ ପାଇଁ ୨୯...

କୃଷିଜାତ ଅନ୍ନର ମହତ୍ତ୍ୱକୁ ନେଇ କେଉଁ ଆବହମାନ କାଳରୁ ଏହି ନୂଆଖାଇ ପର୍ବ ପାଳିତ ହୋଇଆସୁଛି । ଓଡ଼ିଶାର ଅବିଭକ୍ତ କଳାହାଣ୍ଡି, ବଲାଙ୍ଗୀର, ସମ୍ବଲପୁର, ସୁନ୍ଦରଗଡ ଓ ବଉଦ ଜିଲ୍ଲା ସମେତ କୋରାପୁଟର କେତେକ ଅଂଚଳ ଏବଂ ଛତିଶଗଡ ରାଜ୍ୟର ଦେଓଭୋଗ ସମେତ କେତେକ ଅଂଚଳରେ ଏହି ନୂଆଁଖାଇ ପର୍ବ ଖୁବ ଧୁମଧାମରେ ପାଳିତ ହୋଇଥାଏ । ବର୍ଷ ପ୍ରାରମ୍ଭରେ ଉତ୍ପାଦିତ ଶସ୍ୟର ଅନ୍ନକୁ ବିଶେଷ କରି ବର୍ଷର ଅମଳ ପ୍ରାରମ୍ଭରୁ ଉତ୍ପାଦିତ ହେଉଥିବା ଧାନରୁ ଯେଉଁ ଅନ୍ନ ବାହାରେ ସେହି ଅନ୍ନକୁ ନିଜ ଇଷ୍ଟ ଦେବଦେବୀଙ୍କ ଅର୍ପଣକରି ସେହି ପ୍ରସାଦ ନିଜେ ଗ୍ରହଣ କରିବା ସଙ୍ଗେସଙ୍ଗେ ଅନ୍ୟମାନଙ୍କୁ ପଂକ୍ତି ଭୋଜନରେ ଆପ୍ୟାୟିତ କରିବାର ଧାରା ହେଉଛି ନୂଆଖାଇ ପର୍ବ । ଏହା ସମଗ୍ର ଓଡ଼ିଶାରେ ବିଶେଷ କରି ଓଡ଼ିଶାର ପଶ୍ଚିମାଞ୍ଚଳ ଜିଲ୍ଲାସମୂହରେ ଆଡ଼ମ୍ବର ସହକାରେ ପାଳନ କରାଯାଇଥାଏ ।

### ଗଠନ ହେଲା ...

ଏତେଦିନ ଧରି କମିଟି ଗଠନ ନହେବାକୁ ନେଇ ଦେଖା ଦେଇଥିଲା ସବୁଠି ଅସନ୍ତୋଷ । ଏମିତିକି ରଥଯାତ୍ରା ସମୟରେ ଅଘଟଣ ଘଟିବା ଘଟଣା ପରେ ଏହି ଦାବି ଜୋର ଧରିଥିଲା । ବରିଷ୍ଠ ସେବାୟତଙ୍କ ଠାରୁ ଆରମ୍ଭ କରି ରାଜନେତା ମାନେ ଏହାକୁ ନେଇ ଅସନ୍ତୋଷ ବଢ଼ିଥିଲେ । ତେଣୁ ରାଜ୍ୟ ସରକାର ଖୁବଶୀଘ୍ର କମିଟି ଗଠନ କରିବାକୁ ନିଷ୍ପତ୍ତି ନେଇଥିଲେ । ସପ୍ତାହେ ମଧ୍ୟରେ ଗଠନ ହେବ ଶ୍ରୀମନ୍ଦିର ପରିଚାଳନା କମିଟି । ପୁରୀରେ ସ୍ୱାଧୀନତା ଦିବସ ସମାରୋହ କାର୍ଯ୍ୟକ୍ରମ ଅବସରରେ ଏହି ବଡ଼ ଘୋଷଣା କରିଥିଲେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ରାଜ୍ୟ ସରକାରଙ୍କ ପକ୍ଷରୁ ପରିଚାଳନା କମିଟି ଗଠନ ନେଇ ସମସ୍ତ ପ୍ରକ୍ରିୟା ଶେଷ ହୋଇଛି । କମିଟି ଗଠନ ପରେ ରତ୍ନଭଣ୍ଡାରର ଅଳଙ୍କାର ଗଣତି ମଣତି କରାଯିବ ।

### କଟକରେ ହାଇଡ୍ରାମା...

ସିଏମସିରେ ବିଧାୟିକାଙ୍କର ଆଜି ଥିଲା ସମୀକ୍ଷା ବୈଠକ ହେଲେ ମେୟରଙ୍କୁ ବୈଠକକୁ ନଡାକି କମିଶନର ଏବଂ ଅଧିକାରୀଙ୍କ ସହ ବୈଠକ କରିଥିଲେ ଶୋଫିଆ । ଏ ବାବଦରେ ଶୋଫିଆଙ୍କୁ ପଚାରିବାରୁ ସେ କହିଥିଲେ ମେୟର କଟକ ସହରକୁ ବୁଡାଇଦେଇଛନ୍ତି । ସେ ନିଜେ ସଠିକ ଭାବେ ସମୀକ୍ଷା କରି ପାରୁନାହାଁନ୍ତି ଫଳରେ ଅନେକ କାମ ହୋଇପାରୁନାହିଁ । ରାସ୍ତାଘାଟ ସମସ୍ୟା ଠାରୁ ଲୋକଙ୍କ ସମସ୍ୟା ଆମେ ବୁଝୁଛୁ । ମିଟିଂରେ ସେ ବସି ଅଧାରୁ ପଳଉଛନ୍ତି, ଲୋକଙ୍କ କଥା ବୁଝୁନାହାଁନ୍ତି, ସେ ତାଙ୍କ କାମ କରି ପାରୁନାହାଁନ୍ତି ସେଥିପାଇଁ ଆମେ ଅଧିକାରୀମାନଙ୍କୁ ନେଇ ସମୀକ୍ଷା ବୈଠକ କରୁଛୁ । ମୁଁ ବିଧାୟିକା ହିସାବରେ ସମୀକ୍ଷା କରିପାରିବି ସେଥିପାଇଁ କରୁଛି । ଅନ୍ୟପଟେ ସୁବାଷ ସିଂ ସୋଫିଆଙ୍କ ଉପରେ ଖୁବ୍ ବର୍ଷିଛନ୍ତି । ସୁବାସ କହିଛନ୍ତି, ଶୋଫିଆ ହେଉଛନ୍ତି ଆକ୍ସିଡେଣ୍ଟାଲ ଏମଏଲଏ । ତାଙ୍କୁ ସମୀକ୍ଷା କରିବା ପାଇଁ ଅଧିକାର ଦେଲା କିଏ, ସେ ପ୍ରସ୍ତାବ ଦେଇପାରିବେ ।

### ଆରମ୍ଭ ହେଲା...

ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ସାଧାରଣ ଜନତା ଯେପରି ସୁରକ୍ଷିତ ଅନୁଭବ କରିବେ, ସେଥିପାଇଁ ପୋଲିସ ପକ୍ଷରୁ ସମସ୍ତ ପ୍ରକାର ଉପାୟ ଅବଲମ୍ବନ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ନାରୀ ସୁରକ୍ଷା କ୍ଷେତ୍ରରେ ସରକାରଙ୍କ ଶୂନ୍ୟ ସହନଶୀଳତା ନୀତିକୁ ଆଧାର କରି ପୋଲିସ ସବୁ ସମୟରେ ଆକ୍ସନ ମୋଡରେ ରହୁ ଏବଂ ଉଚ୍ଚ ପୋଲିସ ଅଧିକାରୀମାନେ ଏହାର ନିୟମିତ ମନିଟରିଙ୍ଗ କରନ୍ତୁ ବୋଲି ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ । ପୋଲିସ ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରିବାକୁ ଏବଂ ଶିକ୍ଷାନୁଷ୍ଠାନ ମାନଙ୍କରେ ପଢୁଥିବା ପିଲାମାନଙ୍କ ସୁରକ୍ଷା ପାଇଁ ସ୍କୁଲ ଓ କଲେଜ ଅଞ୍ଚଳରେ ନିୟମିତ ପାଟ୍ରୋଲିଂ କରିବାକୁ ମଧ୍ୟ ସେ ନିର୍ଦ୍ଦେଶ ଦେଇଥିଲେ ।

### ରାହୁଲ ଦେଖିଲେଣି ...

ଦେବେ ୬ଟି ସମ୍ଭାବ୍ୟ ନାମ । ହାଇକମାଣ୍ଡ ବାଛିବେ ଜିଲ୍ଲା ସଭାପତି । ରାଜ୍ୟ ସଭାପତି ଭଳି ଜିଲ୍ଲା ସଭାପତିଙ୍କୁ ସଶକ୍ତ କରାଯିବ । ଗୁରୁତ୍ୱପୂର୍ଣ୍ଣ ନିଷ୍ପତିରେ ସେମାନଙ୍କ ଭାଗିଦାରୀ ରହିବ । ଦିଲ୍ଲୀରୁ ଆସୁଥିବା ପର୍ଯ୍ୟବେକ୍ଷକମାନେ କେମିତି ବାଛିବେ ଜିଲ୍ଲା ସଭାପତି, ଏଥିପାଇଁ ଜାରି ହୋଇଛି ନିୟମାବଳୀ । ଦଳକୁ ସଂଗଠିତ କରିବା ସହ ରାଜ୍ୟର ବିଭିନ୍ନ ପ୍ରସଙ୍ଗରେ ସରକାରଙ୍କୁ ଘେରିବାକୁ ଦଳୀୟ ନେତାଙ୍କୁ ଗୁରୁମନ୍ତ୍ର ଦେଇଛନ୍ତି ରାହୁଲ । ଭକ୍ତଙ୍କ ନେତୃତ୍ୱରେ ରାଜ୍ୟରେ ଏବେ ହାତ ବଳ ଗୋଟାଉଥିବା ବେଳେ ରାହୁଲଙ୍କ ଏହି ମନ୍ତ୍ର ଦଳୀୟ ନେତାଙ୍କ ଭିତରେ ଜୋଶ୍ ଭରିଛି ।

### ଆରଏସଏସ ଗୀତ...

ଥିବାବେଳେ ସେ ଗୃହ ଭିତରେ ଆରଏସଏସ ପ୍ରାର୍ଥନା ଗୀତ ଗାଇ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲେ । ଉପମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସେ ବିଧାନସଭାରେ 'ଏହାକୁ କୌଣସି ପ୍ରସଙ୍ଗରେ ଉଲ୍ଲେଖ କରିଥିଲେ' । ଜୁନ୍ ୪ ତାରିଖରେ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ହୋଇଥିବା ଦଳାଚକଟା ଉପରେ ଅଗଷ୍ଟ ୨୧ ତାରିଖରେ ବିଧାନସଭାରେ ଆଲୋଚନା ସମୟରେ ଶିବକୁମାର ଆରଏସଏସ ପ୍ରାର୍ଥନା 'ନମସ୍ତେ ସଦା ବତ୍ସଲେ ମାତୃଭୂମେ'ର କିଛି ଧାଡ଼ି ପଢ଼ିଥିଲେ । ବିରୋଧୀ ଦଳ ଏହା ଉପରେ ଟେବୁଲ ବାଡ଼େଇଥିଲେ, କିନ୍ତୁ କଂଗ୍ରେସ ଶିବିରରେ ନୀରବତା ଥିଲା । ତେବେ ଆଜି ସେ କହିଛନ୍ତି ଯେ ଜଣେ ବିଶ୍ୱସ୍ତ କଂଗ୍ରେସ କର୍ମୀ ଭାବରେ, ମୁଁ କାହାର ଭାବନାକୁ ଆଘାତ ଦେବାକୁ ଚାହୁଁନାହିଁ । ଯଦିଓ ମୁଁ କିଛି ଭୁଲ କରିନାହିଁ, କିନ୍ତୁ ଯଦି ଆପଣଙ୍କୁ ଏହା ଖରାପ ଲାଗିଛି ତେବେ ମୁଁ କ୍ଷମା ମାଗୁଛି ।

### ମଣିପୁରରେ ବଡ ...

୨ଟି ୫୧ ମି.ମି. ମୋର୍ଟାର, ୨ଟି ଦେଶୀ କାର୍ବାଇନ୍, ଗୋଟିଏ ୩୨ ପିସ୍ତଲ୍ (ଖାଲି ମ୍ୟାଗଜିନ୍ ସହିତ), ୭ଟି ଆଇଇଡି, ୪ଟି ପମ୍ପି ଲଞ୍ଚ୍, ୫୬ଟି ଜିବିତ କାରତୁସ, ୨୫ଟି ଖାଲି ଖୋକା, ୪ଟି ଟିୟର ସ୍ମୋକ୍ ସେଲ୍, ୨ଟି ଟିୟର ସ୍ମୋକ୍ ଗ୍ରେନେଡ୍, ଗୋଟିଏ ବାଓଫେଙ୍ଗ୍ ହ୍ୟାଣ୍ଡସେଟ୍ ଚାର୍ଜର ସହିତ, ୧ଟି ବିପି କଭର୍, ୨ ଜୋଡି ଟାକ୍ଟିକାଲ୍ ବୁଟ୍, ୧ଟି କମର ବେଲ୍ଟ ରହିଛି । ଏହି ସଫଳତା ଅବିରତ ଅଭିଯାନର ଏକ ଅନ୍ୟତମ ମହତ୍ତ୍ୱପୂର୍ଣ୍ଣ ଫଳାଫଳ ବୋଲି ସୁରକ୍ଷା ବଳ ପକ୍ଷରୁ କୁହାଯାଇଛି ।

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER CUM DMD, SUBARNAPUR.**

**(DISTRICT TUBERCULOSIS CENTRE,SUBARNAPUR WING)**

**Advt. No.. 125 NTEP/2025** **Dated: 26-8-25**

**Expression of interest for Empanelment of X-Ray Services**

Sealed proposals are invited from interested eligible agencies/ vendors for empanelment to provide X-Ray services for Intensified TB Elimination Campaign in Subarnapur District. The eligible criteria, the detail requirement and the formats for submission of proposals are set forth in the following RFP document which can be downloaded from the website: www.subarnapur.odisha.gov.in

Interested agency fulfilling the eligibility criteria may submit their proposal (s) separately as per application format. The details of proposal (s) completed in all respect & super scribed with "Expression of interest for empanelment to provide X-Ray services for Intensified TB Elimination Campaign in Subarnapur District". The agencies have to submit their proposals to the office of the CDM&PHO, Subarnapur which should reach on or before1-09-2025 till 05.00 P.M. through Speed post / Regd. Post only. Incomplete application in any form is liable for rejection. The undersigned reserves the right to reject any or allthe proposals without assigning any reason thereof.

CDM & PHO-Cum-DMD,
Subarnapur.

**OIPR: 10118/11/0011/2526**

ଧ୍ୱନି ପ୍ରତିଧ୍ୱନି



# ଓଡିଶା ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ ସଦସ୍ୟାଙ୍କ ଦୁଇ ଦିନିଆ ଭଦ୍ରକ ଗସ୍ତ

ଭଦ୍ରକ, ୨୬/୮ (ନି.ପ୍ର): ଓଡିଶା ରାଜ୍ୟ ଶିଶୁ ସୁରକ୍ଷା ଆୟୋଗର ସଦସ୍ୟା ମନସ୍ୱିତା ଖୁଣ୍ଟିଆଙ୍କ ଭଦ୍ରକ ଜିଲ୍ଲାକୁ ଦୁଇ ଦିନିଆ ଭଦ୍ରକ ଗସ୍ତରେ ଆସିଛନ୍ତି। ଏହି ମର୍ମରେ ଆଜି ପୂର୍ବାହ୍ନ ରେ ଜିଲ୍ଲା ସର୍କିଟ ଗୃହଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱାଗତ କରାଯାଇଛି । ପ୍ରାରମ୍ଭିକ ସଭାରେ ଜିଲ୍ଲା ସ୍ତରର ସମସ୍ତ ଶିଶୁ ସୁରକ୍ଷା ସମ୍ପର୍କିତ ପଦାଧିକାରୀଙ୍କ ସହ ଆଲୋଚନା ହୋଇଥିଲା। ଏଥିରେ ଶିଶୁ ମଙ୍ଗଳ ସମିତିର ଅଧକ୍ଷ ଡ଼.ଦେବରାଜ ପାଣିଗ୍ରାହୀ ଓ ସମସ୍ତ ସଦସ୍ୟ, ଜିଲ୍ଲା ଶ୍ରମ ବିଭାଗ,ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି ସମେତ ମହିଳା ଓ ଶିଶୁ ବିକାଶ ବିଭାଗର ସମସ୍ତ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ । ଅପରାହ୍ନରେ ଗାନ୍ଧୀ ଓଡ଼ିଶା ବାଳ ଶ୍ରମ ଶିଶୁ ଅନୁଷ୍ଠାନକୁ ପରିଦର୍ଶନ ରେ ଅନ୍ତେବାସୀ ମାନଙ୍କ ପାଇଁ ପ୍ରସ୍ତୁତ ଖାଦ୍ୟ ଯାଞ୍ଚ, ସେମାନଙ୍କ ପାଇଁ ଶିକ୍ଷା, ଲାଇବ୍ରେରୀ, ଶୌଚାଳୟ, ପରାମର୍ଶ ସେବା, ପରିବାରକୁ ଫେରିଥିବା ଶିଶୁଙ୍କ ସ୍ଥିତି ସମ୍ବନ୍ଧରେ ପଚାରି ବୁଝିଥିଲେ । ପରେ ଉକ୍ତ ଅନୁଷ୍ଠାନ ସଭାଗୃହ ପରିସରରେ ଶିଶୁ ମାନଙ୍କ ସହ ଭାବ ବିନିମୟ କାର୍ଯ୍ୟକ୍ରମ ଆଶ୍ରମ ସମ୍ପାଦକ ଅଶୋକ ଦାସ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଉକ୍ତ ଆଲୋଚନାରେ ଶିଶୁ ମାନଙ୍କ ପାଇଁ ଧନ୍ଦା ମୂଳକ ଶିକ୍ଷା ଏବଂ ଶିଶୁ ମାନେ ସ୍ୱାବଲମ୍ବୀ ହେବା ପାଇଁ ସମସ୍ତେ ତତ୍ପରତା ପ୍ରକାଶ କରିବା ଉଚିତ୍ ବୋଲି ପ୍ରକାଶ କରିଥିଲେ ।ପରେ ସଙ୍ଗୀତ ଗୃହ ପରିଦର୍ଶନ କରି ସଙ୍ଗୀତ କୁ ଆଧାର କରି ଶିଶୁ ମାନେ ମଧ ଆଗକୁ ଯାଇ ପାରିବେ କହିଥିଲେ ।ଉକ୍ତ କାର୍ଯ୍ୟକ୍ରମରେ ସସ୍ମିତା ନାୟକ,ତଥାଗତ ଜେନା ,ଝରଣା ବିଶ୍ୱାଳ,ସମେତସେହିପରି ଆଶୀୟନା ମୁକ୍ତାଶ୍ରୟ କେନ୍ଦ୍ର ପରିଦର୍ଶନରେ ଆସିୟନାର ସମ୍ପାଦିକା ସୋଫିଆ ସେକ୍‌ଙ୍କ ସଭାପତିତ୍ୱରେ ଅନ୍ତେବାସୀ ମାନଙ୍କ ସହ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା ।ବାଳିକା ମାନଙ୍କୁ ଉତ୍ତମ ପରାମର୍ଶ ସେବା ଯୋଗାଇ ଦେଲେ ବାଲ୍ୟ ବିବାହ, ଘରୁ ଲୁଚି ପଳେଇବା ବା ପୋକ୍ସୋ ଭଳି ଅପରାଧ ରୁ ନିବୃତ ରହିବେ ବୋଲି ମତ ପୋଷଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ରିଆଜ ଅହମଦ ସହ ସସ୍ମିତ ମହାନ୍ତି, ବିକାଶ ରାଉତ।

# ବୈଶିଙ୍ଗା ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ଜମା ସମ୍ବନ୍ଧୀୟ ସଚେତନତା କର୍ମଶାଳା




ବୈଶିଙ୍ଗା, ୨୬/୮ (ନି.ପ୍ର): ସାରା ଦେଶର ଜନସାଧାରଣ ବ୍ୟାଙ୍କ ସେବା ପ୍ରତି ଅଧିକ ଆକୃଷ୍ଟ ହେବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବ୍ୟାଙ୍କ ମାଧମରେ ବିଭିନ୍ନ ଲୋକାଭିମୁଖୀ ଜମା ଏବଂ ବୀମା ଯୋଜନାରେ ଅନ୍ତର୍ଭୁକ୍ତ ହେବା ର ସୁଯୋଗ ସୃଷ୍ଟି ପାଇଁ ପ୍ରତି ପଞ୍ଚାୟତରେ ଶିବିର କରିଆରେ ସଚେତନ କରିବାକୁ ବ୍ୟାଙ୍କ ମାନଙ୍କୁ ପରାମର୍ଶ୍ ଦେଇଛନ୍ତି । ଏହାକୁ ଆଧାର କରି ବୈଶିଙ୍ଗା ବ୍ୟାଙ୍କ ଅଫ ଇଣ୍ଡିଆ ପକ୍ଷରୁ ଆଜି ଏକ ସଚେତନତା ଶିବିର ତିଆଡି କଲ୍ୟାଣ ମଣ୍ଡପ ରେ ଅନୁଷ୍ଠିତ ହୋଇ ଯାଇଛି । ଅଗ୍ରଣୀ ଆଞ୍ଚଳିକ ପ୍ରବନ୍ଧକ ସୂର୍ଯ୍ୟ ନାରାୟଣ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଶିବିର ରେ ବିଶିଷ୍ଟ ଅତିଥି ଭାବେ ଭାରତୀୟ ରିଜର୍ଭ ବ୍ୟାଙ୍କର ମୟୂରଭଞ୍ଜର ଅଗ୍ରଣୀ ଆଞ୍ଚଳିକ ଅଧିକାରୀ ସନ୍ତୋଷ କୁମାର ମିଶ୍ର, ବ୍ୟାଙ୍କ ଅଫ୍ ଇଣ୍ଡିଆର ଜେନେରାଲ ମ୍ୟାନେଜର ବିକାଶ କ୍ରୀଷ୍ଣା ,ଡେପୁଟି ଜେନେରାଲ ମ୍ୟାନେଜର ଶ୍ରୀ ନିଶ୍ଚିନ୍ତ , ବୈଶିଙ୍ଗା ବ୍ୟାଙ୍କ ଅଫ ଇଣ୍ଡିଆର ଶାଖା ପ୍ରବନ୍ଧକ ରାଜେଶ ନାୟକ ପ୍ରମୁଖ ଉପସ୍ଥିତ ରହି ପ୍ରଧାନମନ୍ତ୍ରୀ ଙ୍କ ଜନ -ଧନ ଯୋଜନା, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା, ଜନ ସୁରକ୍ଷା ବୀମା ଯୋଜନା ,ଅଟଳ ପେନସନ ଯୋଜନା, ବିଷୟରେ ସ୍ୱୟଂ ସହାୟକ ଗୋଷ୍ଠୀର ମାଆ ମାନଙ୍କୁ ସଚେତନ କରାଇଥିଲେ, ଏଥି ସହିତ ସାଇବର କ୍ରାଇମ ପ୍ରତି ସଚେତନ ରହିବା, ନିଷ୍କ୍ରିୟ ଜମା ଖାତା ନବୀକରଣ କରାଇବାର ବ୍ୟବସ୍ଥା ବିଷୟରେ ପୁଙ୍ଖାନୁପୁଙ୍ଖ ବଖାଣିଥିଲେ । ଲୋକ ପ୍ରତିନିଧି ଭାବେ ବୈଶିଙ୍ଗା ସରପଞ୍ଚ ସାବିତ୍ରୀ ମୁର୍ମୁ, ସମିତି ସଭ୍ୟା ସରସ୍ୱତୀ ଦାସ ଏବଂ କେନ୍ଦୁଆ ସରପଞ୍ଚ ମନମୋହନ ମାଝୀ ପ୍ରମୁଖ ମଞ୍ଚ ରେ ଉପସ୍ଥିତ ରହି ବ୍ୟାଙ୍କ ସେବା ବିଷୟ ରେ କିଛି ଉପଦେଶ ଦେଇଥିଲେ । ଶେଷରେ ଶାଖା ପ୍ରବନ୍ଧକ ରାଜେଶ ନାୟକ ଧନ୍ୟବାଦ ଜଣାଇଥିଲେ ।

## ଭଦ୍ରକରେ ଗାଡି ଯାଞ୍ଚ ୬୯ ହଜାର ଟଙ୍କାର ଚାଲାଣ

ଭଦ୍ରକ , ୨୬/୮ (ନି.ପ୍ର): ଦୁର୍ଘଟଣା ରୋକିବାକୁ ଜିଲ୍ଲା ପ୍ରଶାସନ ଓ ପରିବହନ ବିଭାଗ ତରଫରୁ ଯେତେ ସଚେତନତା କରା ଗଲେବି ସେ ସବୁ କୁ ଅମାନିଆ ଗାଡି ଚାଳକ ମାନେ ଫୁ କରିଦେଉଛନ୍ତି ।ଫଳରେ ଭଦ୍ରକପ ଚାନ୍ଦବାଲି ରାଜ୍ୟ ରାଜପଥ ରେ ଦିନକୁ ଦିନ ଦୁର୍ଘଟଣା ଘଟିବାରେ ଲାଗୁଛି । ତେଣୁ ଏହାକୁ ରୋକିବାକୁ ଭଦ୍ରକ ଜିଲ୍ଲା ପାଳ ଦିଲ୍ଲୀପ ରାଉତ ରାୟ ଙ୍କ ନିର୍ଦ୍ଦେଶ କ୍ରମେ ମଙ୍ଗଳ ବାର ଏହି ରାଜ୍ୟ ରାଜପଥ ର ଇଚ୍ଛା ପୁର ବାଲି ବିଲି ଠାରେ ଗାଡି ଯାଞ୍ଚ କରାଯାଇଛି । ଏହି ଯାଞ୍ଚ ବେଳେ ୩୯ ଗୋଟି ଗାଡ଼ି ରୁ ଏକ ଲକ୍ଷ ୬୯ ହଜାର ଟଙ୍କା ର ଚାଲାଣ କଟା ଯାଇଥିବା ଜଣା ପଡିଛି । ଏହି ଯାଞ୍ଚ ସମୟରେ ଜିଲ୍ଲା ସଡ଼କ ସୁରକ୍ଷା ଅଧିକାରୀ ଅବଦୁଲ ରହିମ, ଟ୍ରାଫିକ ସବ ଇନ୍ସପେକ୍ଟର ଶର୍ମିଷ୍ଠା ମିଶ୍ର, ଜୁନିଅର ଏମ ଭି ଆଇ ପ୍ରିୟଙ୍କା ପ୍ରଧାନ, ଅତିରିକ୍ତ ଟ୍ରାଫିକ ଇନ୍ସପେକ୍ଟର ଶ୍ୟାମ ସୁନ୍ଦର ନାୟକ ଙ୍କ ସମେତ ପରିବହନ ବିଭାଗ ର ଅନ୍ୟ କର୍ମଚାରୀ ମାନେ ଉପସ୍ଥିତ ଥିଲେ ।ଆଗାମୀ ଦିନ ରେ ଏହି ଯାଞ୍ଚ ପ୍ରକ୍ରିୟା ଜୋରଦାର ହେବ ବୋଲି ବିଭାଗ ସୂତରୁ ପ୍ରକାଶ।

# ନୂତନ କଲ୍ୟାଣମଣ୍ଡପ ଏବଂ ସିଲେଇ ପ୍ରଡକ୍ସନ ୟୁନିଟ ଉଦ୍ଘାଟିତ




ନୀଳଗିରି , ୨୬/୮ (ନି.ପ୍ର): ମଙ୍ଗଳବାର ନୀଳଗିରି ନିର୍ବାଚନମଣ୍ଡଳୀ ଧୋବଶିଳା ଗ୍ରାମପଞ୍ଚାୟତ ପରିସରରେ ଏକ ନୂତନ କଲ୍ୟାଣମଣ୍ଡପ ଏବଂ ସିଲେଇ ପ୍ରଡକ୍ସନ ୟୁନିଟର ଶୁଭ ଉଦଘାଟନ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମାନ୍ୟବର ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ବ୍ୟକ୍ତିଗତ ପ୍ରଚେଷ୍ଟାରେ ଶତାଧିକ ମହିଳାଙ୍କୁ ସ୍ୱାବଲମ୍ବୀ ସହିତ ଆତ୍ମନିର୍ଭରଶୀଳ ହେବାପାଇଁ ଶହେରୁ ଉର୍ଦ୍ଧ୍ୱ ସିଲାଇ ମେସିନ ପ୍ରଦାନକରାଯାଇ ପ୍ରଶିକ୍ଷିତ କରାଯାଇଥିଲା ।ଏହି ଶୁଭ ଉଦଘାଟନ ଉତ୍ସବରେ ଉଦଘାଟକ ତଥା ମୁଖ୍ୟଅତିଥି ଭାବେ ମାନ୍ୟବର ସାଂସଦ ଶ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସମ୍ମାନିତ ଅତିଥିଭାବେ ସ୍ଥାନୀୟ ବିଧାୟକ ସନ୍ତୋଷ କୁମାର ଖଟୁଆ,ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ,ନୀଳଗିରି ଉପଜିଲ୍ଲାପାଳ ଡ଼ଃ ମଧୁସ୍ମିତା ସାମନ୍ତରାୟ, ନୀଳଗିରି ବିଡ଼ିଓ ବିକ୍ରମ କେଶରୀ ପରିଡ଼ା,ବ୍ଲକ ଅଧକ୍ଷା ଶୁଭଲକ୍ଷ୍ମୀ ମାଝୀ, ୧୩ନଂ ଜିଲ୍ଲା ପରିଷଦ ସଦସ୍ୟ ଗତିକୃଷ୍ଣ ନନ୍ଦ, ୨ନଂ ଜିଲ୍ଲା ପରିଷଦ ସଭ୍ୟା ଉଷାରାଣୀ ରାଉଳ, ୧୨ନଂ ଜିଲ୍ଲାପରିଷଦ ସଭ୍ୟା ରଂଜିତା ସିଂ, ୧୧ନଂ ଜିଲ୍ଲାପରିଷଦ ସଦସ୍ୟା ସୁବର୍ଣ୍ଣ ମଞ୍ଜରୀ ସିଂ,ଧୋବଶିଳା ସରପଞ୍ଚ ଦିଲ୍ଲୀପ ସିଂ,ସମିତି ସଭ୍ୟ ପାଗୁଲୁ ସିଂ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ନବନିର୍ମିତ କଲ୍ୟାଣ ମଣ୍ଡପରେ ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ ଓ ରୋଜଗାରକ୍ଷମ କରିବାପାଇଁ ସୁମେଣ୍ଟର ପ୍ରୋପାଇଟର ନିକିତା ଶାହା ସୁପ୍ରିତ୍ ସିଂଙ୍କ ଦ୍ୱାରା ୫୦ଟି ଅତ୍ୟାଧୁନିକ ସିଲେଇ ମେସିନ ପ୍ରଦାନ କରାଯାଇଅଛି ।ଏଠାରେ ମହିଳାମାନେ ସିଲେଇ ପ୍ରଶିକ୍ଷଣନେବା ସହିତ ବିଭିନ୍ନପ୍ରକାରର ବସ୍ତ୍ର ସିଲେଇ କରି ରୋଜଗାରକ୍ଷମ ହୋଇପାରିବେ। ତେବେ ତିଆରି ବସ୍ତ୍ର ମାର୍କେଟିଂ ପାଇଁ ଅସୁବିଧା ଥିବାରୁ ସୁମେଣ୍ଟର ପ୍ରୋ ସଂସ୍ଥା ଦ୍ୱାରା ବିକ୍ରୟ କରିପାରିବେ ବୋଲି ସଂସ୍ଥାର ମାଲିକ ସୂଚନା ଦେଇଛନ୍ତି।ଏହି କେନ୍ଦ୍ର ଦ୍ୱାରା ମହିଳାମାନେ ନିଶ୍ଚିତଭାବେ ଲକ୍ଷ୍ୟପତି ଦିଦି ହୋଇପାରିବେ ବୋଲି ମାନ୍ୟବର ସାଂସଦ ଦୃଢୋକ୍ତି ପ୍ରକାଶ କରିବାସହ ଆଗାମୀଦିନରେ ବାଲେଶ୍ୱର ଜିଲ୍ଲା ପ୍ରଶାସନର ସହଯୋଗନେଇ ଅନେକ ସିଲେଇ ପ୍ରଶିକ୍ଷଣ କେନ୍ଦ୍ର ଏବଂ ପ୍ରଡ଼କ୍ସନ ୟୁନିଟ ଖୋଲିବାପାଇଁ ଯୋଜନା ରଖିଛନ୍ତି ବୋଲି ମତପ୍ରକାଶ କରିଥିଲେ। ମହିଳାମାନଙ୍କ ପାଇଁ ହୋଇଥିବା ଏଭଳି ସୁନ୍ଦର ପଦକ୍ଷେପକୁ ମାନ୍ୟବର ବିଧାୟକ ପ୍ରଶଂସା କରିଛନ୍ତି। ନିବେଦିତା ପଣ୍ଡା,ଅନିତା ନାୟକ,ବାଣିଶ୍ରୀ ବେହେରା ପ୍ରମୁଖ ମହିଳା ସିଲେଇ ପ୍ରଶିକ୍ଷଣ ଦ୍ୱାରା ସେମାନେ କିଭଳି ସ୍ୱାବଲମ୍ବୀ ଓ ରୋଜଗାରକ୍ଷମ ହୋଇପାରିଛନ୍ତି ନିଜର ଅନୁଭୂତିକୁ ବର୍ଣ୍ଣନା କରିଥିଲେ। ମାନ୍ୟବର ସାଂସଦଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଗଢିଉଠିଥିବା ଏହି କେନ୍ଦ୍ର ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ ଓ ସ୍ୱାବଲମ୍ବୀ କରିବ ଯାହାକୁ ନେଇ ଅଞ୍ଚଳବାସୀ ମାନ୍ୟବର ସାଂସଦଙ୍କୁ ପ୍ରଶଂସା କରିଛନ୍ତି।

# ରେମୁଣା ନିର୍ବାଚନ ମଣ୍ଡଳୀର ଦୁର୍ଗାଦେବୀ ପଞ୍ଚାୟତରେ ବିଧାୟକଙ୍କ ବିଭିନ୍ନ ଲୋକାଭିମୁଖୀ ପ୍ରକଳ୍ପର ଶୁଭ ଶିଳାନ୍ୟାସ



ରେମୁଣା, ୨୬/୮ (ନି.ପ୍ର): ରେମୁଣା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଦୁର୍ଗାଦେବୀ ଗ୍ରାମପଞ୍ଚାୟତରେ ବିଭିନ୍ନ ଲୋକାଭିମୁଖୀ ପ୍ରକଳ୍ପର ଶୁଭ ଶିଳାନ୍ୟାସ କରାଯାଇଥିଲା। ସରକାରୀ ଉପମୁଖ୍ୟ ସଚେତକ ତଥା ବିଧାୟକ ରେମୁଣା ଗୋବିନ୍ଦ ଚନ୍ଦ୍ର ଦାସଙ୍କ କରକମଳରେ 'ବିକଶିତ ଗାଁ ବିକଶିତ ଓଡିଶା' ଅନ୍ତର୍ଗତ ବିଭିନ୍ନ ପ୍ରକଳ୍ପର ଶୁଭ ଶିଳାନ୍ୟାସ କରାଯାଇଥିଲା। ଏହି ଅବସରରେ ବିଧାୟକଙ୍କ ବ୍ୟକ୍ତିଗତ ସହାୟକ କୃଷ୍ଣ ଚନ୍ଦ୍ର ସାହା, ମଣ୍ଡଳ ସଭାପତି ବିବେକ ବିକାଶ ରାଉତ, ପଞ୍ଚାୟତ ସଭାପତି କାଳୀ ଚରଣ ମାଝୀ, ସରପଞ୍ଚ ଚୈତନ୍ୟ ମାଝୀ, ସମିତି ସଭ୍ୟା ଭାନୁପ୍ରୀୟା ମାଝୀ, ପୂର୍ବତନ ସରପଞ୍ଚ ତଥା ସିଦ୍ଧେଶ୍ୱର ପ୍ରଧାନ, ରଘୁନାଥ ଦଳେଇ, ସୁରେନ୍ଦ୍ର ମାଝୀ, ରଜନୀ କୁମାର ପାଳ, ଯଦୁନାଥ ଗିରି, ବିଶ୍ୱନାଥ ସାହୁ ଏବଂ ବିଳାସିନୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଅଞ୍ଚଳ ବାସୀଙ୍କ ବହୁ ଦିନର ଆଶା ପୁରଣ ହେବା ସହିତ ସ୍ଥାନୀୟ ଜନସାଧାରଣ ବିଶେଷ ଭାବେ ଉପକୃତ ହେବେ।

## ବନ୍ୟା ସ୍ଥିତି ଅନୁଧ୍ୟାନ ପାଇଁ ଯାଜପୁର ଗଲେ ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର, ୨୬/୮ (ନି.ପ୍ର): ବନ୍ୟା ସ୍ଥିତି ଅନୁଧ୍ୟାନ ପାଇଁ ଯାଜପୁର ଜିଲ୍ଲା ଗସ୍ତରେ ଯାଇଛନ୍ତି ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ। ଉଭୟ ରାଜସ୍ୱ ଏବଂ ଜଳସମ୍ପଦ ବିଭାଗର ଅଧିକାରୀ ମାନେ ମଧ ମନ୍ତ୍ରୀଙ୍କ ସହ ଯାଜପୁର ଯାଇଛନ୍ତି। ଘାଇ ସୃଷ୍ଟି ହୋଇଥିବା ସ୍ଥାନ ପରିଦର୍ଶନ ସହ ଯଥାଶୀଘ୍ର ମରାମତି କେମିତି ହେବ ସେ ନେଇ ପଦକ୍ଷେପ ନିଆଯିବ । ସେପଟେ ଏବେ ବି ଯାଜପୁର ଜିଲ୍ଲାର ବିଭିନ୍ନ ରିଲିଫ ସେଂଟରରେ ଏବେ ବି ୫ ହଜାରରୁ ଅଧିକ ଲୋକ ଆଶ୍ରୟ ନେଇଛନ୍ତି । ଗସ୍ତ ସମୟରେ ମନ୍ତ୍ରୀ ସେମାନଙ୍କ ସୁବିଧା ଅସୁବିଧା ବାବଦରେ ମଧ ସମୀକ୍ଷା କରିବେ।

# ମେଗା ଚାରା ରୋପଣ ଓ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ




ବାରିପଦା, ୨୬/୮ (ନି.ପ୍ର): ନିଖିଳ ଭାରତ ସ୍ୱାୟତ ଶାସନ ଦିବସ ସମାରୋହ ପାଳନ ଅବସରରେ ବାରିପଦା ପୌରପାଳିକା ପକ୍ଷରୁ ମେଗା ଚାରା ରୋପଣ ଓ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସୋମବାର ରଘୁନାଥପୁର ସ୍ଥିତ ସ୍ମାର୍ଟ ସ୍ମଶାନ ଓ ଏଫଏସଟିପି ପ୍ଲାଣ୍ଟ ପରିସରରେ ଏକ ପେଡ ମା କେ ନାମ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ବିଭିନ୍ନ ବୃକ୍ଷର ୧୦୦ରୁ ଉର୍ଦ୍ଧ୍ୱ ଚାରାରୋପଣ କରାଯାଇଛି । ନଗରପାଳ କୃଷ୍ଣାନନ୍ଦ ମହାନ୍ତି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ଗଛ ମାଟି ମାଆ ପ୍ରତି ଆମର ପ୍ରେମ ଏବଂ ନିବିଡ଼ତାର ପ୍ରତୀକ ଅଟେ। ବୃକ୍ଷରୋପଣ ମାଧ୍ୟମରେ ପରିବେଶ ସୁରକ୍ଷା କରିବା ଏବଂ ସାଧାରଣ ଜନତାଙ୍କ ମଧ୍ୟରେ ଗଛ ଲଗାଇବା ପାଇଁ ସଚେତନତା ସୃଷ୍ଟି କରିବା ମୂଳ ଉଦ୍ଦେଶ୍ୟ ରହିଛି ବୋଲି ନଗରପାଳ ଶ୍ରୀ ମହାନ୍ତି ମତପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଉପ ନଗରପାଳ ସୀମା ଦାସ, ବାରିପଦା ତହସିଲଦାର ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ସପନ କୁମାର ସାହୁ, କାଉନସିଲର ସୁକେସିନୀ ସେଠି, ଅନୁରାଧା ମହାନ୍ତି, ପୂଜା ତରେଇ, ପ୍ରଭାତୀ ପୃଷ୍ଟି, କରୁଣାକର ହେମ୍ବ୍ରମ, ଦିଗବିଜୟ ହାଁସଦା, ଭାଗ୍ୟଲକ୍ଷ୍ମୀ ନାଏକ, ଜିତା ସିଂ, ଗୋଷ୍ଠୀ ସହାୟିକା କୁନିଆ ସାହୁ, ସହକାରୀ ଯନ୍ତ୍ରୀ ଦେବାଶିଷ ସ୍ୱାଇଁ, କନିଷ୍ଠ ଯନ୍ତ୍ରୀ ବୁଦ୍ଧିରାମ ସିଂ, ରଘୁନାଥପୁର ବରିଷ୍ଠ ନାଗରିକ ମଞ୍ଚର ସଦସ୍ୟଗଣ ଏବଂ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାଗଣ ଉପସ୍ଥିତ ଥିଲେ। ସ୍ଥାନୀୟ କଚେରୀ ପରିସରରେ ମଙ୍ଗଳବାର ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମରେ ସଫେଇ ଅନୁଷ୍ଠିତ ହୋଇଛି। ସ୍ୱଚ୍ଛ ପରିବେଶ ସୃଷ୍ଟି କରିବା ଲକ୍ଷ୍ୟରେ ସାମୁହିକ ଭାବେ ଅଳିଆ ଆବର୍ଜନା ସଫେଇ କରିବା ସହ ବ୍ଲିଚିଂ ଆଦି ପକା ଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଉପ ନଗରପାଳ ସୀମା ଦାସ, ବାରିପଦା ତହସିଲଦାର ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ସପନ କୁମାର ସାହୁ, ବାରିପଦା ଓକିଲ ସଂଘ ସଭାପତି ପ୍ରବୀର କୁମାର ବସା, ସମ୍ପାଦକ ବିପ୍ଳବ ବାରିକ, କାଉନସିଲର ସୁକେସିନୀ ସେଠି, ଅନୁରାଧା ମହାନ୍ତି, ପୂଜା ତରେଇ, ପ୍ରଭାତୀ ପୃଷ୍ଟି, କରୁଣାକର ହେମ୍ବ୍ରମ, ଦିଗବିଜୟ ହାଁସଦା, ଭାଗ୍ୟଲକ୍ଷ୍ମୀ ନାଏକ, ଜିତା ସିଂ, ଅନନ୍ତ ଦାସ, ପ୍ରଭାତ ମହାନ୍ତି, ସମାଜସେବୀ ଅମର ସେଠି, ସ୍ୱଚ୍ଛତା ବିଶେଷଜ୍ଞ ଗୌରୀ ଶଙ୍କର ନାୟକ ଓ ସାର୍ଥକ ପ୍ରୟାସ ପାତ୍ର, ସ୍ୱଚ୍ଛତା ନିରୀକ୍ଷକ ଦେବବ୍ରତ ଦାସ ଓ କମଲ ବାସ୍କେ, ସହକାରୀ ଯନ୍ତ୍ରୀ ଦେବାଶିଷ ସ୍ୱାଇଁ, କନିଷ୍ଠ ଯନ୍ତ୍ରୀ ବୁଦ୍ଧିରାମ ସିଂ, ସ୍ୱଚ୍ଛ ସାଥି, ସଫେଇ କର୍ମଚାରୀ, ସତ୍ୟସାଇ ସେବା ସଂସ୍ଥାର ସ୍ୱେଚ୍ଛାସେବୀ ଏବଂ ଆଇନଜୀବୀ ପ୍ରମୁଖ ଉପସ୍ଥିତ ଥିଲେ।

# ଚଳିତ ବର୍ଷ ସୁବର୍ଣ୍ଣରେଖା ନଦୀରେ ଷଷ୍ଠ ବନ୍ୟା

## ତୃତୀୟ ଦିନରେ ବାଲିଆପାଳ ବ୍ଲକର ବନ୍ୟା ସ୍ଥିତି ଅପରିବର୍ତ୍ତିତ, ୧୦ ଟି ପଞ୍ଚାୟତର ୫୦ରୁ ଉର୍ଦ୍ଧ୍ୱ ଗାଁ ପ୍ରଭାବିତ



ବାଲିଆପାଳ, ୨୬/୮ (ନି.ପ୍ର): ସୁବର୍ଣ୍ଣରେଖା ନଦୀରେ ଆସିଥିବା ଷଷ୍ଠ ବନ୍ୟା ତୃତୀୟ ଦିନରେ ମଧ ଅପରିବର୍ତ୍ତିତ ରହିଛି। ସୋମବାର ଅପରାହ୍ନରେ ବନ୍ୟା ପାଣି ସାମାନ୍ୟ କମ ହୋଇଥିଲା ବେଳେ ରାତ୍ରିରେ ପୁଣି ଥରେ ଜଳ ସ୍ତର ବୃଦ୍ଧି ପାଇବା ଫଳରେ ମଙ୍ଗଳବାର ବାଲିଆପାଳ ବ୍ଲକ ଅଞ୍ଚଳରେ ବନ୍ୟା ସ୍ଥିତି ଅପରିବର୍ତ୍ତିତ ରହିଛି । ତେବେ ଜଳ ସ୍ତର ଧିରେ ଧିରେ କମ ହେଉଥିବା ଦେଖିବାକୁ ମିଳିଛି। ବାଲିଆପାଳ ବ୍ଲକର ୧୦ଟି ପଞ୍ଚାୟତର ୫୦ରୁ ଉର୍ଦ୍ଧ୍ୱ ଗାଁ ପାଣିଘେରରେ ଏବେ ମଧ ରହିଛି। ବାଲିଆପାଳ ବ୍ଲକର ବିଭିନ୍ନ ତଳିଆ ଅଞ୍ଚଳ ଏବେ ମଧ ବାହ୍ୟ ଜଗତରୁ ବିଛିନ୍ନ ହୋଇ ରହିଛି। ବାଲିଆପାଳ ବ୍ଲକର ନିଖିରା, ଅସ୍ତି, ବାଲିଆପାଳ, ବିଷ୍ଣୁପୁର, ଜାମକୁଣ୍ଡା, ମଧୁପୁରା,ଦେଭୋଗ, ଘଣ୍ଟୁଆ, କୁମ୍ଭାରୀ, ଶ୍ରୀରାମପୁର ପ୍ରଭୃତି ପଂଚାୟତ ଜଳମଗ୍ନ ହୋଇଛି । ଚଡପାଳପଡା, ତଳ ଧାନଦା, ଚଡବଢାପାଳ, ପାଳଚମ୍ପେଇ, ଛୋଟଖାନପୁର, କଣ୍ଡାବଣି, ଡାଳୁଆ ୨, ପାରଦୀପା, ସୂର୍ଯ୍ୟାପୁର, ରାଉତୁରାପୁର, କୁଦମାନସିଂ, କୁଦମାନସିଂ ଚଡ, ମନୁନଗର, ସୁଙ୍ଗମୁହଁ, ତଳ ବାଲିଆପାଳ, ଆଠଡାଟିଆ, ରାମନଗର-ରସଲପୁର, ବିଷ୍ଣୁପୁର ଚଡସାହି ନୟାବାଲି, ଇକଡପାଳ, ଚଉଧୁରିକୁଦ, ଚଡବସ୍ତ କାଳରୁହି, ତାଳପଦା, କୁହ୍ଲାଚଡ, ନଖପାଳ, ପ୍ରଭୃତି ଗ୍ରାମ ପାଣି ଘେରରେ ରହିଛି । ପାଳପଡା-ଚଡ ପାଳପଡା, ପାରୁଳିଆ-ପାଳ ଚମ୍ପେଇ, ଫଂଚୁରୁଖି-ଚଉଧୁରିକୁଦ, ଜାମକୁଣ୍ଡା-ତାଳପଦା, ଜାମକୁଣ୍ଡା-କୁହ୍ଲାଚଡ, ଜାମକୁଣ୍ଡା-ନୟାବାଲି, ବାଲିଆପାଳ-ବିଷ୍ଣୁପୁର ପ୍ରଭୃତି ରାସ୍ତା ଉପରେ ଆଜି ମଧ ବନ୍ୟାଜଳ ପ୍ରବାହିତ ହେଉଛି । ବ୍ଲକର ବନ୍ୟା ପ୍ରଭାବିତ ୧୦ଟି ପଞ୍ଚାୟତର ଲୋକଙ୍କ ପାଇଁ କେବଳ ଚୁଡା ଏବଂ ଗୁଡ଼ ବ୍ୟବସ୍ଥା କରାଯାଇଛି। ପାନୀୟ ଜଳର ଘୋର ସମସ୍ୟା ଦେଖାଦେଇଛି। ବିଭିନ୍ନ ସ୍ଥାନରେ ବନ୍ୟା ପିଡିତ ଲୋକମାନେ ଦୁଷିତ ପାଣି ବ୍ୟବହାର କରିବାକୁ ବାଧ ହେଉଛନ୍ତି ବୋଲି ବିଷ୍ଣୁପୁର ପଞ୍ଚାୟତର ଇକଡପାଳ ଏବଂ ରାଉତୁରାପୁର ଗ୍ରାମବାସୀ ଅଭିଯୋଗ କରିଛନ୍ତି ।ପାଞ୍ଚଥର ବନ୍ୟା ପରେ ଚାଷୀମାନେ ବହୁ କଷ୍ଟରେ ବିହନ ଆଣି ଜମିରେ ଧାନ ରୁଆ କରିଥିଲେ। ମାତ୍ର ଏହି ବନ୍ୟା ଫଳରେ ସମସ୍ତ ରୁଆ ହୋଇଥିବା ଧାନ ଜମି ନଷ୍ଟ ହୋଇଯିବାର ସମ୍ଭାବନା ଦେଖାଦେଇଛି। ବାରମ୍ବାର ବନ୍ୟା ବାଲିଆପାଳ ବ୍ଲକର ନଦୀ କୂଳିଆ ଗ୍ରାମବାସୀଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଛି। ବିଷ୍ଣୁପୁର, ଜାମକୁଣ୍ଡା ଏବଂ ମଧୁପୁରା ପଞ୍ଚାୟତର ବନ୍ୟା ପ୍ରଭାବିତ ଲୋକମାନଙ୍କୁ ସୋମବାର ରାତ୍ରୀରେ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଇଥିବା ବେଳେ ଆଜି ମଧାହ୍ନରେ ଜାମକୁଣ୍ଡା ପଞ୍ଚାୟତର ତାଳପଦା ଗ୍ରାମରେ ୬୭୦ଜଣ,କୁହ୍ଲାଚଡ ଗ୍ରାମରେ ୬୩୦ଜଣ ବିଷ୍ଣୁପୁର ପଞ୍ଚାୟତର ନୟାବାଲି ଗ୍ରାମରେ ୪୫୦ଜଣ,ମଧୁପୁରା ପଞ୍ଚାୟତର ଚୌଧୁରିକୁଦ ଗ୍ରାମରେ ୬୭୦ଜଣ ଏବଂ ଚଡବସ୍ତ କାଳରୁଇ ଗ୍ରାମରେ ୪୫୦ଜଣ ଏହିପରି ୨୮୭୦ଜଣ ବନ୍ୟା ପ୍ରଭାବିତ ଲୋକମାନଙ୍କୁ ରନ୍ଧାଖାଦ୍ୟ ଦିଆଯାଇଛି । ଆବଶ୍ୟକ ପଡିଲେ ଆଜି ରାତିରେ ମଧ ରନ୍ଧା ଖାଦ୍ୟ ଯୋଗାଇ ଦିଆଯିବ ବୋଲି ବିଡ଼ିଓ ସୂଚନା ଦେଇଛନ୍ତି । ସେହିପରି ଲୋକମାନଙ୍କ ଯାତାୟତ ପାଇଁ ଇକଡପାଳ, କୁହ୍ଲାଚଡ,ତାଳପଦା, ବିଷ୍ଣୁପୁର , ଲକପାଳ, ଚୌଧୁରିକୁଦ, କୁଦମାନସିଂ ପ୍ରଭୃତି ସ୍ଥାନରେ ଏସଆରସିର ୯ଟି ପାଓ୍ୱାର ବୋଟ ଯୋଗାଇ ଦିଆଯାଇଥିବା ବେଳେ ଗୋଟିଏ ଓଡ୍ରାଫ ଟିମ ଅସ୍ତି ପଞ୍ଚାୟତରେ ପାଓ୍ୱାର ବୋଟ ସହିତ ରହିଛି ।ଏହା ବାଦ ଯେଉଁ ସବୁ ସ୍ଥାନରେ ପାଓ୍ୱାର ବୋଟ ଯାଇପାରୁ ନାହିଁ ଯେମିତି ରାଉତୁରାପୁର, ରାମନଗର, ରସଲପୁର, ଆଠବାଟିଆ,ତଳ ବାଲିଆପାଳ, କୁଦମାନସିଂ ଚଡ ଓ ପାଳଚମ୍ପେଇ ପ୍ରଭୃତି ସ୍ଥାନରେ ୭ଟି ଦେଶୀ ଡଙ୍ଗା ଯୋଗାଇ ଦିଆଯାଇଛି। ସେହିପରି ଫାୟାର ବ୍ରିଗେଡ ପକ୍ଷରୁ ଚୌଧୁରୀକୁଦ ଠାରେ ଏକ ପାଓ୍ୱାର ବୋଟ ଲୋକଙ୍କ ଯାତାୟତ ପାଇଁ ରହିଛି। ପୂର୍ବ ବନ୍ୟାରେ ବାଲିଆପାଳ ବ୍ଲକର ପରିବା ଚାଷ ଏବଂ ନଳିତା ଚାଷ ସମ୍ପୂର୍ଣ୍ଣ ଉଜୁଡି ଯାଇଥିବା ବେଳେ ଚଳିତ ବନ୍ୟାରେ ବ୍ଲକର ୨ହଜାର ୫ଶହ ହେକ୍ଟରରୁ ଉର୍ଦ୍ଧ୍ୱ ଧାନଚାଷ ଜଳମଗ୍ନ ହୋଇରହିଛି। ଧନ ଜମି ଉପରେ ୬ଫୁଟରୁ ଉର୍ଦ୍ଧ୍ୱ ବନ୍ୟା ପାଣି ଲହଡ଼ି ଭାଙ୍ଗୁଛି। ତେବେ ବନ୍ୟା ସମ୍ପୂର୍ଣ୍ଣ ଛାଡ଼ିବା ପରେ ପ୍ରକୃତ କ୍ଷୟକ୍ଷତି ଆକଳନ କରାଯାଇ ସରକାରଙ୍କୁ ରିପୋର୍ଟ ଦିଆଯିବ ବୋଲି ବ୍ଲକ କୃଷି ଅଧିକାରୀ କହିଛନ୍ତି। ଆଜି ବିଡିଓ ରାଧା ରଞ୍ଜନ ଦାସ ଏବଂ ତହସିଲଦାର ଜ୍ୟୋତ୍ସ୍ନାରାଣୀ ନାୟକ ବ୍ଲକର ବିଭିନ୍ନ ବନ୍ୟା ଅଞ୍ଚଳକୁ ଯାଇ ଲୋକମାନଙ୍କ ସୁବିଧା ଅସୁବିଧା ପଚାରି ବୁଝିଛନ୍ତି।




❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida